আଜି - ମଙ୍ଗଳବାର
ତାରିଖ - ୦୫ ମଇ ୨୦୨୬
ମାସ - ମେଷ, ଦିନ - ୨୨
ତିଥି - ତୃତୀୟା ମଳ, ପକ୍ଷ- କୃଷ୍ଣ
ନକ୍ଷତ୍ର - ଜ୍ୟେଷ୍ଠା, ବିଛା, ଚନ୍ଦ୍ର
ସୂର୍ଯ୍ୟୋଦୟ - ୫: ୧୯: ୦୦
ସୂର୍ଯ୍ୟାସ୍ତ - ୬ : ୦୭ : ୦୦

E-mail: ajikalibls@gmail.com

ସତ ଖବର ସମସ୍ତଙ୍କ ଖବର

# ଆଜିକାଲି

Morning Edition AJIKALI ପ୍ରଭାତୀ ସଂସ୍କରଣ

ପ୍ରତିଷ୍ଠାତା - ବିସ୍ମୟ ମହାନ୍ତି


"ଜଣେ ନିଜେ ଠିକ୍ ଥିଲେ ତାଙ୍କୁ ନିନ୍ଦା କି ପ୍ରଶଂସା, କିଛିହେଲେ ବିଚଳିତ କରି ପାରିବ ନାହିଁ, କାରଣ ସେ କ'ଣ, ତାହା ସେ ଜାଣିଥିବେ ।"

\- ମଦର ଟେରେସା


E-News : www.Ajikali epaper.com

Vol.- 41 ISSUE- 21 R.N.I. REGD. No. 44026/86 ବାଲେଶ୍ୱର ୦୫ ମଇ ୨୦୨୬ ମଙ୍ଗଳବାର BALASORE 05 MAY 2026 TUESDAY "REGISTERED" REGISTRATION NO. BALASORE (ORISSA)/003/2023-24 Rupees - 2.00 ମୂଲ୍ୟ – ଟ.୨.୦୦


# ପଶ୍ଚିମବଙ୍ଗରେ ବିଜେପିର ଐତିହାସିକ ବିଜୟ

## ପଶ୍ଚିମବଙ୍ଗ, ଆସାମ, କେରଳ, ପୁଡୁଚେରୀ ଏବଂ ତାମିଲନାଡୁର ଜନସାଧାରଣଙ୍କୁ କୃତଜ୍ଞତା ଜଣାଇଲେ ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ : ପଶ୍ଚିମବଙ୍ଗ ଏବଂ ଆସାମ ବିଧାନସଭା ନିର୍ବାଚନରେ ଭାରତୀୟ ଜନତା ପାର୍ଟିର ବିସ୍ମୟକର ବିଜୟ ପରେ ଦିଲ୍ଲୀର ଦଳୀୟ ମୁଖ୍ୟାଳୟରେ ଉତ୍ସବର ପରିବେଶ ସୃଷ୍ଟି ହୋଇଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଭାଜପା ମୁଖ୍ୟାଳୟରୁ ଦଳୀୟ କର୍ମୀମାନଙ୍କୁ ସମ୍ବୋଧିତ କରିବାକୁ କରିଛନ୍ତି । ତାଙ୍କ ଅଭିଭାଷଣରେ, ସେ ୫ଟି ରାଜ୍ୟର ଜନସାଧାରଣଙ୍କ ପ୍ରତି କୃତଜ୍ଞତା ପ୍ରକାଶ କରିଛନ୍ତି । ଏହି ଅବସରରେ, ପ୍ରଧାନମନ୍ତ୍ରୀ ମୋଦି ଏକ ଭିନ୍ନ ପୋଷାକ ପିନ୍ଧିଥିବା ଦେଖାଯାଇଥିଲା । ଏହି ଅବସରରେ ପ୍ରଧାନମନ୍ତ୍ରୀ ମୋଦି କହିଛନ୍ତି, ଆଜି ଏକ ଐତିହାସିକ ଦିନ । ଯେତେବେଳେ ବର୍ଷ ବର୍ଷର ସମର୍ପଣ ଏବଂ କଠିନ ପରିଶ୍ରମ ସଫଳତାରେ ପରିଣତ ହୁଏ, ସେତେବେଳେ ଯେଉଁ ଆନନ୍ଦ ମିଳେ, ତାହା ଚେହେରାକୁ ଆଲୋକିତ କରେ । ସେହି ଆନନ୍ଦ ଆଜି ମୁଁ ସାରା ଦେଶର ଭାଜପା କର୍ମୀଙ୍କ ମୁହଁରେ ଦେଖୁଛି । ଏହି ଦିନଟି ଅନେକ ଦୃଷ୍ଟିରୁ ସ୍ୱତନ୍ତ୍ର । ଏହା ଏପରି ଏକ ଦିନ ଯାହା ଦେଶ ପାଇଁ ଏକ ଉଜ୍ଜ୍ୱଳ ଭବିଷ୍ୟତର ସୂଚନା ଦିଏ । ଏହା ବିଶ୍ୱାସର ଦିନ । ମୁଁ ବଙ୍ଗଳା, ଆସାମ, କେରଳ, ପୁଡୁଚେରୀ ଏବଂ ତାମିଲନାଡୁର ଜନସାଧାରଣଙ୍କ ପ୍ରତି ମୋର ଗଭୀର କୃତଜ୍ଞତା ପ୍ରକାଶ କରୁଛି । ପ୍ରଧାନମନ୍ତ୍ରୀ ମୋଦି ମଧ୍ୟ ଏହି ସଫଳତା ପାଇଁ ବିଜେପି ସଭାପତି ନୀତିନ ନବୀନଙ୍କୁ ଅଭିନନ୍ଦନ ଜଣାଇଛନ୍ତି ଏବଂ ତାଙ୍କ ପ୍ରୟାସକୁ ପ୍ରଶଂସା କରିଛନ୍ତି । ପ୍ରଧାନମନ୍ତ୍ରୀ ମୋଦି ମନ୍ତବ୍ୟ ଦେଇଛନ୍ତି, ପ୍ରତ୍ୟେକ ଭାଜପା କର୍ମୀ – ବଡ଼ ହେଉ କି ଛୋଟ – କିଛି ଅସାଧାରଣ ହାସଲ କରିଛନ୍ତି; ଆପଣ ଇତିହାସରେ ଏକ ନୂତନ ଅଧ୍ୟାୟ ଲେଖିଛନ୍ତି ।" ନୀତିନ ନବୀନ ଦାୟିତ୍ୱ ଗ୍ରହଣ କରିବା ପରେ ଏହା ପ୍ରଥମ ନିର୍ବାଚନୀ ପ୍ରତିଯୋଗିତା ଥିଲା । ଏହି ଅଭିଯାନ ସମୟରେ ପ୍ରତ୍ୟେକ କର୍ମୀଙ୍କୁ ସେ ଯେଉଁ ମାର୍ଗଦର୍ଶନ ଦେଇଥିଲେ ତାହା ଏହି ବିଜୟ ପାଇଁ ଅମୂଲ୍ୟ ପ୍ରମାଣିତ ହୋଇଥିଲା । ପଶ୍ଚିମବଙ୍ଗ ନିର୍ବାଚନ ଫଳାଫଳ ଉପରେ ମନ୍ତବ୍ୟ ଦେଇ ପ୍ରଧାନମନ୍ତ୍ରୀ ମୋଦି କହିଛନ୍ତି ଯେ, ଏହି ବିଜୟ କେବଳ ଗଣତନ୍ତ୍ରର ନୁହେଁ ବରଂ ଦେଶର ସାମ୍ବିଧାନିକ ପ୍ରତିଷ୍ଠାନଗୁଡ଼ିକର ମଧ୍ୟ । ପଶ୍ଚିମବଙ୍ଗରେ ୯୩ ପ୍ରତିଶତ ଭୋଟରଙ୍କ ଯୋଗଦାନ ଏକ ଉଲ୍ଲେଖନୀୟ ସଫଳତା । ଏଥିପାଇଁ ମୁଁ ନିର୍ବାଚନ କମିଶନଙ୍କୁ ମୋର ହାର୍ଦ୍ଦିକ ଅଭିନନ୍ଦନ ଜଣାଉଛି । ବିହାର ନିର୍ବାଚନ ଫଳାଫଳ ପରେ ପ୍ରଧାନମନ୍ତ୍ରୀ ମୋଦି ତାଙ୍କ ଭାଷଣକୁ ଉଲ୍ଲେଖ କରି କହିଛନ୍ତି, ବଙ୍ଗଳାରେ ବିଜୟ ସହିତ 'ପଦ୍ମ' ସବୁଠି ଫୁଟିଛି । ଗଙ୍ଗୋତ୍ରୀରୁ ଗଙ୍ଗା ସାଗର ପର୍ଯ୍ୟନ୍ତ ଚାରିଆଡ଼େ ବ୍ୟାପିଛି ।




### ଆଜି ଏକ ଐତିହାସିକ ଦିନ

- ଗଙ୍ଗୋତ୍ରୀରୁ ଗଙ୍ଗା ସାଗର ପର୍ଯ୍ୟନ୍ତ ସବୁଠି ଫୁଟିଛି ପଦ୍ମ
- ଆସାମର ବିଜେପିର ହ୍ୟାଟ୍ରିକ
- ତାମିଲନାଡୁର ଟିଭିକେର ଭଲ ପ୍ରଦର୍ଶନ

## ଐତିହାସିକ ବିଜୟ ପାଇଁ ସମସ୍ତଙ୍କୁ ଅଭିନନ୍ଦନ ଜଣାଇଲେ ମୁଖ୍ୟମନ୍ତ୍ରୀ

## ଆଗାମୀ ଦିନରେ ବିଜେପିର ଫୋକସ ଦକ୍ଷିଣ ଭାରତ

ଭୁବନେଶ୍ୱର : ପଶ୍ଚିମବଙ୍ଗ, ଆସାମ ଏବଂ ପୁଡୁଚେରୀରେ ଯେଉଁ ବିଜୟ ଗଣତନ୍ତ୍ରର ବିଜୟ । ବିଜେପି ଉପରେ ଭରସା ବଢ଼ିବାରେ ଲାଗିଛି । ୨୨ ରୁ ଅଧିକ ରାଜ୍ୟରେ ଏନଡ଼ିଏ ଶାସନରେ ଅଛନ୍ତି । ଏହି ବିଜୟ ସଂଖ୍ୟାର ଖେଳ ନୁହେଁ ଜନ ପ୍ରତିବଦ୍ଧତାର ପରିଚୟ ବୋଲି ରାଜ୍ୟ ବିଜେପି କାର୍ଯ୍ୟାଳୟରେ ବିଜୟ ଉତ୍ସବରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି । ଏଥିସହ ଏହି ଐତିହାସିକ ବିଜୟ ପାଇଁ ସମସ୍ତଙ୍କୁ ମୁଖ୍ୟମନ୍ତ୍ରୀ ଅଭିନନ୍ଦନ ଜଣାଇଛନ୍ତି । ପ୍ରଧାନମନ୍ତ୍ରୀ ସବୁବେଳେ ପୂର୍ବ ଭାରତକୁ ଫୋକସ କରି ଆସିଥିଲେ । ଆଗାମୀ ଦିନରେ ବିଜେପିର ଫୋକସ ଦକ୍ଷିଣ ଭାରତ । ଏହି ବିଜୟରୁ ସଂକଳ୍ପ ନେଉଛୁ ଦକ୍ଷିଣ ଭାରତ ଦଖଲ କରିବୁ । ଏହି ବିଜୟ ଉତ୍ସବ ପତାକା ଉଡାଇବାର ନୁହେଁ, ନୂଆ ସଂକଳ୍ପ ନେବାର ସମୟ । ମୋତେ ଯେଉଁ ନିର୍ବାଚନ ମଣ୍ଡଳୀଗୁଡିକ ଦାୟିତ୍ୱ ଦିଆଯାଇ ଥିଲା ସେସବୁ ନିର୍ବାଚନ ମଣ୍ଡଳୀରେ ବିଜେପି ବିଜୟ ଲାଭ କରିଛି । ୫୦୦ ରୁ ଅଧିକ ନେତା, ମନ୍ତ୍ରୀ ସମସ୍ତ ନେତୃତ୍ୱମାନେ ଦୀର୍ଘ ତିନି ମାସ ଧରି ପଶ୍ଚିମ ବଙ୍ଗରେ କାମ କରୁଥିଲେ । ତାଙ୍କ ପରିଶ୍ରମର ଫଳ ମିଳିଛି । ଆମ ସଂଗଠନକୁ ଆହୁରି ସଶକ୍ତ କରିବା ପାଇଁ ନୂଆ ସୁଯୋଗ ସୃଷ୍ଟି କରିଛି । ତିନି ରାଜ୍ୟର ସମସ୍ତ ଭୋଟରଙ୍କୁ ଧନ୍ୟବାଦ । ଆଜିର ବିଜୟ ଗଣତନ୍ତ୍ରର ବିଜୟ, ବିଜେପିର ବିଜୟ । ବଙ୍ଗ ବିଜୟ ପରେ, ଆଜି ଦିନରେ ଆଉ ଓଡିଶାକୁ ଆଳୁ ସମସ୍ୟା ରହିବ ନାହିଁ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ । ଏଥିସହ ମଂଚ ଉପରୁ ମମତା ବାନାର୍ଜୀ ଏବଂ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ମୋହନ ଟାର୍ଗେଟ କରିଥିଲେ ।










# ବାଲେଶ୍ୱରରେ 'ମୁଖ୍ୟମନ୍ତ୍ରୀ କପ୍-୨.୦'ର ଭବ୍ୟ ଉଦଯାପନୀ ସମାରୋହ
## ବାଲେଶ୍ୱର ଏଫ୍.ସି ଏବଂ ତେଲିପାଳ ଏସ.ଏସ.ଡି ଏଫ୍.ସି ଚାମ୍ପିୟନ



ବାଲେଶ୍ୱର, (ନି.ପ୍ର.) ବାଲେଶ୍ୱର ଜିଲ୍ଲା ପ୍ରଶାସନ, ଜିଲ୍ଲା କ୍ରୀଡ଼ା ସଂଘ, ବାଲେଶ୍ୱର ଏବଂ କ୍ରୀଡ଼ା ଓ ଯୁବସେବା ବିଭାଗର ଯୁକ୍ତ ଆନୁକୂଲ୍ୟରେ ଆୟୋଜିତ ପ୍ରତିଷ୍ଠିତ 'ମୁଖ୍ୟମନ୍ତ୍ରୀ କପ୍-୨.୦' କ୍ରୀଡ଼ା ମହୋତ୍ସବର ଉଦଯାପନୀ ସମାରୋହ ଆଜି ଭବ୍ୟ ଭାବେ ଆୟୋଜିତ ହୋଇ ସଫଳତାର ସହ ସମାପ୍ତ ହୋଇଛି । ଗତ ଏପ୍ରିଲ ୧୫ ତାରିଖରୁ ଆରମ୍ଭ ହୋଇଥିବା ଏହି ଉତ୍ସବରେ ଖୋ-ଖୋ, ଭଲିବଲ୍, କବାଡି ଓ ଫୁଟବଲ୍ ଇତ୍ୟାଦି ବିଭିନ୍ନ କ୍ରୀଡ଼ା ପ୍ରତିଯୋଗିତା ସଫଳତାର ସହ ଆୟୋଜିତ ହୋଇଥିଲା ।ଆଜିର ଉଦଯାପନୀ ଅବସରରେ ଫୁଟବଲ୍ ପ୍ରତିଯୋଗିତାର ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା, ଯେଉଁଥିରେ ବାଳକ ଓ ବାଳିକା ଉଭୟ ବିଭାଗରେ ଖେଳାଳିମାନେ ଉତ୍କୃଷ୍ଟ କ୍ରୀଡ଼ା କୌଶଳର ପ୍ରଦର୍ଶନ କରିଥିଲେ ।ବାଳକ ବିଭାଗରେ ବାଲେଶ୍ୱର ଏଫ୍.ସି ଚାମ୍ପିୟନ ହୋଇଥିବାବେଳେ ତେଲିପାଳ ଏସ.ଏସ.ଡି ଏଫ୍.ସି ରନର୍ସ-ଅପ୍ ହୋଇଛନ୍ତି ।ବାଳିକା ବିଭାଗରେ ତେଲିପାଳ ଏସ.ଏସ.ଡି ଏଫ୍.ସି ଚାମ୍ପିୟନ ହୋଇଥିବାବେଳେ ଝାଡ଼େଶ୍ୱର ଏଫ୍.ସି ରନର୍ସ-ଅପ୍ ହୋଇଛନ୍ତି ।ଉଦଯାପନୀ ଉତ୍ସବରେ ବାଲେଶ୍ୱର ସଦର ବି.ଡି.ଓ ଶ୍ରୀ ଉତମ କୁମାର ଜେନା ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଜୟୀ ଦଳମାନଙ୍କୁ ଟ୍ରଫି ପ୍ରଦାନ କରି ସେମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ । ସମ୍ମାନିତ ଅତିଥି ଭାବେ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଶ୍ରୀ ରାଜେଶ ପ୍ରିୟଦର୍ଶୀ, ସହକାରୀ ଜିଲ୍ଲାପାଳ ଶ୍ରୀ ଅମ୍ଳାନ ନାୟକ ଓ ବାଲେଶ୍ୱର ଜିଲ୍ଲା କ୍ରୀଡ଼ା ସଂଘର ସହ-ସାଧାରଣ ସମ୍ପାଦକ ତଥା ଓଡ଼ିଶା ଫୁଟବଲ୍ ସଂଘର ଉପ ସଭାପତି ଶ୍ରୀ ପଦ୍ମଲୋଚନ ଲେଙ୍କା ଉପସ୍ଥିତ ଥିଲେ ।ଜିଲ୍ଲା କ୍ରୀଡ଼ା ଅଧିକାରୀ ଶ୍ରୀ ପୂର୍ଣ୍ଣ ଚନ୍ଦ୍ର ଜେନା ସମଗ୍ର କାର୍ଯ୍ୟକ୍ରମକୁ ସଂଯୋଜନା ଓ ପରିଚାଳନା କରିଥିଲେ ।ଏହା ସହିତ ଉଲ୍ଲେଖନୀୟ ଯେ, ଗତ ଏପ୍ରିଲ ୧୫ ତାରିଖରେ ମାନ୍ୟବର ସରକାରୀ ଦଳର ମୁଖ୍ୟ ସଚେତକ ତଥା ରେମୁଣା ବିଧାୟକ ଶ୍ରୀ ଗୋବିନ୍ଦ ଚନ୍ଦ୍ର ଦାସ, ମାନ୍ୟବର ବିଧାୟକ ସଦର ଶ୍ରୀ ମାନସ କୁମାର ଦତ ଓ ମାନ୍ୟବର ଜିଲ୍ଲା ପରିଷଦ ଅଧ୍ୟକ୍ଷ ଶ୍ରୀ ନାରାୟଣ ପ୍ରଧାନଙ୍କ ଦ୍ୱାରା ଏହି କ୍ରୀଡ଼ା ମହୋତ୍ସବର ଶୁଭ ଉଦ୍ଘାଟନ କରାଯାଇଥିଲା । ଅତିଥିମାନେ ମତବ୍ୟକ୍ତ କରିଥିଲେ ଯେ, 'ମୁଖ୍ୟମନ୍ତ୍ରୀ କପ୍-୨.୦' ଜିଲ୍ଲାର କ୍ରୀଡ଼ା ପ୍ରତିଭାମାନଙ୍କୁ ଉତ୍ସାହିତ କରିବା ସହ ସେମାନଙ୍କୁ ଏକ ସୁଯୋଗସୂଚକ ମଂଚ ପ୍ରଦାନ କରୁଛି, ଯାହା ଆଗାମୀଦିନରେ ରାଜ୍ୟ ଓ ଜାତୀୟ ସ୍ତରରେ ସଫଳତା ଅର୍ଜନରେ ସହାୟକ ହେବ ।

# ବାଲେଶ୍ୱର ଜିଲ୍ଲାପାଳ ଓ ଆରକ୍ଷୀ ଅଧୀକ୍ଷକଙ୍କ ମିଳିତ ଜନଶୁଣାଣୀ କାର୍ଯ୍ୟକ୍ରମ ଅନୁଷ୍ଠିତ

ବାଲେଶ୍ୱର, (ନି.ପ୍ର.)ଆଜି ସକାଳ ଘ: ୭.୦୦ ଟିକା ସମୟରେ ବାଲେଶ୍ୱର ଜିଲ୍ଲାପାଳଙ୍କ ଅଭିଯୋଗ ପ୍ରକୋଷ୍ଠରେ ବାଲେଶ୍ୱର ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ମିଳିତ ଜନଶୁଣାଣୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି । ବାଲେଶ୍ୱର ଜିଲ୍ଲାର ବିଭିନ୍ନ ପ୍ରାନ୍ତରୁ ୧୬୭ ଜଣ ଅଭିଯୋଗକାରୀ ନିଜର ଅଭିଯୋଗ ଫର୍ଦ୍ଦ ଉପସ୍ଥାପନ କରିଥିଲେ । ସେଥି ମଧ୍ୟରୁ ୧୫୪ ଗୋଟି ବ୍ୟକ୍ତିଗତ ଏବଂ ୦୯ ଗୋଟି ସାମୁହିକ ଅଭିଯୋଗ ସମ୍ପର୍କିତ ହୋଇଥିବା ବେଳେ ୦୪ ଗୋଟି ମୁଖ୍ୟମନ୍ତ୍ରୀ ସହାୟତା ପାଣ୍ଠି ନିମନ୍ତେ ଆବେଦନ କରିଥିଲେ ଓ ଏହି ମିଳିତ ଜନଶୁଣାଣୀ କାର୍ଯ୍ୟକ୍ରମରେ ୧୩ ଗୋଟି ଅଭିଯୋଗର ତତକାଳ ସମାଧାନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ବାଲେଶ୍ୱର ଜିଲ୍ଲାପାଳ, ଶ୍ରୀଯୁକ୍ତ ସୂର୍ଯ୍ୟବଂଶୀ ମୟୂର ବିକାଶ, ଆରକ୍ଷୀ ଅଧିକ୍ଷକ, ବାଲେଶ୍ୱର, ଶ୍ରୀଯୁକ୍ତ ପ୍ରତ୍ୟୁଷ ଦିବାକର, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଶ୍ରୀଯୁକ୍ତ ହେମନ୍ତ କୁମାର ସିଂହ, କାର୍ଯ୍ୟ ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ, ବାଲେଶ୍ୱର ଶ୍ରୀଯୁକ୍ତ ସଂଜୟ କୁମାର ରାଉତ, ମୁଖ୍ୟ ଜିଲ୍ଲା ଚିକିତ୍ସାଧିକାରୀ, ଡ. ଅମୂଲ୍ୟ କୁମାର ଦାସଙ୍କ ସମେତ ଜିଲ୍ଲାର ବିଭିନ୍ନ ବିଭାଗୀୟ ପଦାଧିକାରୀମାନେ ଉପସ୍ଥିତ ଥିଲେ ।







ବେଙ୍ଗଲ ଏବଂ ଅନ୍ୟାନ୍ୟ ରାଜ୍ୟରେ ବିଜେପି ର ପ୍ରଚଣ୍ଡ ବିଜୟ, ପ୍ରଥମ ଥର ପାଇଁ ବେଙ୍ଗଲରେ ବିଜେପି ସରକାର ଗଠନ । ସେହି ପରିପେକ୍ଷୀରେ ଆଜି ସନ୍ଧ୍ୟା ୬. ୩୦ ସମୟରେ ସଦର ବିଜେପି କାର୍ଯ୍ୟାଳୟ (ଜିଲ୍ଲାସ୍କୁଲ ନିକଟସ୍ଥ) ଠାରେ ବିଜୟ ଉତ୍ସବ ପାଳନ କରାଯାଇଛି । ଭାଜପା ଜିଲ୍ଲା କାର୍ଯ୍ୟାଳୟ ପରିସରରେ ଭାଜପା ଜିଲ୍ଲା ସଭାପତି ଈଶ୍ୱର ଚନ୍ଦ୍ର ବେହେରା, ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ପ୍ରତାପ ମହାନ୍ତିଙ୍କ ନେତୃତ୍ୱରେ ଏହି ବିଜୟ ପାଳନ କରାଯାଇଥିବା ବେଳେ ବାଲେଶ୍ୱର ଜିଲ୍ଲାସ୍କୁଲ ସମ୍ମୁଖରେ ଜେଲରୋଡ଼ ସ୍ଥିତ ମାନସ ଦତଙ୍କ କାର୍ଯ୍ୟାଳୟ ପରିସରରେ ବଜୟ ଉତ୍ସବ ପାଳନ ହୋଇଛି । ସେହିପରି ରେମୁଣା ଭାଜପା ପକ୍ଷରୁ ରେମୁଣା ବିଧାୟକ ତଥା ଉପମୁଖ୍ୟ ସଚେତକ ଗୋବିନ୍ଦ ଚନ୍ଦ୍ର ଦାସଙ୍କ ନେତୃତ୍ୱରେ ବିଶାଳ ବିଜୟ ଉତ୍ସବ ସମ୍ପନ୍ନ ହେବା ସଂଗେ ସଂଗେ ଆତସବାଜି କାର୍ଯ୍ୟକ୍ରମ, ମିଷ୍ଟାନ୍ନ ବଂଟନ କରାଯାଇଥିଲା ।

# ଫକୀରମୋହନ ବିଶ୍ୱବିଦ୍ୟାଳୟରେ ମହାବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ଗ୍ରୀଷ୍ମକାଳୀନ ପ୍ରଶିକ୍ଷଣ କାର୍ଯ୍ୟକ୍ରମ - ୨୦୨୬ ଉଦ୍‌ଘାଟିତ

ବାଲେଶ୍ୱର(ନି.ପ୍ର.): ଫକୀରମୋହନ ବିଶ୍ୱବିଦ୍ୟାଳୟରେ ୪ ମେ ୨୦୨୬ ତାରିଖରେ ଗ୍ରୀଷ୍ମକାଳୀନ ପ୍ରଶିକ୍ଷଣ କାର୍ଯ୍ୟକ୍ରମ (ସମର ଇ[ର୍ନଶିପ୍ ପ୍ରୋଗ୍ରାମ୍) ୫ଓଚ-୨୦୨୬ ର ଉଦଘାଟନ ହୋଇଯାଇଛି । ଏହି ତିନି ସପ୍ତାହର ଶିକ୍ଷାମୂଳକ କାର୍ଯ୍ୟକ୍ରମ ଚଳିତ ମାସ ୨୪ ରେ ସମାପ୍ତ ହେବ । ଏହି ପ୍ରୋଗ୍ରାମ୍ ?ଟି ଏନଇପି-୨୦୨୦ ଓ ଭାରତୀୟ ଜ୍ଞାନ ପରମ୍ପରା ର ଧାରଣାକୁ ଆଧାର କରି ସଂଗଠିତ ହୋଇଛି । ସମାଜଶାସ୍ତ୍ର, ରାଜନୀତି ବିଜ୍ଞାନ, ଅର୍ଥନୀତି, ଇତିହାସ ଓ ପୁରାତତ୍ତ୍ୱ, ମାନବଶାସ୍ତ୍ର, ପ୍ରୟୋଗମୂଳକ ମନୋବିଜ୍ଞାନ, ସାମ୍ବାଦିକତା ଓ ଗଣମାଧ୍ୟମ, ଜନସଂଖ୍ୟା ଅଧ୍ୟୟନ ଏବଂ ସମାଜ କାର୍ଯ୍ୟ ବିଭାଗମାନଙ୍କ ଦ୍ୱାରା ମହାବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ପାଇଁ ସ୍ୱତନ୍ତ୍ର ପାଠ୍ୟକ୍ରମ ଆଧାରିତ ଅଧ୍ୟୟନ, ଗବେଷଣାମୁଖୀ ଦୃଷ୍ଟିଭଙ୍ଗୀ ଏବଂ ସମକାଳୀନ ସାମାଜିକ ଚିତ୍ର ସହ ସମ୍ପୃକ୍ତ ହେବା ପାଇଁ ଏହା ଉଦ୍ଦିଷ୍ଟ । କାର୍ଯ୍ୟକ୍ରମର ଆରମ୍ଭ ଅତିଥି ପରିଚୟ, ସ୍ୱାଗତ ଭାଷଣ ଏବଂ ପ୍ରଶିକ୍ଷଣ ପଛରେ ଥିବା ଲକ୍ଷ୍ୟ ଓ ଦୃଷ୍ଟିକୋଣର ପ୍ରସ୍ତୁତି ସହିତ ହୋଇଥିଲା । ପ୍ରଫେସର ପବିତ୍ର ମୋହନ ନାୟକ ଏହାର ଶିକ୍ଷାଗତ ମହତ୍ତ୍ୱ ଓ ଦୃଷ୍ଟିକୋଣ ଉପସ୍ଥାପନ କରିଥିଲେ । ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ଏହି କାର୍ଯ୍ୟକ୍ରମର ଔପଚାରିକ ଉଦ୍ ?ଘାଟନ କରି, ଏପରି ପ୍ରୟାସଗୁଡ଼ିକ ଅନୁଭବମୂଳକ ଶିକ୍ଷା ଓ ଶିକ୍ଷାଗତ କୁଶଳତାକୁ ସୁଦୃଢ଼ କରିବାରେ କିପରି ଭୂମିକା ନେଉଛି ତାହା ଉଲ୍ଲେଖ କରିଥିଲେ । ଛାତ୍ର କଲ୍ୟାଣ ନିର୍ଦ୍ଦେଶକ ପ୍ରଫେସର ନିହାର ରଞ୍ଜନ ରାଉତ ଛାତ୍ରଛାତ୍ରୀମାନଙ୍କୁ ଏହି ଇ[ର୍ନଶିପ୍ ?ର ସୁଯୋଗଗୁଡ଼ିକୁ ସକ୍ରିୟ ଭାବେ ନିୟୋଜିତ ହେବାକୁ ପ୍ରେରିତ କରିଥିଲେ । ବିଭାଗ ଅନୁଯାୟୀ ଲକ୍ଷ୍ୟ ଓ ବିଷୟମୂଳକ ଦିଗନିର୍ଦ୍ଦେଶ ନିମ୍ନଲିଖିତ ଅଧ୍ୟାପକ-ଅଧ୍ୟାପିକା ମାନଙ୍କ ଦ୍ୱାରା ପ୍ରସ୍ତୁତ କରାଯାଇଥିଲା—ପ୍ରଫେସର ଭାରତୀବାଳା ପଟ୍ଟନାୟକ, ମୁଖ୍ୟ, ସାମ୍ବାଦିକତା ଓ ଗଣମାଧ୍ୟମ ବିଭାଗ ,

ଡ଼କ୍ଟର ଗ୍ରେସ୍ ବାହାଲେନ ମୁଣ୍ଡ, ସମନ୍ୱୟକାରୀ, ଜନସଂଖ୍ୟା ଅଧ୍ୟୟନ ଓ ସମାଜ କାର୍ଯ୍ୟ ବିଭାଗଡ଼ ସଚିଦାନନ୍ଦ ସା, ସମନ୍ୱୟକାରୀ, ମାନବଶାସ୍ତ୍ର ବିଭାଗଡ଼କ୍ଟର ରାଜଶ୍ରୀ ଦତ, ସମନ୍ୱୟକାରୀ, ପ୍ରୟୋଗମୂଳକ ମନୋବିଜ୍ଞାନ ବିଭାଗଡ଼କ୍ଟର ଶିଖାଶ୍ରୀ ରାୟ, ଇତିହାସ ଓ ପୁରାତତ୍ତ୍ୱ ବିଭାଗଡ଼କ୍ଟର ଗୀତାଞ୍ଜଳି ପଣ୍ଡା, ଅର୍ଥନୀତି ବିଭାଗଡ଼କ୍ଟର ସ୍ମୃତିସିକ୍ତା ଥାପା, ରାଜନୀତି ବିଜ୍ଞାନ ବିଭାଗ । ସ୍ନାତକୋତର ପରିଷଦର ଅଧ୍ୟକ୍ଷ ପ୍ରଫେସର ଭାସ୍କର ବେହେରା ଏକ ବିଶେଷ ଅଭିଭାଷଣରେ ସାମାଜିକ ବିଜ୍ଞାନ ଶିକ୍ଷା ଓ ଗବେଷଣାରେ ଅନୁଶାସନିକ ପ୍ରବୃତିର ଗୁରୁତ୍ୱ ଉଲ୍ଲେଖ କରିଥିଲେ । ଏହାସହ ଯୋଗଦେଇଥିବା ୧୭୦ ଜଣ ଛାତ୍ରଛାତ୍ରୀମାନଙ୍କ ସହ ଏକ ଆଲୋଚନାମୂଳକ ଅଧିବେଶନ ଆୟୋଜିତ ହୋଇଥିଲା, ଯେଉଁଥିରେ ସେମାନେ ଇ[ର୍ନଶିପ୍ ପ୍ରତି ନିଜ ଆଶା ଓ ଶିକ୍ଷାଗତ ରୁଚିମାନଙ୍କୁ ଅଭିବ୍ୟକ୍ତ କରିଥିଲେ । କାର୍ଯ୍ୟକ୍ରମର ଶେଷରେ ଡ଼କ୍ଟର ଯଶସ୍ୱୀ ରାଉତ ଧନ୍ୟବାଦ ଜ୍ଞାପନ କରିଥିଲେ । ୪ ମେରୁ ୨୪ ମେ ପର୍ଯ୍ୟନ୍ତ ଚାଲିଥିବା ଏହି ଗ୍ରୀଷ୍ମକାଳୀନ ପ୍ରଶିକ୍ଷଣ କାର୍ଯ୍ୟକ୍ରମ-୨୦୨୬ ସ୍ନାତକ ଛାତ୍ରଛାତ୍ରୀମାନଙ୍କୁ କ୍ଷେତ୍ର ଅନୁଭବ, ଗବେଷଣା ପରିଚୟ ଓ ଶିକ୍ଷାଗତ ଆଦାନ-ପ୍ରଦାନ ପାଇଁ ଏକ ସକ୍ରିୟ ସୁଯୋଗ ଓ ସହଯୋଗ ପ୍ରଦାନ କରିବା ନେଇ ଆଶାବ୍ୟକ୍ତ କରାଯାଇଛି ।



# ଫକୀରମୋହନ ବିଶ୍ୱବିଦ୍ୟାଳୟରେ ଆନ୍ତର୍ଜାତୀୟ ଶ୍ରମିକ ଦିବସ ପାଳନ




ବାଲେଶ୍ୱର(ନି.ପ୍ର.): ଫକୀରମୋହନ ବିଶ୍ୱବିଦ୍ୟାଳୟରେ ୨୦୨୬ ମସିହାର ଆନ୍ତର୍ଜାତୀୟ ଶ୍ରମିକ ଦିବସ "ଆଧୁନିକ ଅର୍ଥନୀତିରେ ଶ୍ରମିକ ଅଧିକାର ଓ ସାମାଜିକ ନ୍ୟାୟ" ବିଷୟରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ପାଳନ କରାଯାଇଥିଲା ।ଏହି କାର୍ଯ୍ୟକ୍ରମଟି ସ୍ନାତକୋତର ବିଭାଗ, ପି.ଏମ.ଆଇ.ଆର ଦ୍ୱାରା ତଥା ବ୍ୟବସାୟ ପ୍ରଶାସନ ଓ ବାଣିଜ୍ୟ ବିଭାଗଙ୍କ ମିଳିତ ସହଯୋଗରେ ଆୟୋଜିତ ହୋଇଥିଲା । ମୁଖ୍ୟ ଅତିଥି ଭାବେ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ସଭାପତିତ୍ୱ କରି ନିଜ ଅଭିଭାଷଣରେ କହିଥିଲେ ଯେ ସୁସ୍ଥିର ଉନ୍ନତି ପାଇଁ ଶ୍ରମିକ ଅଧିକାର ଓ ମାନସିକ-ସାମାଜିକ କଲ୍ୟାଣ ଅତ୍ୟାବଶ୍ୟକ ହୋଇଅଛି । ଶିକ୍ଷିତ ସମାଜର ଦାୟିତ୍ୱ, ଶ୍ରମିକଙ୍କ ସ୍ୱାଧିକାର ତଥା ସମ୍ମାନ ପ୍ରତି ଜାଗ୍ରତ ହେବା ଓ ସେ ବିଶ୍ୱବିଦ୍ୟାଳୟରେ ଏକ ଶୃଙ୍ଖଳିତ 'କାର୍ଯ୍ୟ ସଂସ୍କୃତି' ଗଠନ କରାଯିବା ଦିଗରେ ପଦକ୍ଷେପ ନିଆଯିବା ନେଇ ଆଶାବ୍ୟକ୍ତ କରିଥିଲେ । ଏହି କାର୍ଯ୍ୟକ୍ରମରେ ଶ୍ରୀ ମନୋଜ କୁମାର ପାରହୀ, ସହାୟକ ସାଧାରଣ ପ୍ରବନ୍ଧକ (ପି ଏଣ୍ଡ ପିଆର), ଇମାମି ପେପର ମିଲ୍ସ ଲିମିଟେଡ୍ ?, ଯୋଗଦେଇ ଉଦ୍ୟୋଗ ଦୃଷ୍ଟିକୋଣ ସହଆଧୁନିକ ଶିଳ୍ପରେ ଦାୟିତ୍ୱଶୀଳ ଶ୍ରମ ପ୍ରଚଳନର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ । ଡ଼କ୍ଟର ଦେବଦତ ଦାସ (ବାଣିଜ୍ୟ ବିଭାଗ) ଅତିଥିମାନଙ୍କ ପରିଚୟ ଦେଇଥିଲେ ଓ ପ୍ରଫେସର ପଦ୍ମାଲିତା ରାଉତରାୟ (ପି.ଏମ.ଆଇ.ଆର ବିଭାଗ) କାର୍ଯ୍ୟକ୍ରମର ବିଷୟବସ୍ତୁ ଉପସ୍ଥାପନ କରି ଶ୍ରମିକ ଅଧିକାର ସହ ସାମାଜିକ ନ୍ୟାୟ ଓ କାର୍ଯ୍ୟସ୍ଥଳର ଦାୟିତ୍ୱକୁ ଏକତ୍ର କରିବାର ଆବଶ୍ୟକତା ଉଲ୍ଲେଖ କରିଥିଲେ । ଅତିଥି ଭାବେ ସ୍ନାତକୋତର ପରିଷଦର ଅଧ୍ୟକ୍ଷ ପ୍ରଫେସର ଭାସ୍କର ବେହେରା ଶ୍ରମିକଙ୍କ ଅଧିକାର ସୁରକ୍ଷା ପାଇଁ ସଂସ୍ଥାଗତ ପ୍ରତିବଦ୍ଧତା ବିଷୟରେ ମତ ରଖିଥିଲେ । କାର୍ଯ୍ୟକ୍ରମର ଏକ ପ୍ରମୁଖ ଆକର୍ଷଣ ଭାବେ ବିଶ୍ୱବିଦ୍ୟାଳୟର ସମସ୍ତ ସହାୟକ କର୍ମଚାରୀମାନଙ୍କୁ କୁଳପତିଙ୍କ ଦ୍ୱାରା ସମ୍ମାନିତ କରାଯାଇଥିଲା । ଛାତ୍ରଛାତ୍ରୀଙ୍କ ପାଇଁ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତା ଓ ପୁରସ୍କାର ବିତରଣ ଶ୍ରୀମତୀ ପ୍ରତିମା ବୁ ଙ୍କ ଦ୍ୱାରା ଆୟୋଜିତ ହୋଇଥିଲା । କାର୍ଯ୍ୟକ୍ରମ ଶେଷରେ ଡ଼କ୍ଟର ଆର୍ତବନ୍ଧୁ ଜେନା ନିଜ ମୂଲ୍ୟବାନ ଅଭିଭାଷଣ ଦେଇଥିଲେ ଓ ଡ଼କ୍ଟର ଦେବଦତ ନାୟକ ଧନ୍ୟବାଦ ଜଣାଇଥିଲେ । ଏହି ଅବସରରେ କୁଳପତିଙ୍କ ନେତୃତ୍ୱରେ ପବିତ୍ର ବୃକ୍ଷରୋପଣ କାର୍ଯ୍ୟକ୍ରମ ମଧ୍ୟ ଆୟୋଜିତ ହୋଇଥିଲା । କାର୍ଯ୍ୟସ୍ଥଳରେ ମର୍ଯ୍ୟାଦା, ସମାନତା ଓ କଲ୍ୟାଣ ନିଶ୍ଚିତ କରିବା ଏକ ନ୍ୟାୟସଙ୍ଗତ ଓ ସୁଦୃଢ଼ ସମାଜ ଗଠନର ମୂଳ ଆଧାର ବୋଲି ଏହି କାର୍ଯ୍ୟକ୍ରମ ମାଧ୍ୟମରେ ସଚେତନଶୀଳ ବାର୍ତା ପ୍ରଦାନ କରାଯାଇଥିଲା ।

# ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟର ମାନବାଧିକାର ଇଂଟର୍ନମାନଙ୍କ ସହ ରାଜ୍ୟ ନିର୍ବାଚନ ଆୟୋଗର ଆଲୋଚନା



ବାଲେଶ୍ୱର, (ନି.ପ୍ର.): ସିଟିଜେନ୍ସ ହ୍ୟୁମାନ ରାଇଟ୍ସ କ୍ଲିନିକ (ଡଏଜଡ)ରେ ଚାଲୁଥିବା ମାନବାଧିକାର ଇ[ର୍ନଶିପ୍ ପ୍ରୋଗ୍ରାମରେ ଅଂଶଗ୍ରହଣ କରିଥିବା ଆ ?.ଡି. ମହିଳା ବିଶ୍ୱବିଦ୍ୟାଳୟର ୪୩ ଜଣ ଅଣ୍ଡ ?ଗ୍ରାଜୁଏଟ୍ ଛାତ୍ରଛାତ୍ରୀ ଶୁକ୍ରବାର ରାଜ୍ୟ ନିର୍ବାଚନ କମିଶନର କାର୍ଯ୍ୟାଳୟ ପରିଦର୍ଶନ କରି "ରାଜ୍ୟ ନିର୍ବାଚନ ଆୟୋଗର ଗୁରୁତ୍ୱ ଓ ତାହାର ଭୂମିକା" ବିଷୟରେ ଏକ ଇ[ ?ଆକ୍ଟିଭ୍ ଅଧିବେଶନରେ ଅଂଶ କରିଥିଲେ ।ଏହି ଦଳକୁ ସିଏଚଆରସି (ଡଏଜଡ)ର ଅଧ୍ୟକ୍ଷ ଡକ୍ଟର ଗୋପବନ୍ଧୁ ମଲ୍ଲିକ ଓ ପରାମର୍ଶଦାତା ପ୍ରଫେସର ନିରଞ୍ଜନ ବାରିକ ନେତୃତ୍ୱ ନେଇଥିଲେ । ସଂଗଠନ ସଚିବ ପ୍ରଫେସର ରଶ୍ମି ରାଉଳ ମଧ୍ୟ ଉପସ୍ଥିତ ଥିଲେ ଓ ଛାତ୍ରଛାତ୍ରୀଙ୍କୁ ମାର୍ଗଦର୍ଶନ ଦେଇଥିଲେ ।ଛାତ୍ରଛାତ୍ରୀଙ୍କୁ ସମ୍ବୋଧିତ କରି ରାଜ୍ୟ ନିର୍ବାଚନ କମିଶନର ଶ୍ରୀ ମଧୁସୂଦନ ପାଢ଼ୀ, ଯିଏ ପୂର୍ବତନ ବରିଷ୍ଠ ପ୍ରଶାସନିକ ଅଧିକାରୀ, କହିଥିଲେ ଯେ ସଂବିଧାନର ଧାରା ୨୪୩ ଅନୁସାରେ ସ୍ଥାପିତ ରାଜ୍ୟ ନିର୍ବାଚନ ଆୟୋଗର ପ୍ରମୁଖ କର୍ତବ୍ୟ ହେଉଛି ନଗର ନିଗମ, ନଗରପାଳିକା, ବିଜ୍ଞପିତ ଅଂଚଳ ପରିଷଦ, ପଂଚାୟତ, ବ୍ଲକ୍ ପଂଚାୟତ ଓ ଜିଲ୍ଲା ପରିଷଦର ନିର୍ବାଚନକୁ ସ୍ୱାଧୀନ ଓ ନିଷ୍ପକ୍ଷ ଭାବରେ ପରିଚାଳନା କରିବା ।ସେ ନିର୍ବାଚନ ସମ୍ପର୍କିତ ମୁଖ୍ୟ ପ୍ରସଙ୍ଗଗୁଡିକ ଯଥା ଡିଲିମିଟେସନ୍, ବିଧାନସଭା ପୁନର୍ଗଠନ, ଭୋଟର ତାଲିକାର ବିଶେଷ ସଂଶୋଧନ ଓ ନିର୍ବାଚନ ପରିଚାଳନାର ଚ୍ୟାଲେଞ୍ଜଗୁଡିକ ଉପରେ ଆଲୋକପାତ କରିଥିଲେ । ଏହା ସହିତ ସେ ସଂବିଧାନର ଭାଗ-୧୫ ଅନ୍ତର୍ଗତ ଧାରା ୩୨୪ ରୁ ୩୨୯, ଧାରା ୨୪୩ଏ ଓ ୭୩ତମ, ୭୪ତମ, ୮୬ତମ, ୧୦୨ତମ ଓ ୧୦୬ତମ ସଂଶୋଧନଗୁଡିକର ଗୁରୁତ୍ୱ ବ୍ୟାଖ୍ୟା କରିଥିଲେ ।ହରପ୍ରିୟା ରାଉତ, ମୁସ୍କାନ ଅଗରୱାଲ, ପିଙ୍କି ମହାପାତ୍ର, ସୁପ୍ରିୟା ତୁରୁକ ଓ ନିବେଦିତା ସାହୁ ସହିତ ଅନ୍ୟାନ୍ୟ ଛାତ୍ରଛାତ୍ରୀ କହିଥିଲେ ଯେ ଏହି ଅଧିବେଶନ ତାଙ୍କର ଜ୍ଞାନକୁ ସମୃଦ୍ଧ କରିବା ସହିତ ଲୋକତନ୍ତ୍ରକୁ ସୁଦୃଢ଼ କରିବା ପାଇଁ ଭୋଟର ଭାବେ ନିଜ ଦାୟିତ୍ୱ ପ୍ରତି ସଚେତନ କରାଇଛି । ଶେଷରେ ଇ[ର୍ନ ହରପ୍ରିୟା ରାଉତ କମିଶନର ଓ କାର୍ଯ୍ୟାଳୟ କର୍ମଚାରୀଙ୍କୁ ତାଙ୍କର ମାର୍ଗଦର୍ଶନ, ସମର୍ପଣ ଓ ସହଯୋଗ ପାଇଁ ଧନ୍ୟବାଦ ଅର୍ପଣ କରିଥିଲେ ।

# ଜାଗ୍ରତ ନାରୀ ସଂଗଠନ ପକ୍ଷରୁ ଯୁବକ ଯୁବତୀ ବିବାହ ବୟସକୁ ନେଇ ସ୍ମାରକପତ୍ର ପ୍ରଦାନ



ବାଲେଶ୍ୱର, (ନି.ପ୍ର.): ନିଳିଆବାଗ ଜାଗ୍ରତ ନାରୀ ସଂଗଠନ ପକ୍ଷରୁ ସମ୍ପାଦିକା ମମତା ଦାସଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ୪ ତାରିଖ ପୂର୍ବାହ୍ନରେ ଜିଲ୍ଲାପାଳଙ୍କ ଜନଶୁଣାଣି ଦପ୍ତର ଜରିଆରେ ବାଲେଶ୍ୱରର ସାଂସଦଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି । ସ୍ମାରକପତ୍ରରେ ଉଲ୍ଲେଖ କରାଯାଇଛି କି, ଝିଅଙ୍କ ବିବାହ ବୟସ ୧୮ରୁ ୨୧କୁ ପରିବର୍ତନ, ବିବାହ ସମୟରେ ବାପା, ମାଙ୍କର ଆର୍ଶିବାଦ ଏବଂ କେତେକ ସମସ୍ୟା ଉପୁଜିଥିବା ଯୋଗୁଁ ସେମାନଙ୍କର ବୟସ ସୀମାକୁ ସ୍ୱତନ୍ତ୍ର ଭାବେ ଆଇନ ପ୍ରଣୟନ କରାଯାଉ ବୋଲି ସେମାନେ ଦାବି କରିଛନ୍ତି । ମୁଖ୍ୟତଃ ମହିଳାମାନଙ୍କୁ ବିଧାନସଭା ଓ ଲୋକସଭାରେ ସଂରକ୍ଷଣ, ଝିଅମାନଙ୍କୁ ବିବାହ ବୟସ ୨୧କୁ ପରିବର୍ତନ କରିବା ପାଇଁ ଦାବି କରିଛି ଜାଗ୍ରତ ନାରୀ ସଂଗଠନ । ପ୍ରକାଶଯେ ବିଭିନ୍ନ ସମୟରେ ମା' ବାପାମାନେ ତାଙ୍କ ଜାଣତରେ ହେଉ ବା ଅଜାଣତରେ ହେଉ କେତେକ ଖଳ ପ୍ରକୃତିର ଲୋକ ଯୁବକ ଯୁବତୀମାନଙ୍କ ବୟସ ତାରତମ୍ୟ ଦର୍ଶାଇ ମିଛ ବିବାହର ଏଫିଡେଭିଟ୍ କରାଉଥିବା ଅଭିଯୋଗ ବାଢ଼ିଛନ୍ତି ଜାଗ୍ରତ ନାରୀ ସଂଗଠନ । ଏ ଦିଗରେ ଜିଲ୍ଲା ପ୍ରଶାସନ ଓ ସାଂସଦ ସଂସଦରେ ସ୍ୱତନ୍ତ୍ର ଆଇନ ଆଣିବା ପାଇଁ ଦାବି କରାଯାଇଛି ।



# ଅସ୍ତକରେ ଘେରିବନ୍ଧ ଶିଳାନ୍ୟାସକୁ ନେଇ ରାଜନୀତି ସରଗରମ, କାମ ନା ଲୋକ ଦେଖାଣିଆ



ଧାମନଗର(ନିପ୍ର): ଧାମନଗର ବ୍ଲକର ବନ୍ୟା ପ୍ରପୀଡ଼ିତ ଅଂଚଳ ଭାବେ ପରିଚିତ ହସନାବାଦ ଓ ଅର୍ଜୁନପୁର ପଂଚାୟତ ବାସୀଙ୍କ ଦୁଃଖ କହିଲେ ନସରେ । ପ୍ରତିବର୍ଷ ବୈତରଣୀ ଓ କୋଚିଲା ନଦୀର ବନ୍ୟା ଜଳରେ ଅସ୍ତକ ଓ ଅନଲଡିହ ଦେଇ ଏହି ଦୁଇ ପଂଚାୟତର ଅନେକ ଗ୍ରାମ ଜଳମଗ୍ନ ହୋଇଥାଏ । ପ୍ରାୟ ୧୫ ଦିନ କାଳ ଲୋକେ ଭୋକ ଉପାସରେ ଜଳବନ୍ଦୀ ହୋଇ ରହିବା ସ୍ଥାନୀୟ ଅଂଚଳରେ ଏକ ନିତିଦିନିଆ ଘଟଣା ପାଲଟିଛି । ଏହାର ସ୍ଥାୟୀ ସମାଧାନ ପାଇଁ ଦୀର୍ଘ ଦିନରୁ ଅସ୍ତକ ଓ ଅନଲଡିହ ଠାରେ ଏକ ଘେରିବନ୍ଧ ନିର୍ମାଣ ପାଇଁ ଅଂଚଳବାସୀ ଦାବି କରି ଆସୁଥିଲେ । ସୋମବାର ଦିନ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଅସ୍ତକ ଠାରେ ଏହି ବହୁ ପ୍ରତୀକ୍ଷିତ ଘେରିବନ୍ଧ ପାଇଁ ଭୂମି ପୂଜନ ଓ ଶିଳାନ୍ୟାସ କରିଛନ୍ତି । ମାତ୍ର ଏହି କାର୍ଯ୍ୟକ୍ରମ ଏବେ ବିବାଦର ସୂତ୍ରପାତ କରିଛି । ସାଧାରଣତଃ ଯେକୌଣସି ସରକାରୀ ପ୍ରକଳ୍ପର ଶିଳାନ୍ୟାସ ସମୟରେ ପ୍ରକଳ୍ପର ସୂଚନା ଫଳକ, ଅଟକଳ ମୂଲ୍ୟ ଓ ଅତିଥିଙ୍କ ନାମ ସମ୍ବଳିତ ଫଳକ ଲଗାଯିବା ନିୟମ ରହିଛି । ମାତ୍ର ଆଜିର ଏହି କାର୍ଯ୍ୟକ୍ରମ ସ୍ଥଳରେ ଏପରି କୌଣସି ସୂଚନା ଫଳକ ଦେଖିବାକୁ ମିଳିନଥିବାରୁ ଏହାର ସ୍ୱଚ୍ଛତା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଏହି ଶିଳାନ୍ୟାସକୁ ନେଇ ସ୍ଥାନୀୟ ଜିଲ୍ଲା ପରିଷଦ ସଭ୍ୟ ପ୍ରଦୀପ କୁମାର ମଲିକ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛନ୍ତି । ସେ କହିଛନ୍ତି ଯେ, 'ଏହା କେବଳ ଏକ ଲୋକଦେଖାଣିଆ କାର୍ଯ୍ୟକ୍ରମ । ବର୍ତ୍ତମାନ ସୁଦ୍ଧା ଏହି ଘେରିବନ୍ଧ ପାଇଁ କୌଣସି ବିଧିବଦ୍ଧ ଅଟକଳ ପ୍ରସ୍ତୁତ ହୋଇନାହିଁ କିମ୍ବା ଜମି ଅଧିଗ୍ରହଣ ପ୍ରକ୍ରିୟା ଶେଷ ହୋଇନାହିଁ । ବିନା ଯୋଜନାରେ କେବଳ ଲୋକଙ୍କୁ ଭୁଆଁ ବୁଲାଇବା ପାଇଁ ଏହି ଭୂମି ପୂଜନ କରାଯାଉଛି । 'ପ୍ରକୃତରେ ଏହି ଘେରିବନ୍ଧ କାର୍ଯ୍ୟ ଖୁବଶୀଘ୍ର ଆରମ୍ଭ ହେବ ନା ନିର୍ବାଚନୀ ବୈତରଣୀ ପାର ହେବା ପାଇଁ ଏହା ଏକ ଗୋଟି ଚାଳନା, ତାହାକୁ ନେଇ ସ୍ଥାନୀୟ ଅଂଚଳରେ ଚର୍ଚ୍ଚା ଜୋର ଧରିଛି । ସୂଚନା ଥାଉ କି ବର୍ଷବର୍ଷ ଧରି ବନ୍ୟା କଷ୍ଟ ସହୁଥିବା ଅଂଚଳବାସୀ ଚାହାନ୍ତି ଏହି ପ୍ରକଳ୍ପ କେବଳ କାଗଜପତ୍ର ରେ ବା ମିଥ୍ୟା ପ୍ରତିଶ୍ରୁତି ଦିଆ ନ ଯାଉ । ବୈତରଣୀ ଏବଂ କୋଚିଲା ନଦୀରେ ବନ୍ୟା ଆସିଲେ ଦୁଃଖ ବଢିଯାଏ ହସନାବାଦ ପଂଚାୟତ ସମେତ ଅର୍ଜୁନପୁର, ପଧାନୀ ଆଦି ପଂଚାୟତର ଅସ୍ତକ, ଗୋପବନ୍ଧୁ ନଗର, ମଠସାହି, ବାଲିପାଟଣା, ଶୈଳ, ମମାଦୁଲା ଏବଂ ତରେଇ ସାହି, ଦାସପାରି ଆଦି ଗ୍ରାମ ।ବୈତରଣୀ ଏବଂ କୋଚିଲା ନଦୀର ତଳ ମୁଣ୍ଡରେ ବନ୍ଧ ନଥିବାରୁ ପଛୁଆ ପାଣି ଆସି ଗାଁ ଭିତରେ ବନ୍ୟା ଜଳ ପଶି ଲୋକଙ୍କର ନାହିଁ ନଥିବା କ୍ଷତି ଘଟାଏ । ଉକ୍ତ ପଂଚାୟତର ଜନସାଧାରଣ ମାନେ ଦୀର୍ଘ ଦିନ ଧରି ସରକାରଙ୍କ ପାଖରେ ଏହି ସମସ୍ୟା ପାଇଁ ଦାବୀ ରଖିଥିଲେ । ଆଜି ମାନ୍ୟବର ମନ୍ତ୍ରୀ ସୁରଜ ସୂର୍ଯ୍ୟବଂଶୀ ଜନସାଧାରଣ ମାନଙ୍କ ସମସ୍ୟାକୁ ହୃଦୟଙ୍ଗମ କରି ବୈତରଣୀ ଏବଂ କୋଚିଲା ନଦୀର ଘେରି ବନ୍ଧ ପାଇଁ ଆଜି ଭୂମି ପୂଜନ କରିବା ସହିତ କାର୍ଯ୍ୟ ଆରମ୍ଭ ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ମାତ୍ର ଭୂମି ପୂଜନ ବେଳେ ମନ୍ତ୍ରୀ ଏକ ଇଟାଉପରେ ନଡ଼ିଆ ପିଟିଥିଲେ । ତେବେ ଧାମନଗର ଜଳ ସେଚନ ବିଭାଗ ଅଧିକାରୀ ସମ୍ଭୁ ନାଥ ମଲିକ ଙ୍କୁ ଯୋଗା ଯୋଗ କରିବାରୁ ସେ କହିଥିଲେ ଆପଣ ମାନେ ସବୁ ଜାଣିଛନ୍ତି ତେବେ ଯୋଜନା କରାଯାଇ ଲୋକଙ୍କ ଶୁବିଧା ପାଇଁ କାମ ଖୁବଶୀଘ୍ର ଖୁବ ଶୀଘ୍ର କରାଯିବ ।

# ପ୍ରଶାସନ ପକ୍ଷରୁ ରାସ୍ତା କଡ଼ ଜଳଖିଆ, ମିଠା ଦୋକାନ ଗୁଡିକର ଖାଦ୍ୟ ଗୁଣବତା ଯାଂଚ

ଯାଜପୁର(ନିପ୍ର): ବିଷାକ୍ତ ଖାଦ୍ୟ ଖାଇ ଝାଡ଼ାବାନ୍ତିରେ ଅସୁସ୍ଥ ହେବା ଘଟଣା ପରେ ଆଜି ପ୍ରଭାବିତ ଗ୍ରାମରେ ସ୍ୱାସ୍ଥ୍ୟ ବିଭାଗ ଏବଂ ଜିଲ୍ଲା ପ୍ରଶାସନ ପକ୍ଷରୁ ତ୍ୱରିତ ପଦକ୍ଷେପ ଗ୍ରହଣ କରାଯାଇଛି । ସ୍ଥିତି ନିୟନ୍ତ୍ରଣ କରିବା ପାଇଁ ଜିଲ୍ଲା ପ୍ରଶାସନ ତତ୍ପରତା ଦେଖାଇ ସଚେତନତା ଅଭିଯାନ ଆରମ୍ଭ କରିଛି । ଦଶରଥପୁର ବ୍ଲକ୍ ପାଟପୁର ଅଂଚଳ ସମେତ ବିଭିନ୍ନ ଗ୍ରାମରେ ଆଶା ସ୍ୱାସ୍ଥ୍ୟକର୍ମୀ ଓ ଭ୍ରାମ୍ୟମାଣ ସ୍ୱାସ୍ଥ୍ୟ ଟିମ୍ ପହଂଚି ଖାଦ୍ୟ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରିଛନ୍ତି । ଏଥିରେ ଦଳଗତ ସଭା ମାଧ୍ୟମରେ ଖାଦ୍ୟ ସୁରକ୍ଷା, ସ୍ୱଚ୍ଛତା ଓ ପରିଚ୍ଛନ୍ନତା ବିଷୟରେ ଜନସାଧାରଣଙ୍କୁ ଅବଗତ କରାଯାଇଛି । ବ୍ଲକ ପ୍ରଶାସନ ପକ୍ଷରୁ ଦଶରଥପୁର, ଜୟନ୍ତରା, କଟିକେଟା ଗ୍ରାମ ପଂଚାୟତ ଅଂଚଳରେ ରାସ୍ତା କଡ଼ରେ ଥିବା ଜଳଖିଆ ଦୋକାନ, ହୋଟେଲ, ମିଠା ଦୋକାନଗୁଡ଼ିକର ସ୍ୱଚ୍ଛତା ଓ ଗୁଣବତା ଯାଂଚ ସହ ବାସି ଖାଦ୍ୟ ଇତ୍ୟାଦି ତଦାରଖ କରାଯାଇଛି । ଡାକବାଜି ମାଧ୍ୟମରେ ସଚେତନତା ଜାଗରଣ କରା ଯାଇଛି । ଲୋକଙ୍କୁ ହାତ ଧୋଇବା ଉପରେ ବିଶେଷ ପ୍ରଶିକ୍ଷଣ ମଧ୍ୟ ଦିଆଯାଇଛି । ଗାଁ କଲ୍ୟାଣ ସମିତି ମାଧ୍ୟମରେ ସଭା ଆୟୋଜନ କରାଯାଇ ବିଭିନ୍ନ ସ୍ଥାନରେ ଲୋକଙ୍କୁ ସଚେତନ କରାଯାଉଛି । ଏହାସହ ପାନୀୟ ଜଳର ସୁରକ୍ଷା ସୁନିଶ୍ଚିତ କରିବା ପାଇଁ ୨୫ଟି ଜଳ ନମୁନା ନିଆଯାଇଥିବା ବେଳେ ଖାଦ୍ୟ ସୁରକ୍ଷା ଅଧିକାରୀଙ୍କ ତରଫରୁ ଅତିରିକ୍ତ ୭ ଟି ଖାଦ୍ୟ ନମୁନା ମଧ୍ୟ ପରୀକ୍ଷଣ ପାଇଁ ସଂଗ୍ରହ କରାଯାଇଛି । ଦଶରଥପୁର ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ଏବଂ ମଙ୍ଗଳପୁର ଟିମ୍ ଦ୍ୱାରା ବିଭିନ୍ନ ପଂଚାୟତରେ ଘର ଘର ବୁଲି ଖାଦ୍ୟ ସୁରକ୍ଷା ସମ୍ବନ୍ଧୀୟ ବାର୍ତ୍ତା ଏବଂ ପରାମର୍ଶ ଦିଆଯାଉଛି । ଏତଦ୍ ବ୍ୟତୀତ ମେଡିକାଲ କଲେଜରୁ ଏକ ବିଶେଷଜ୍ଞ ଡାକ୍ତରୀ ଦଳ ଆସି ପରିସ୍ଥିତିର ସମୀକ୍ଷା କରିବା ସହ ଚିକିତ୍ସା ଓ ରୋଗ ନିୟନ୍ତ୍ରଣ ସମ୍ବନ୍ଧୀୟ ବିଭିନ୍ନ କାର୍ଯ୍ୟକ୍ରମ ଚାଲୁ ରଖିଛନ୍ତି । ସ୍ଥାନୀୟ ପ୍ରଶାସନ ପକ୍ଷରୁ ଘଟଣାର ପୁଙ୍ଖାନୁପୁଙ୍ଖ ତଦନ୍ତ କରାଯାଉଛି ଏବଂ ଲୋକମାନଙ୍କୁ ସତର୍କତା ଅବଲମ୍ବନ କରି ସୁରକ୍ଷିତ ଖାଦ୍ୟ ଗ୍ରହଣ କରିବାକୁ ଅନୁରୋଧ କରାଯାଇଛି ।

## ଚଳନ୍ତା ଟ୍ରେନରୁ ଖସିପଡ଼ି ଯୁବକ ଗୁରୁତର

ସୋର(ନିପ୍ର): ସବିରା ରେଳ ଷ୍ଟେସନ ନିକଟରେ ଚଳନ୍ତା ଟ୍ରେନରୁ ଖସି ପଡି ଜଣେ ଯୁବକ ଗୁରୁତର ଆହତ ହୋଇଛନ୍ତି । ସୂଚନା ଅନୁସାରେ ଉତରପ୍ରଦେଶ ଅଂଚଳର ସୁରଜ ବର୍ମା ଗୌହାଟି ଏକ୍ସପ୍ରେସ ଟ୍ରେନରେ ଚେନାଇ ଅଭିମୁଖେ ଯାଉଥିଲେ । ସବିରା ରେଳ ଷ୍ଟେସନ ନିକଟରେ ଟ୍ରେନରୁ ଖସି ପଡିବାରୁ ଗୁରୁତର ଆହତ ହୋଇଥିଲେ । ଲୋକେ ତାଙ୍କୁ ଉଦ୍ଧାର କରି ସୋର ଡ଼ାକ୍ତରଖାନାକୁ ଆଣିଥିବା ବେଳେ ସେଠାରେ ତାଙ୍କର ଅବସ୍ଥା ଗୁରୁତର ଥିବାରୁ ଡାକ୍ତର ତାଙ୍କର ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ବାଲେଶ୍ୱର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରିଛନ୍ତି ।

# ଜିଲ୍ଲାସ୍ତରୀୟ ଅଭିଯୋଗ ଶୁଣାଣୀ ଅନୁଷ୍ଠିତ

ପୁରୀ(ନିପ୍ର): ପୁରୀ ଜିଲ୍ଲା ସ୍ତରୀୟ ଯୁଗ୍ମ ଅଭିଯୋଗ ଶୁଣାଣୀ ଶିବିର ଆଜି ସଦଭାବନା ସଭାଗୃହ ଠାରେ ଅନୁଷ୍ଠିତ ହୋଇଥିଲା । ଜିଲ୍ଲାପାଳ ଦିବ୍ୟ ଜ୍ୟୋତି ପରିଡା ଏଥିରେ ଅଧ୍ୟକ୍ଷତା କରିଥିଲେ । ଏଥିରେ ମୋଟ ୪୫ ଗୋଟି ଅଭିଯୋଗ ମିଳିଥିଲା । ସେଥିରୁ ୩୭ ଗୋଟି ବ୍ୟକ୍ତିଗତ, ୬ ଗୋଟି ଗ୍ରାମ ସମ୍ବନ୍ଧୀୟ, ୨ ଗୋଟି ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ସହାୟତା ସମ୍ପର୍କରେ ରହିଥିଲା । ତତକ୍ଷଣାତ୍ ୬ ଗୋଟି ଅଭିଯୋଗର ସମାଧାନ କରାଯାଇଥିଲା । ଅନ୍ୟ ଅଭିଯୋଗ ଗୁଡିକ ର ଆଇନ ଅନୁସାରେ ସମାଧାନ ପାଇଁ ସମ୍ପୃକ୍ତ ବିଭାଗ ମାନଙ୍କୁ ପ୍ରେରଣ କରାଯାଇ ଥିଲା । ଏହି ଶୁଣାଣୀରେ ଏସ ପି ପ୍ରତୀକ ସିଂ, ପୁରୀ ମହାନଗର ନିଗମର କମିଶନର ସ୍ନେହା ଅରୁଗୁଳା, ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଶରତ ଚନ୍ଦ୍ର ବେହେରା, ଉପ ଜିଲ୍ଲାପାଳ ରାଜ କିଶୋର ଜେନା, ସିଡିଏମଓ ଡା. ଅକ୍ଷୟ କୁମାର ଶତପଥୀ, ଅଭିଯୋଗ ଶୁଣାଣୀ ଅଧିକାରୀ ବିବେକାନନ୍ଦ ସାହୁ ଓ ଅନ୍ୟ ଜିଲ୍ଲା ସ୍ତରୀୟ ଅଧିକାରୀ ମାନେ ଯୋଗ ଦେଇଥିଲେ । ଆସନ୍ତା ୧୧ ତାରିଖ ରେ ପୂର୍ବାହ୍ନ ୭ ଘଟିକା ରୁ ୧୦ ଘଟିକା ପର୍ଯ୍ୟନ୍ତ କୃଷ୍ଣ ପ୍ରସାଦ ବ୍ଲକ ସମ୍ମିଳନୀ କକ୍ଷରେ ଯୁଗ୍ମ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହେବ ବୋଲି ଜଣାଯାଇଛି ।ସେହିପରି ବ୍ରହ୍ମଗିରି ବ୍ଲକରେ ୧୮ତାରିଖରେ, ସତ୍ୟବାଦୀ ବ୍ଲକରେ ୨୫ ତାରିଖରେ ସକାଳ ୭ ଘଟିକା ରୁ ଯୁଗ୍ମ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହେବ ବୋଲି ଅଭିଯୋଗ ଶୁଣାଣି ଅଧିକାରୀ ସୂଚନା ଦେଇଛନ୍ତି ।

# ଜିଲ୍ଲା ସାହିତ୍ୟ ସଂସ୍କୃତି ବିକାଶ ମଂଚ ପକ୍ଷରୁ ବିଶ୍ୱ ହାସ୍ୟ ଦିବସ ପାଳିତ



ନୟାଗଡ଼(ନିପ୍ର): ପ୍ରତିବର୍ଷ ମଇ ମାସର ପ୍ରଥମ ରବିବାରକୁ ବିଶ୍ୱ ହାସ୍ୟ ଦିବସ ରୂପେ ପାଳନ କରାଯାଏ । ଏହି ପରିପ୍ରେକ୍ଷୀରେ ନୟାଗଡ଼ ଜିଲ୍ଲା ସାହିତ୍ୟ ସଂସ୍କୃତି ବିକାଶ ମଂଚ ପକ୍ଷରୁ ବିଶ୍ୱ ହାସ୍ୟ ଦିବସ ବେଶ ଧୁମଧାମରେ ପାଳିତ ହୋଇଯାଇଛି । ନୟାଗଡ଼ ପୁରୁଣାସହର ସ୍ଥିତ ଶ୍ରୀଜଗନ୍ନାଥ ମନ୍ଦିର ସାମନା ଯଦୁମଣି ମଣ୍ଡପଠାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ନୟାଗଡ଼ ଜିଲ୍ଲାପାଳ ମଧୁମିତା ରଥ ଏବଂ ବିଶିଷ୍ଟ ଅତିଥି ଭାବେ ଓଡ଼ିଶା ଚଳଚିତ୍ର ଜଗତର ଲୋକପ୍ରିୟ କଳାକାର ଅଶ୍ରୁମୋଚନ ମହାନ୍ତି ଯୋଗ ଦେଇ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ । ଅନୁଷ୍ଠାନର ସଭାପତି ପ୍ରମୋଦ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଅନ୍ୟତମ ଅତିଥି ଭାବେ ବ୍ୟଙ୍ଗ କବି ଜ୍ଞାନ ହୋତା, ବୋଲଗଡ଼ ଏକ୍ସପ୍ରେସ ବ୍ରଜ ସୁବୁଦ୍ଧି, ଡ.କୁଳାଙ୍ଗାର, ସତ୍ୟାନାଶ, ରବୀନ୍ଦ୍ର ରାଉତ, ବିଭୁ ମିଶ୍ର, ସଚିକାନ୍ତ ବେହେରା, ପ୍ରତାପ ସାହୁ ଏବଂ ରବୀନ୍ଦ୍ର କୁମାର ମହାପାତ୍ର ପ୍ରମୁଖ ବ୍ୟଙ୍ଗ କବିମାନେ ଯୋଗ ଦେଇଥିଲେ । ବ୍ୟଙ୍ଗ ସାହିତ୍ୟ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଚଳିତ ବର୍ଷ ଉତ୍କଳ ଘଂଟ ହାସ୍ୟ ରସିକ ଉପାୟନ-୨୦୨୬ ବ୍ୟଙ୍ଗବାଗୀଶ ଡ.କୁଳାଙ୍ଗାରଙ୍କୁ ପ୍ରଦାନ ସହିତ ନଗଦ ୨୧ହଜାର ଟଙ୍କା ପୁରସ୍କାର ରାଶି, ଉପଢୌକନ ଏବଂ ମାନପତ୍ର ଦେଇ ମୁଖ୍ୟଅତିଥି ସମ୍ବର୍ଦ୍ଧିତ କରିଥିଲେ । ଅନୁରୂପ ଭାବେ ଅନ୍ୟ ହାସ୍ୟ କଳାକାରମାନଙ୍କୁ ମଧ୍ୟ ଉପଢୌକନ ଏବଂ ମାନପତ୍ର ପ୍ରଦାନ ସହିତ ସମ୍ବର୍ଦ୍ଧନା ଦିଆ ଯାଇଥିଲା । ଅନୁଷ୍ଠାନର ସମ୍ପାଦକ ନିର୍ମଳ ଶୁରଦେଓ ଅତିଥି ପରିଚୟ ଏବଂ ଧନ୍ୟବାଦ ଅର୍ପଣ କରିଥିବା ବେଳେ କଣ୍ଠଶିଳ୍ପୀ ପ୍ରଶାନ୍ତ କୁମାର ଦାଶ, ଶେଖ ଅବଦୁଲ ଖାଲିକ, କବି ଅଶୋକ ମଲ୍ଲ, ଲକ୍ଷ୍ମୀଧର ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ । ହସିବା ଦ୍ୱାରା ଦେହ ଓ ମନ ସୁସ୍ଥ ରହେ । ପ୍ରତ୍ୟେକ ମନୁଷ୍ୟ ନିଜେ ହସିବା ସହିତ ଅନ୍ୟ ମାନଙ୍କୁ ହସେଇବା ଆବଶ୍ୟକ । ନୟାଗଡ଼ ମାଟି ବ୍ୟଙ୍ଗ ସାହିତ୍ୟର ମାଟି ଏବଂ ଏଠାରେ ବ୍ୟଙ୍ଗକବି ତଥା ଉତ୍କଳ ଘଂଟ ଯଦୁମଣୀ ସମଗ୍ର ରାଜ୍ୟ ତଥା ଦେଶରେ ପ୍ରସିଦ୍ଧି ଅର୍ଜନ କରିଥିବା ବେଳେ ତାଙ୍କର କୃତି ନୟାଗଡ଼ ପାଇଁ ଗୌରବ ବୋଲି ମୁଖ୍ୟ ଅତିଥି ମତବ୍ୟକ୍ତ କରିଥିଲେ । କାର୍ଯ୍ୟକ୍ରମ ଅବସରରେ ବ୍ୟଙ୍ଗ କବି ଓ ହାସ୍ୟ ଅଭିନେତାମାନେ ଦର୍ଶକଙ୍କୁ ବିଭିନ୍ନ ବ୍ୟଙ୍ଗ ଓ ଅଭିନୟ ଦ୍ୱାରା ବିମୋହିତ କରିଥିଲେ । ଏହି କାର୍ଯ୍ୟକ୍ରମରେ ବହୁ ସଂଖ୍ୟାରେ ବୁଦ୍ଧିଜୀବୀ, ସାହିତ୍ୟିକ, ସାମ୍ବାଦିକ ଏବଂ ସ୍ଥାନୀୟ ଜନସାଧାରଣ ଉପସ୍ଥିତ ରହି କାର୍ଯ୍ୟକ୍ରମର ମଜା ଉପଭୋଗ କରିଥିଲେ ।

# ୩୩ତମ ଆଖଣ୍ଡଳେଶ୍ୱର ଗୀତାଯଜ୍ଞ ମନ୍ତ୍ର ଧ୍ୱନୀରେ କମ୍ପିଲା ଦୂର୍ଗାମଣ୍ଡପ



ଖଇରା(ନିପ୍ର): ବାଲେଶ୍ୱର ଜିଲା ଅଧୀନ ଖଇରା ଦୂର୍ଗାମଣ୍ଡପ ପରିସରରେ ଶୁକ୍ରବାର ଦିନ ୩୩ତମ ଆଖଣ୍ଡଳେଶ୍ୱର ଗୀତାଯଜ୍ଞ ଭଜନ କୀର୍ତନ ସାଙ୍ଗକୁ ମନ୍ତ୍ରଧ୍ୱନୀ ମଧ୍ୟରେ ଅନୁଷ୍ଠିତ ହୋଇ ଯାଇଛି । ସକାଳେ ୨୧ଜଣ ଦମ୍ପତିଙ୍କ ଦ୍ୱାରା କଳସ ଯଜ୍ଞ ମଣ୍ଡପକୁ ଅଣାଯାଇଥିଲା । ପଣ୍ଡିତ ନରସିଂହ ପାଣି, ପ୍ରଫୁଲ୍ଲ ତ୍ରିପାଠୀ, ଶଶାଙ୍କ ଶେଖର ପତ୍ରୀ ଓ ନିରଞ୍ଜନ ପଣ୍ଡାଙ୍କ ଦ୍ୱାରା ଯଜ୍ଞକର୍ମ ସାଙ୍ଗକୁ ଗୀତାପାଠ କରାଯାଇଥିଲା । ଏହି ଅବସରରେ ଯଜ୍ଞ ସହିତ ଆରମ୍ଭରୁ ଜଡିତ ଥିବା କେଶବ ଚରଣ ସାହୁ, ସନ୍ତୋଷ କୁମାର ଶତପଥୀ, ନେମାଳ ଆଗତ ସନ୍ଥ ନାରାୟଣ ବାବା, ଯଜ୍ଞ ସମିତିର ଆବାହକ କୃଷ୍ଣଚନ୍ଦ୍ର ପତ୍ରୀ, ବ୍ରାହ୍ମଣ ସମିତିର କାର୍ଯ୍ୟକାରୀ ସଭାପତି ବୁଦ୍ଧିରାମ ପାଣିଗ୍ରାହୀ ତଥା ଖଇରା ଥାନା ଆଇଆଇସି ଜନ ପଟ୍ଟନାୟକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ପଣ୍ଡିତ କୃଷ୍ଣଚନ୍ଦ୍ର ପତ୍ରୀଙ୍କ ଆବାହକତ୍ୱରେ ଆୟୋଜିତ ଏହି ଦିବସବ୍ୟାପି କାର୍ଯ୍ୟକ୍ରମକୁ ଯଜ୍ଞକମିଟିର ସଦସ୍ୟ ପରିଚାଳନାରେ ସହଯୋଗ କରିଥିଲେ ।

# ଆତ୍ମରକ୍ଷା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ସନ୍ତରଣ ପ୍ରଶିକ୍ଷଣ



କଟକ(ନିପ୍ର): କଟକ ଜିଲ୍ଲା ବିପର୍ଯ୍ୟୟ ପରିଚାଳନା ସମିତି ପକ୍ଷରୁ ସନ୍ତରଣ ଏବଂ ବୁଡିବାରୁ ରକ୍ଷା ପାଇବା କୌଶଳ ସମ୍ବନ୍ଧୀୟ ତାଲିମ ଶିବିର ଆଜି ଉଦଘାଟିତ ହୋଇଯାଇଛି । ମୁଣ୍ଡଳିସ୍ଥିତ ଏନଡିଆରଏଫ କ୍ୟାମ୍ପସଠାରେ ଏହି ତାଲିମ ଶିବିର ଆୟୋଜିତ ହେଉଛି । ଏହି ପ୍ରଶିକ୍ଷଣ ଶିବିରରେ ବିଭିନ୍ନ ବିଦ୍ୟାଳୟ ତଥା ମହାବିଦ୍ୟାଳୟର ୧୪ ବର୍ଷରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀଙ୍କୁ ତାଲିମ ପ୍ରଦାନ କରାଯାଉଅଛି । ଛାତ୍ର ଓ ଛାତ୍ରୀଭାନଙ୍କୁ ପୃଥକ୍ ପୃଥକ୍ ଗୃପରେ ବିଭକ୍ତ କରଯାଇ ତାଲିମ ପ୍ରଦାନ କରାଯାଉଛି । ପ୍ରତ୍ୟେକ ଗୃପ୍ ?ରେ ପ୍ରାୟ ୪୦ ଜଣ ଲେଖାଏଁ ଛାତ୍ର/ ଛାତ୍ରୀ ପ୍ରଶିକ୍ଷଣ ଗ୍ରହଣ କରୁଛନ୍ତି । ପ୍ରତ୍ୟେକ ଗୃପକୁ ୬ ଦିନ ଲେଖାଏଁ ସନ୍ତରଣ ତାଲିମ ପ୍ରଦାନ କରାଯିବ । ପ୍ରଶିକ୍ଷଣ ସମୟରେ ଅଂଶଗ୍ରହଣକାରୀମାନଙ୍କ ପାଇଁ ମାଗଣାରେ ଖାଦ୍ୟ ଓ ରହିବା ନିମନ୍ତେ ବ୍ୟବସ୍ଥା କରାଯାଇଛି । ଏନଡିଆରଏଫର ତାଲିମପ୍ରାପ୍ତ ପ୍ରଶିକ୍ଷକମାନେ ଏହି ତାଲିମ ପ୍ରଦାନ କରୁଛନ୍ତି । ଛାତ୍ରଛାତ୍ରୀମାନେ ସନ୍ତରଣ ସମୟରେ ନିଜ ଆତ୍ମରକ୍ଷା କରିପାରିବା ସହ ବିପର୍ଯ୍ୟୟ ସମୟରେ ଅନ୍ୟକୁ କିପରି ସହାୟତା କରିପାରିବେ ସେ ସମ୍ପର୍କରେ ମଧ ପ୍ରଶିକ୍ଷଣ ଗ୍ରହଣ ଦିଆଯାଉଛି । ଆଜିର ଉଦଘାଟନୀ ଦିବସରେ ଜିଲ୍ଲା ଜରୁରୀକାଳୀନ ଅଧିକାରୀ ପୁଷ୍ପଶ୍ରୀ ସାଣ୍ଡିଲ, ଡେପୁଟି କମାଣ୍ଡାଂଟ ଶ୍ରୀ ପ୍ରବୀଣ ଚୌହାନ, ମୁଖ୍ୟ ମେଡିକାଲ ଅଫିସର ଡକ୍ଟର ନବୀନ୍ କୁମାର, ସବ ଇନସପେକ୍ଟର ବାହାଦୁର ସିଂ ପ୍ରମୁଖ ଉପସ୍ଥିତ ଥିଲେ । ଜୁନ୍ ମାସ ୧୨ ତାରିଖ ପର୍ଯ୍ୟନ୍ତ ଏହି ତାଲିମ ଶିବିର ଚାଲିବ ।

# ଭଜହରି ବିଦ୍ୟାପୀଠରେ ଶତପ୍ରତିଶତ ସଫଳତା ହାସଲ

ସୋର(ନିପ୍ର): ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ମାଟ୍ରିକ ପରୀକ୍ଷା ଫଳ ପ୍ରକାଶ ପାଇଛି । ସମଗ୍ର ଓଡ଼ିଶାରେ ପାସ୍ ହାର ୯୫.୩୪%ରହିଥିବାବେଳେ ଭଜହରି ବିଦ୍ୟାପୀଠ ଦହିପୁର-ନୁଆପୂର୍ ର ଫଳାଫଳ ଶତ ପ୍ରତିଶତ (୧୦୦%) ହୋଇଛି । ଏହି ବିଦ୍ୟାପୀଠ ଲଗାତାର ୮ବର୍ଷ ଧରି ଏଠାକାର ଛାତ୍ରଛାତ୍ରୀ ମାଟ୍ରିକ ପରୀକ୍ଷାରେ ଶତ ପ୍ରତିଶତ ସଫଳତା ହାସଲ କରିଆସୁଛନ୍ତି । ଚଳିତ ବର୍ଷ ସ୍କୁଲର ୮୫ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିଲେ । ସେମାନଙ୍କ ମଧ୍ୟରୁ ୪୫ ଛାତ୍ରଛାତ୍ରୀ ୬୦ପ୍ରତିଶତରୁ ଅଧିକ ନମ୍ବର ରଖି ଉତୀର୍ଣ୍ଣ ହୋଇଥିବା ବେଳେ ବାକି ଛାତ୍ରଛାତ୍ରୀ ୫୦ପ୍ରତିଶତ ନମ୍ବର ରଖି ତୃତୀୟ ଶ୍ରେଣୀରେ ଉତିର୍ଣ୍ଣ ହୋଇଛନ୍ତି । ଭଜହରି ବିଦ୍ୟାପୀଠର ଦୁଇ ଜଣ ଛାତ୍ରୀ ଗାର୍ଗୀ ନାୟକ ଓ ସଙ୍ଘପ୍ରଭା ବିଶ୍ୱାଳ ସର୍ବାଧିକ ୫୬୧ ଓ ୫୪୦ ନମ୍ବର ରଖି ଏ୧ ହାସଲ କରି ସ୍କୁଲ୍ ଟପର ହେବା ସଂଗେ ସଂଗେ ସୋର ବ୍ଲକ୍ ରେ ମଧ ତୃତୀୟ ସ୍ଥାନ ଅଧିକାର କରିଛନ୍ତି । ଛାତ୍ରଛାତ୍ରୀଙ୍କ କହିବା କଥା ହେଲା ଆମେ ମାନେ ପରୀକ୍ଷା ରେ ଭଲକରିବା ପାଇଁ ନିୟମିତ ପରୀକ୍ଷା ଦେବା ଏବଂ ନିୟମିତ ସ୍କୁଲ ଆସିବା ହିଁ ସଫଳତାର ଚାବିକାଠି । ସାର୍ ମାନଙ୍କଙ୍କର ଆପ୍ରାଣ ଉଦ୍ୟମ ଓ ଚେଷ୍ଟା ସହିତ ନିୟମିତ ଶିକ୍ଷାଦାନ କରନ୍ତି । ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବଳରାମ ସ ବିଦ୍ୟାଳୟର ସଫଳତା ପାଇଁ ସମସ୍ତ ଛାତ୍ରଛାତ୍ରୀଙ୍କୁ ପୁଷ୍ପଗୁଚ୍ଛ ଓ ମିଷ୍ଟାନ୍ନ ଦେଇ ଅଭିନନ୍ଦନ ଜଣାଇଥିଲେ । ଏହା ସହିତ ପ୍ରାକ୍ତନ ପ୍ରଧାନ ଶିକ୍ଷକ ସୁରେନ୍ଦ୍ର ସାର, ବିଜୟ ସାର, ହରିହର ସାର, ଦିବାକର ସାର, ସୁଶାନ୍ତ ସାର, ବିଦ୍ୟାଧର ସାର, ତାପସ ସାର, ଗଜେନ୍ଦ୍ର ସାର୍, କବିତା ଦିଦି, ସେବକ ସମୂହ ଏବଂ ବିଦ୍ୟାଳୟର ପରିଚାଳନା କମିଟି ସଦସ୍ୟଙ୍କର ସହଯୋଗ ଓ ପରିଶ୍ରମ ଫଳରେ ଏହି ସଫଳତା ମିଳିଛି ।

# ୪୩ ଲିଟର ମହୁଲି ମଦ ଜବତ, ୩ ଗିରଫ


ଖୁଂଟା(ନିପ୍ର): ଖୁଂଟା ଅବକାରୀ ବିଭାଗ ପକ୍ଷରୁ ବିଭିନ୍ନ ସ୍ଥାନରେ ଚଢାଉ କରି, ୪୩ ଲିଟର ମହୁଲି ମଦ ଜବତ କରିବା ସହ ବେନିୟମ ଭାବେ ଦେଶୀ ମହୁଲି ମଦ ବିକ୍ରି ଅଭିଯୋଗରେ ତିନି ଜଣଙ୍କୁ ଗିରଫ କରିଛି । ବିଭାଗୀୟ ସୂଚନାମତେ ବେନିୟମ ଭାବେ ଦେଶୀ ମହୁଲି ମଦ ବିକ୍ରି ହେଉଥିବାର, ଖୁଂଟା ଅବକାରୀ ବିଭାଗ ବିଶେଷ ସୂତ୍ରରୁ ଖବର ପାଇ, ନିମ୍ନୋକ୍ତ ସ୍ଥାନ ମାନଙ୍କରେ ଚଢାଉ କରିଥିଲେ । ଖୁଂଟାଡାହି ଗ୍ରାମର ମଙ୍ଗଳ ସିଂ ( ୪୭) ଙ୍କ ପାଖରୁ ୧୨ ଲିଟର, କୁଆମାରା ର ଜଗନ୍ନାଥ ସିଂ (୫୨) ଙ୍କ ଠାରୁ ୧୫ ଲିଟର ଏବଂ କାଳିଆପଦା ଗ୍ରାମର ବନ୍ଦନା ସିଂ (୪୭) ବର୍ଷୀୟା ଜଣେ ମହିଳାଙ୍କ ନିକଟରୁ ୧୬ ଲିଟର ମହୁଲି ମଦ ଜବତ କରିବା ସହ, ସେମାନଙ୍କୁ ଗିରଫ କରିଛି । ଅବକାରୀ ବିଭାଗର ଏହି ଚଢ଼ାଉରେ ଏ ଏସ ଆଇ ଶ୍ରୀ କୃଷ୍ଣ ସୁନ୍ଦର ସେଠୀ, କନେଷ୍ଟବଳ କିଶୋର ଚନ୍ଦ୍ର ସରେନ, କନେଷ୍ଟବଳ ଶ୍ରୀ ନିରଞ୍ଜନ ମହାନ୍ତ ଏବଂ କନେଷ୍ଟବଳ ଦିପାଞ୍ଜଳି ଦାସ ପ୍ରମୁଖ ସାମିଲ ହୋଇଥିଲେ ।





**ସମ୍ମାନ କେହି କାହାକୁ ଦିଏ ନାହିଁ : ନିଜର କାର୍ଯ୍ୟ ତାହାକୁ ଅର୍ଜନ କରେ ।**

## ଆଜିକାଲି



ଅନନ୍ତ ବିଜୟଂ ରାଜା, କୁନ୍ତୀପୁତ୍ରୋ ଯୁଧିଷ୍ଠିରଃ
ନକୁଳଃ ସହଦେବଶ୍ଚ, ସୁଘୋଷମଣିପୁଷ୍ପକୌ
(ଶ୍ରୀମଦ୍ ଭଗବଦ୍ ଗୀତା)
ଭାବାର୍ଥ: ଯୁଧିଷ୍ଠିରଙ୍କ ଅନନ୍ତବିଜୟ, ନକୁଳଙ୍କ ସୁଘୋଷ ଓ ସହଦେବଙ୍କ ମଣିପୁଷ୍ପକ ଏ ସବୁ ଶଙ୍ଖ ମଧ୍ୟ ସଂଗେ ବାଜିଲା ।

# ଖାଦ୍ୟ ଅସୁରକ୍ଷା

ବଂଚିବା ପାଇଁ ଖାଦ୍ୟ ଜରୁରୀ, କିନ୍ତୁ ବିଶ୍ୱରେ କ୍ଷୁଧା ଏବେ ବି ଏକ ଗୁରୁତ୍ୱର ଚ୍ୟାଲେଞ୍ଜ ହୋଇରହିଛି । ବିଶ୍ୱ ଖାଦ୍ୟ କାର୍ଯ୍ୟକ୍ରମ ଦ୍ୱାରା ପ୍ରସ୍ତୁତ ୨୦୨୬ ବୈଶ୍ୱିକ ଦୃଷ୍ଟିକୋଣ ରିପୋର୍ଟ ଅନୁଯାୟୀ ସମଗ୍ର ବିଶ୍ୱରେ ପ୍ରାୟ ୩୧୮ ମିଲିଅନ ଲୋକ ଭୋକିଲା ପେଟରେ ଶୋଇବାକୁ ଯାଉଥାନ୍ତି । ଅର୍ଥାତ ଗୋଟିଏ ଓଳି ଖାଇବାକୁ ମୁଠାଏ ଖାଦ୍ୟ ଖାଇବାକୁ ପାଉନଥାନ୍ତି । କେବଳ ଏତିକି ନୁହେଁ, ସେମାନଙ୍କ ମଧ୍ୟରୁ ୪୧ ମିଲିଅନ ଲୋକ ଗୁରୁତର ଖାଦ୍ୟ ଅସୁରକ୍ଷା ଧକ୍କାର ସମ୍ମୁଖୀନ ହେଉଛନ୍ତି । ଭାରତ ଏଥିରୁ ଧକ୍କାରୁ ମୁକ୍ତ ନୁହେଁ ବୋଲି ରିପୋର୍ଟରେ କୁହାଯାଇଛି । ୨୦୨୫ ବୈଶ୍ୱିକ କ୍ଷୁଧା ସୂଚ୍ୟାଙ୍କ ଅନୁଯାୟୀ ୧୨୩ଟି ଦେଶ ମଧ୍ୟରେ ଭାରତର ସ୍ଥାନ ୧୦୨ରେ ରହିଥିବାବେଳେ ୨୫.୮ ସ୍କୋର ଅର୍ଜନ କରିଛି । ଯାହାକି ଗୁରୁତର ଖାଦ୍ୟ ଅସୁରକ୍ଷା ଶ୍ରେଣୀରେ ରହିଥିବା କୁହାଯାଇଛି । ସବୁଜ ବିପ୍ଳବ ପରେ ଭାରତ ଖାଦ୍ୟ ଶସ୍ୟ ଉତ୍ପାଦନରେ ଆତ୍ମନିର୍ଭରଶୀଳ ହୋଇପାରିଥିବା ସତ୍ତ୍ୱେ ଦେଶରେ କ୍ଷୁଧା ଚିନ୍ତାଜନକ ସ୍ଥିତିରେ ରହିଛି । ତେବେ ଏହି ସଂକଟ ଅପର୍ଯ୍ୟାପ୍ତ ଖାଦ୍ୟାଣସ୍ୟ ଉତ୍ପାଦନର କାରଣ ନୁହେଁ । ବିଶ୍ୱରେ ସାମଗ୍ରୀକ ଭାବେ ଯେତିକି ପରିମାଣର ଖାଦ୍ୟ ଶସ୍ୟ ଉତ୍ପାଦିତ ହେଉଛି, ତାହା ସମସ୍ତଙ୍କ କ୍ଷୁଧା ନିବାରଣ ବା ଖାଦ୍ୟ ଦେବାକୁ ଯଥେଷ୍ଟ । କିନ୍ତୁ ବିଶ୍ୱରେ ପର୍ଯ୍ୟାପ୍ତ ପରିମାଣର ଖାଦ୍ୟ ନଷ୍ଟ ହେଉଛି କ୍ଷୁଧାର ମୁଖ୍ୟ କାରଣ । ବିଶ୍ୱରେ ଯେତିକି ପରିମାଣର ଖାଦ୍ୟ ଅପଚୟ ହେଉଛି, ତାହାକୁ ରୋକାଯାଇପାରିଲେ, କେହି ରାତିରେ ବା ଗୋଟିଏ ଓଳି ଖାଲି ପେଟରେ ରହନ୍ତେ ନାହିଁ । ଜାତିସଂଘର ଏନଭିରୋନମେଂଟ ପ୍ରୋଗ୍ରାମର ଖାଦ୍ୟ ନଷ୍ଟ ସୂଚ୍ୟାଙ୍କ ରିପୋର୍ଟ ୨୦୨୪ରେ ଦର୍ଶାଇଛି ଯେ, ୨୦୨୨ରେ ବିଶ୍ୱରେ ୧.୦୫ ବିଲିଅନ ଟନ ଖାଦ୍ୟ ନଷ୍ଟ ହୋଇଥିଲା । ସ୍ତମ୍ଭିତ କଲାଭଳି ତଥ୍ୟ ହେଉଛି ଯେ, ବିଶ୍ୱରେ ଦୈନିକ ୧ ବିଲିଅନରୁ ଅଧିକ ମିଲ୍ ନଷ୍ଟ ହେଉଛି । ଯାହାକି ୧୦ପ୍ରତିଶତ ବୈଶ୍ୱିକ ଗ୍ରୀନହାଉସ ଗ୍ୟାସ ନିର୍ଗମନର କାରଣ ଭାବେ ଉଭା ହୋଇଛି । ଏହା ନିସନ୍ଦେହ ଯେ, ବିଶ୍ୱରେ ଖାଦ୍ୟାଣସ୍ୟ ନଷ୍ଟ ହେବାର ବହୁମୁଖୀ କାରଣ ରହିଛି । ଏଥି ମଧ୍ୟରେ ମୁଖ୍ୟ କାରଣ ହେଉଛି ଆବଶ୍ୟକୀୟ ଶୀତଳ ଭଣ୍ଡାର ଅଭାବ । ଶୀତଳ ଭଣ୍ଡାର ଅଭାବରୁ ଅମଳ ପରେ ୬୦ପ୍ରତିଶତ ଏବଂ ଖାଦ୍ୟ ନଷ୍ଟ ହେଉଥିବାବେଳେ ଭୋଜନ ସେବା ପ୍ରକ୍ରିୟାରେ ୨୮ପ୍ରତିଶତ ଏବଂ ଖାଦ୍ୟାଣସ୍ୟ ପରିବହନ ଓ ରିଟେଲରେ ୧୨ପ୍ରତିଶତ ନଷ୍ଟ ହେଉଥିବା ଏକ ରିପୋର୍ଟରେ କୁହାଯାଇଛି । ସେହିପରି ଘରେ ମଧ୍ୟ ମୋଟ ଉତ୍ପାଦିତ ଖାଦ୍ୟର ୧୯ପ୍ରତିଶତ ନଷ୍ଟ ହେଉଥିବା ରିପୋର୍ଟ କହେ । ସୁଖର କଥା ଏବେ ଫ୍ରାନ୍ସ, ଜର୍ମାନ ସମେତ ବିଶ୍ୱର ବହୁଦେଶରେ ସ୍ୱେଚ୍ଛାସେବୀ ସଂଗଠନଗୁଡ଼ିକ ବଳକା ଖାଦ୍ୟ ବ୍ୟାଙ୍କ ପ୍ରତିଷ୍ଠା କରି ସେସବୁ ଅସହାୟ, ଗରିବଙ୍କୁ ବଂଟନ କରୁଛନ୍ତି । ଆମ ରାଜ୍ୟରେ ବହୁ ସ୍ଥାନରେ ଏବେ ବଳକା ଖାଦ୍ୟ ଏନଜିଓଗୁଡ଼ିକ ସଂଗ୍ରହ କରି ବଂଟନ କରୁଛନ୍ତି । ବଳକା ଖାଦ୍ୟକୁ ଫୁଡ୍ ବ୍ୟାଙ୍କକୁ ନିକ୍ଷିପ୍ତ ଦେବାପାଇଁ ଯୁରୋପୀୟ ରାଷ୍ଟ୍ରଗୁଡ଼ିକ ଏବେ ଆଇନ ପ୍ରଣୟନ କରିବାକୁ ଚିନ୍ତା କରୁଛନ୍ତି । ଉଲ୍ଲେଖଯୋଗ୍ୟ ଯେଯ, କ୍ଷୁଧାମୁକ୍ତ ଭାରତ ଗଠନ ପାଇଁ ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନାରେ ସରକାର ଦେଶର ୬୭ପ୍ରତିଶତ ଗରିବ ପରିବାରର ୮୦ କୋଟିରୁ ଊର୍ଦ୍ଧ୍ୱ ଲୋକଙ୍କୁ ମୁଣ୍ଡ ପିଛା ମାସିକ ୫କେଜି ଖାଦ୍ୟ ଶସ୍ୟ ମାଗଣାରେ ଯୋଗାଇ ଦେଉଛନ୍ତି । ଏହା ଯଥେଷ୍ଟ ନହେଲେ ବି କ୍ଷୁଧାରୁ ସାମାନ୍ୟ ଆଶ୍ୱସ୍ତି ଆଣିଦେଇଛି ବୋଲି କୁହାଯାଇପାରେ । ଅଶୀ ଦଶକରେ ଅନାହାର ମୃତ୍ୟୁ ଏବଂ କ୍ଷୁଧାପାଇଁ ପିଲା ବିକ୍ରୀ ଘଟଣା ଦେଶବ୍ୟାପୀ ଘୋର ଆଲୋଡ଼ନ ସୃଷ୍ଟି କରିଥିଲା । ଏଭଳି ଲଜ୍ୟାଜନକ ଘଟଣା ଏବେ ଲୋକଲୋଚନକୁ ଆସୁନଥିବା ବେଳେ ଏହାର ପୁନରାବୃତ୍ତି ଯେ ଘଟୁ ନାହିଁ, ତାହା କହିହେବ ନାହିଁ । ଉଲ୍ଲେଖଯୋଗ୍ୟ ଯେ, ଜଳବାୟୁ ପରିବର୍ତ୍ତନ, ଭୂତଳ ଜଳସ୍ତର ହ୍ରାସ, ଜମିର ଉର୍ବରତା ହ୍ରାସ, ଚାଷ ପ୍ରତି ଯୁବପିଢ଼ୀଙ୍କ ବିମୁଖତା ଆଦି ବିଭିନ୍ନ କାରଣରୁ ବିଶ୍ୱରେ ଆସନ୍ତା ୨୦୫୦ ମସିହା ବେଳକୁ ଖାଦ୍ୟ ସଂକଟ ଉତ୍କଟ ହେବା ନେଇ ବିଶାରଦମାନେ ଚେତାବନୀ ଦେଇ ସାରିଲେଣି । ମଧ୍ୟ ପ୍ରାଚ୍ୟ ଯୁଦ୍ଧ ଯୋଗୁଁ ବିଶ୍ୱରେ ଶକ୍ତି ସଂକଟ ଦିନକୁ ଦିନ ଉତ୍କଟ ହେବାରେ ଲାଗିଛି । ଯାହାର ପ୍ରଭାବରେ କେବଳ ତୈଳ ନୁହେଁ, ଅତ୍ୟାବଶ୍ୟକୀୟ ଖାଦ୍ୟ ସାମଗ୍ରୀ ପରିବହନ ଗୁରୁତର ଭାବେ ବାଧାପ୍ରାପ୍ତ ହୋଇଛି । ଖାଦ୍ୟ ସାମଗ୍ରୀର ମୂଲ୍ୟ ବୃଦ୍ଧି ଘଟିଛି । ଗ୍ୟାସ ଦର ବୃଦ୍ଧି ଯୋଗୁଁ ଚା ଠାରୁ ଆରମ୍ଭ କରି ହୋଟେଲ ଖାଦ୍ୟ ଦର ଉପରମୁହାଁ ହେଲାଣି । ଯୁଦ୍ଧ ବିଧ୍ୱସ୍ତ ୟୁକ୍ରେନ, ଗାଜା, ଇରାନରେ ଖାଦ୍ୟ ସଂକଟ ଏବଂ ମୂଲ୍ୟ ବୃଦ୍ଧି ଯୋଗୁଁ ହଜାର ହଜାର ଲୋକ ଭୋଗ ଉପବାସରେ ରହିବା ସାର ହୋଇଛି । ସେହିପରି ସୁଦାନ, ଇଥିଓପିଆ ପରି କେତେକ ଦକ୍ଷୀଣ ଆଫ୍ରିକୀୟ ରାଷ୍ଟ୍ରରେ ଆଭ୍ୟନ୍ତରୀଣ ବିଦ୍ରୋହ ଓ ଦୁର୍ଭିକ୍ଷ ଯୋଗୁଁ ଲୋକେ କ୍ଷୁଧାରେ କାଳାତିପାତ କରୁଛନ୍ତି । ଖାଦ୍ୟ ଶସ୍ୟ ନଷ୍ଟକୁ ଏଡାଇବା ଲାଗି ଆବଶ୍ୟକୀୟ ଶୀତଳ ଭଣ୍ଡାର ପ୍ରତିଷ୍ଠା, ବଳକା ଖାଦ୍ୟର ସଦୁପଯୋଗ, ପରିବହନ ବ୍ୟବସ୍ଥାକୁ ସୁଗମ କରିବା, ଖାଦ୍ୟଶସ୍ୟ ଉତ୍ପାଦନରେ ଜଳବାୟୁ ଉପଯୋଗୀ ବୈଷୟିକ ଜ୍ଞାନକୌଶଳର ପ୍ରୟୋଗ ଏବଂ ଖାଦ୍ୟନଷ୍ଟକୁ ନିୟନ୍ତ୍ରଣ କରାଗଲେ କ୍ଷୁଧା ଯନ୍ତ୍ରଣାରୁ ମୁକ୍ତ ମିଳିବ । ଅନ୍ୟଥା କ୍ଷୁଧାରେ ରାତି ବିତାଇବା ସାର ହେବ ।

# ଜ୍ଞାନୀଜୈଲ ସିଂହ

◆ ଅକ୍ଷୟ କୁମାର ରାଉତ




ସମୟର ସ୍ରୋତରେ ପ୍ରକୃତିକୋଳରେକେତେସାଧୁ,ସନ୍ଥ, ପଣ୍ଡିତ, ବିଦ୍ୱାନ, କବି, ଲେଖକ,ନାଟ୍ୟକାର, ଦାର୍ଶନିକ,ବୈଜ୍ଞାନିକ, ଜନସେବକ ଓ ରାଜନେତାଜନ୍ମ ନିଅନ୍ତିସେମାନଙ୍କମଧ୍ୟରୁଜ୍ଞାନୀଜୈଲିସିଂହ ଅନ୍ୟତମ । ୧୯୧୬ ମସିହାମେମାସ ୫ ତାରିଖରେ ଫରିଦକୋର୍ଟ ସହରଠାରୁ ୧୦ କି.ମି. ଦୂରରେରେଲଲାଇନ କଡ଼ରଛୋଟିଆ ଗାଁସନ୍ଧୱାନରେ ଏକ ଶିଖ ପରିବାରରେଭାଇକିଷାନ ସିଂହ ଓ ବିବିଇନ୍ଦ କାଉରଙ୍କକୋଳମଣ୍ଡନ କରିଚତୁର୍ଥ ସନ୍ତାନ ଭାବେ ଜନ୍ମ ନେଲେ ଜୈଲସିଂହ । ଅଳ୍ପ ଦିନରେ ମା ଛେଉଣ୍ଡ ହୋଇ ମାଉସୀ ବିବିଦୟା କଉରଙ୍କ ସ୍ନେହଶ୍ରଦ୍ଧାରେବଢ଼ିଲେ ।ଜୈଲିସିଂହ ୧୨ବର୍ଷ ପର୍ଯ୍ୟନ୍ତ ଜାଣି ପାରି ନଥିଲେତାଙ୍କର ପ୍ରକୃତମାକିଏ ।ବାପାମାଙ୍କ ଧର୍ମ ପରାୟଣତା ତାଙ୍କଉପରେ ପ୍ରଭାବ ପକାଇ ଥିଲା । ଅଭାବରୁସେବେଶି ପାଠ ପଢି ପାରିନଥିଲେ । ପାଂଚବର୍ଷବୟସରେସେଗୁରୁଗ୍ରନ୍ଥସାହେବ ପଢିବୁଝି ପାରୁଥିଲେ ଓ ଅନ୍ୟମାନଙ୍କୁବୁଝାଉଥିଲେ ।ଶିଖ ଧର୍ମପରେ ଅଗାଧ ପାଣ୍ଡିତ୍ୟ ଲାଭ କରିଥିବାରୁତାଙ୍କୁ ଲୋକେଜ୍ଞାନୀ ଡାକିବାରୁ ସେ ଜ୍ଞାନୀଜୈଲିସିଂହଭାବରେ ପରିଗଣିତହେଲେ ।ଜ୍ଞାନୀ ନିଜ ଉଦ୍ୟମରେ ହିନ୍ଦୀ ଓ ଉର୍ଦ୍ଦୁଭାଷାଶିକ୍ଷାକରିସ୍ମୃତିଶାସ୍ତ୍ର, ଉପନିଷଦ, କୋରାନ, ଗୀତା, ଭାଗବତ ଓ ବାଇବେଲ ପଢିବହୁଜ୍ଞାନ ଅର୍ଜନ କଲେ । ସେସକାଳ ଓ ସନ୍ଧ୍ୟାରେ କୀର୍ତ୍ତନକରୁଥିଲେ, ଅନ୍ୟ ସମୟରେ ଘରେଇତିହାସ ଓ ଅନ୍ୟଗ୍ରନ୍ଥ ଅଧ୍ୟୟନ କରନ୍ତି ।୧୨ବର୍ଷ ବୟସରେଜ୍ଞାନୀ ବସନ୍ତ ରୋଗରେ ଆକ୍ରାନ୍ତ ହୋଇମୃତ୍ୟୁସହିତସଂଗ୍ରାମକରୁଥିଲେ । ପିତାଭାଇକିଷାନ ସିଂହଗ୍ରନ୍ଥସାହେବରୁଗୋଟିଏ ପ୍ରାର୍ଥନା ପଢିଈଶ୍ୱରଙ୍କସରଣାପନ୍ନ ହେଲେ ।ତାପରେଜ୍ଞାନୀଙ୍କର ଦେହ ଭଲ ହୋଇଗଲା । ଜ୍ଞାନୀକିର୍ତ୍ତନ କରୁଥିବା ଦେଶ ସେବାରେ ମନଦେଲେ ।ତାଙ୍କଉପରେଉଦ୍ଧମସିଂ ଓ ସନ୍ଥ ଅମରସିଂହତେଗଙ୍କର ପ୍ରଭାବ ପଡ଼ିଥିଲା । ସନ୍ଥ ଅମର ସିଂହତେଗତାଙ୍କୁବନ୍ଧୁକଟିଏ ଦେଇ ଆର୍ଶୀବାଦ କରି ଦେଶପାଇଁ ବ୍ରିଟିଶ୍‌ସରକାରଙ୍କବିରୁଦ୍ଧରେଲଢିବାକୁ ଶପଥ କରାଇ ଥିଲେ । ଏହିସମୟରେ ସେବିବିପ୍ରଧାନ କାଉରଙ୍କୁ ସହଧର୍ମଣୀ ଭାବରେ ଗ୍ରହଣକଲେ । ଥରେ ଫରିଦ୍ କୋର୍ଟଠାରେସବୁ ଧର୍ମତରଫର ଗୋଟିଏତର୍କସଭାର ଆୟୋଜନ କରାଗଲା । ସେଠାରେ ଜ୍ଞାନୀଜୀ ଜଣେ ଶ୍ରୋତା ଭାବରେ ଯାଇଥିଲେ କିନ୍ତୁ ବକ୍ତାଭାବରେଶିଖ୍ ଧର୍ମର ମୌଳିକତତ୍ୱ ଓ ସାରମର୍ମ କହି ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଦେଲେ । ସେତେବେଳେ ସାରା ଭାରତରେ ସ୍ୱାଧିନତା ପାଇଁ ଆନ୍ଦୋଳନ ଆରମ୍ଭ ହୋଇ ଯାଇଥାଏ । ଜ୍ଞାନୀଜୀ ଫରିଦ୍ କୋର୍ଟରେ ଭାରତୀୟ ଜାତୀୟ କଂଗ୍ରେସର ଏକ ଶାଖାଟିଏ ଖୋଲି ବିଭିନ୍ନସ୍ଥାନରେ ସଭାସମିତି କରି ଇଂରେଜ ସରକାର ଓ ରାଜାଙ୍କବିରୁଦ୍ଧରେଭାଷଣ ଦେବାରୁଗିରଫ ହେଲେ । ତାଙ୍କ ସହିତ ସର୍ଦ୍ଦାରଜଙ୍ଗସିଂହ, ମଣିସିଂଓ୍ୱାଲାଗିରଫ ହୋଇ ଫରିଦ୍‌କୋର୍ଟକେନ୍ଦ୍ରୀୟ ଜେଲରେ ପାଂଚବର୍ଷଜେଲଦଣ୍ଡ ସହିତ ୨୫୦ ଟ. ଜୋରିମାନା ଭୋଗିଥିଲେ ।ଜେଲରେ ଥାଇଜ୍ଞାନୀଜୀ ବିଭିନ୍ନ ଗ୍ରନ୍ଥଅଧ୍ୟୟନ ସହିତଜଣେସହକାରୀଜେଲ ଅଧିକାରୀଙ୍କ ଠାରୁ ଇଂଗ୍ରାଜୀ ଶିକ୍ଷାକଲେ । ଜେଲରେସେମାଆଙ୍କ ପାଖକୁଖଣ୍ଡେ ଚିଠିଲେଖି ଧରାପଡି ଦଣ୍ଡ ପାଇଲେ ।ମା ପୁଅକୁ ଦେଖାକରିବାକୁ ଯାଇ ଟିକେ ସ୍ନେହରେ କୋଳାଇ ପାରିନଥିଲେ,ଲୁହାବାଡର ପ୍ରତିବନ୍ଧକ ଯୋଗୁ । ଜେଲରେ ଥିବାସମୟରେସେ ପାଳିତମାଙ୍କୁହରାଇଲେ । ଜେଲରୁମୁକୁଳା ପରେ ଗାଁରେରହି ପାରିନଥିଲେ ଗୁଇନ୍ଦାବିଭାଗରକଡା ନଜରରୁ, ଭାଇବନ୍ଧୁଙ୍କୁଛାଡିଲାହୋର ସହରକୁଚାଲିଗଲେ । ଅକାଳୀ ଦଳର ମୁଖିଆତାରାସିଂଙ୍କୁ ଦେଖା କରିଶିଖ୍ ମିଶିନାରୀ କଲେଜରେଯୋଗଦେଇ ମାସିକ ୧୬ ଟଙ୍କାଭତାରେରହିଲେ ।କିଛିଦିନ ପରେ ସେମାସିକ ୮୧ ଟଙ୍କା ବିନିମୟରେ ଜ୍ଞାନୀଜି ହୋସିଆରପୁର ଶିଖ୍‌ସଂଘ ସେବାରେ କାର୍ଯ୍ୟ କେଲ । ଏହିସମୟରେ ପାବ ପ୍ରଦେଶରେ ପ୍ରଜାମଣ୍ଡଳ ତରଫରୁ ଲେକପ୍ରିୟ ସରକାର ଗଠନ ପାଇଁ ଆନ୍ଦୋଳନ ଚାଲୁଥାଏ । ଜ୍ଞାନୀଜୀ ସେଠାରେ ପହଂଚି ଆନ୍ଦୋଳନ ଚାଲୁରଖିଲେ ଓ ପଣ୍ଡିତନେହେରୁଙ୍କ ସହିତଘନିଷ୍ଟସମ୍ପର୍କରକ୍ଷାକଲେ । ଭାରତସ୍ୱାଧୀନ ହେଲାନେହେରୁ ପ୍ରଧାନମନ୍ତ୍ର.ସର୍ଦ୍ଦାରବଲ୍ଲଭଭାଇ ପଟେଲଗୃହମନ୍ତ୍ରୀ। ସର୍ଦ୍ଦାର ପଟେଲଜ୍ଞାନୀଜୀଙ୍କୁ ଦିଲ୍ଲୀଡକାଇଲେ ।ଜ୍ଞାନୀଜୀଙ୍କ ପାଖରେ ପଇସା ନାହିଁ ।ତେଣୁସେବନ୍ଧୁରାମନାଥଙ୍କ ସହିତ ଦୁଇ ମାଇଲର ବାଟଚାଲିଚାଲି ପାତିଆଲାଷ୍ଟେସନରୁଶହେଟଙ୍କା ଧାରକରି ଦିଲ୍ଲୀଗଲେ । ସେଠାରେ ୧୦ ମିନିଟ୍‌ବିଳମ୍ବ ଯୋଗୁ ଦେଖାକରିନ ପାରିବାରୁ ଭୋକ ଉପାସରେ ଅପେକ୍ଷାକଲେ । ପଟେଲଙ୍କ ନିର୍ଦ୍ଦେଶରେମନ୍ତ୍ରମଣ୍ଡଳ ଗଠନ ହେଲା । ମୁଖ୍ୟମନ୍ତ୍ରୀ ଜ୍ଞାନୀସିଂହରାରେ ଓ୍ୱାଲଙ୍କମନ୍ତ୍ରୀମଣ୍ଡଳରେ ରାଜସ୍ୱମନ୍ତ୍ରୀ ଭାବେଜ୍ଞାନୀଜୀ ଦାୟିତ୍ୱଗ୍ରହଣକଲେ । ପରେ ପରେ ଦୁଇବର୍ଷପାଇଁ ପେପସୁ ପ୍ରଦେଶର କଂଗ୍ରେସକମିଟିର ସଭାପତିଭାବରେ ଜ୍ଞାନୀଜୀ ନିର୍ବାଚିତ ହେଲେ । ୬ ବର୍ଷ ପାଇଁସେରାଜ୍ୟସଭାର ସଦସ୍ୟଭାବରେ ନିର୍ବାଚିତ ହେଲେ । ରାଜ୍ୟସଭାର ସଭ୍ୟଭାବରେ କାର୍ଯ୍ୟକାଳ ପୂରଣ କରିସେ ପାବବିଧାନସଭାରୁ ନିର୍ବାଚିତହେଲେ । ୧୯୭୧ ମସିହାଜୁନ୍ ୯ ତାରିଖରେ ପାବରେରାଷ୍ଟ୍ରପତିଶାସନ ଜାରି ହେଲା । ଏହିସମୟରେଭାରତ ପାକିସ୍ତାନ ଯୁଦ୍ଧ ଆରମ୍ଭ ହୋଇଗଲା । ଯୁଦ୍ଧ ପରେ ପାବବିଧାନସଭାର ନିର୍ବାଚନ ହେଲା । ଜ୍ଞାନୀଜୀଙ୍କ ନେତୃତ୍ୱରେକଂଗ୍ରେସଦଳ ମନ୍ତ୍ରୀମଣ୍ଡଳ ଗଠନ କଲେ । ସେ ହେଲେ ମୁଖ୍ୟମନ୍ତ୍ରୀ । ତାଙ୍କର ଶାସନକାଳକୁ ଲୋକମାନେ ମହାରାଜା ରଣଜିତ୍‌ସିଂହଙ୍କକାର୍ଯ୍ୟସହିତତୁଳନାକଲେ । ସପ୍ତମ ଲୋକସଭା ନିର୍ବାଚନରେ ଇନ୍ଦିରାଗାନ୍ଧୀଙ୍କମନ୍ତ୍ରୀମଣ୍ଡଳରେ ଜ୍ଞାନୀଜୀ ଘରୋଇ ବିଭାଗରମନ୍ତ୍ରୀଭାବରେ ଦାୟିତ୍ୱଗ୍ରହଣ କଲେ । ସେ ତାଙ୍କ ରାଜନୈତିକଜୀବନ ଆରମ୍ଭରୁ ଏକ 'ଖାଲସସେବକ' ନାମରେ ସାପ୍ତାହିକସମ୍ବାଦପତ୍ର ପ୍ରକାଶକରିଥିଲେ । ପରବର୍ତ୍ତୀ ସମୟରେତାହା ଦୈନିକସମ୍ବାଦପତ୍ରଭାବରେ ଆତ୍ମ ପ୍ରକାଶକଲା । ସେ ଗୃହମନ୍ତ୍ରୀ ହିସାବରେସମ୍ପାଦକମାନଙ୍କର ଏକ ସମ୍ମିଳନୀ କରାଇ ସାମ୍ବାଦିକ ମାନଙ୍କର ସୁରକ୍ଷା ଓ ସ୍ୱାଧୀନତାସରକାରବହନ କରିବା ପାଇଁ ଆହ୍ୱାନ ଦେଇଥିଲେ । ୧୯୮୨ମସିହା ଜୁଲାଇମାସ ୨୪ ତାରିଖରେ ଜ୍ଞାନୀଜୀ ଭାରତର ରାଷ୍ଟ୍ରପତିଭାବରେଶପଥ ଗ୍ରହଣ କରିଥିଲେ । ତାଙ୍କ ନିର୍ଦ୍ଦେଶରେ 'ବ୍ଲୁଷ୍ଟାର ଅପରେସନ' କରାଗଲା ।ସ୍ୱର୍ଣ୍ଣମନ୍ଦିରରେସୈନ୍ୟ ବାହିନୀ ପଶିସନ୍ତ୍ରାସବାଦୀମାନଙ୍କୁ ଧରିଲେ ଓ ଦେଶଟାବଡବିପଦରୁରକ୍ଷା ପାଇଗଲା । ୧୯୯୪ ମସିହା ନଭେମ୍ବର ମାସ ୨୯ତାରିଖରେଜ୍ଞାନୀଜୀ ଏକ କାରରେ ଆନନ୍ଦପୁର ସାହିବରୁ ଚଣ୍ଡୀଗଡକୁ ଫେରୁ ଥିଲେ । ହଠାତ୍‌ରୋ ପତ୍‌ଜିଲ୍ଲାରବୁଙ୍ଗାସାହିବ ନିକଟରେ ଗୋଟିଏ ଟ୍ରକ ସହିତ କାରଟି ଧକ୍କାଲାଗିଲା,ସେଗୁରୁତର ଆହତ ହେଲେ । ଦୀର୍ଘ ୨୭ ଦିନ ଧରିମୃତ୍ୟୁସହିତସଂଗ୍ରାମକରି ୧୯୯୪ ମସିହା ଡିସେମ୍ବର ମାସ ୨୫ ତାରିଖସକାଳସାତଟାଚାଳିଶମିନିଟରେ ୭୮ ବୟସରେଶେଷ ନିଶ୍ୱାସତ୍ୟାଗକଲେ । ଜଣେ ଦେଶ ସେବକ ରାଜନେତା, କବି, ଲେଖକ ଓ ପୂର୍ବତନ ରାଷ୍ଟ୍ରପତିଙ୍କମୃତ୍ୟୁରେ ଦେଶରେ ଶୋକର ଛାୟା ଖେଳିଗଲା ।କେନ୍ଦ୍ରସରକାର ୭ ଦିନ ପାଇଁଜାତୀୟଶୋକ ପାଳିବାକୁ ଘୋଷଣା କଲେ ।ଜାତୀୟ ପତକା ଅର୍ଦ୍ଧ ନିମିତକରାଗଲା । ଦିଲ୍ଲୀର ବିଜୟଘାଟ ନିକଟରେ ଥିବାଏକତାସ୍ଥଳରେ ରାଷ୍ଟ୍ରୀୟ ସମ୍ମାନର ସହିତ ଦାହ କରାଗଲା । ଦେଶରଚାରିଆଡେନ୍ତ ଜୈଲସିଂହ ଅମରରହେ ମୁଖରିତ ହେଲା ।

*ପାରାଦ୍ୱୀପଗଡ, କୁଜଙ୍ଗ, ଜଗତ୍‌ସିଂହପୁର-୯୯୩୭୬୯୧୪୭୫*

**ଦାର୍ଶନିକ**

# କାର୍ଲ ମାର୍କସ୍



ସମଗ୍ର ପୃଥିବୀରେ ଶ୍ରମ ଶକ୍ତି ଓ ଶ୍ରେଣୀ ସଂଘର୍ଷର ଅନନ୍ୟ ନାୟକ ଥିଲେ ସେ, ତାଙ୍କ ଲେଖନୀ ଓ ଚିନ୍ତନ ସବୁବେଳେ ଅବହେଳିତ ଓ ଶୋଷିତ ଶ୍ରେଣୀ ସଂଗ୍ରାମ ପାଇଁ ଉତ୍ସର୍ଗ ଥିଲା । ନିଜ ଜୀବନକୁ ଏହି ମେହେନତିଙ୍କ ସୁଖଦୁଃଖରେ ସାମିଲ ହେବା ପାଇଁ ତିଳ ତିଳ ଉତ୍ସର୍ଗ କରିଥିବା ଅଦିତ୍ୟ ମହାନାୟକ ହେଉଛନ୍ତି କାର୍ଲ ମାର୍କସ । କାର୍ଲ ହେନ୍‌ରିଖ ମାର୍କସ୍ ଜର୍ମାନ ଦାର୍ଶନିକ, ଅର୍ଥଶାସ୍ତ୍ରୀ ଏବଂ ବୈଜ୍ଞାନିକ ସମାଜବାଦର ପ୍ରଣେତା ଥିଲେ । ତାଙ୍କ ଦର୍ଶନ ଆଜି ବି ମାର୍କସ୍‌ବାଦ ରୂପରେ ଆମ ସମାଜରେ ବଂଚ୍ ରହିଛି । ମାର୍କସ୍‌ବାଦ ଏଭଳି ଏକ ବିଜ୍ଞାନ ଥିବା ଯାହା ତତ୍‌କାଳୀନ ସମୟର ଘଟଣାଗୁଡ଼ିକୁ ବିଶ୍ଳେଷଣ କରି ଶ୍ରମିକ ଶ୍ରେଣୀ ଏବଂ ସାମ୍ୟବାଦ କାର୍ଯ୍ୟକଳାପକୁ ମାର୍ଗଦର୍ଶନ କରି ଆସିଥିଲା । ମାତ୍ର ୧୭ ବର୍ଷ ବୟସରେ ବନ୍ ବିଶ୍ୱବିଦ୍ୟାଳୟରେ ଆଇନ ଶିକ୍ଷା ଲାଭ କରିବା ଲାଗି ଭର୍ତ୍ତି ହୋଇଥିବା କାର୍ଲ ମାର୍କସ୍ ପରେ ବର୍ଲିନ ଓ ଜେନ୍ ବିଶ୍ୱ ବିଦ୍ୟାଳୟରୁ ସାହିତ୍ୟ, ଇତିହାସ ଏବଂ ଦର୍ଶନରେ ଉଚ୍ଚଶିକ୍ଷା ଲାଭ କରିଥିଲେ । ମାର୍କସ୍ ୧୮୪୮ ରେ ଫ୍ରେଡ଼ରିକ୍ ଆଙ୍ଗଲସ୍‌ଙ୍କ ସହ ମିଶି କମ୍ୟୁନିଷ୍ଟ ମେନିଫେଷ୍ଟୋ ଲେଖିଥିଲେ । ଏହାକୁ ଶ୍ରମିକ ବର୍ଗଙ୍କ ନିମନ୍ତେ ସର୍ବପ୍ରଥମ ରାଜନୈତିକ ଘୋଷଣାପତ୍ର କୁହାଯାଇଥାଏ । ତାଙ୍କ ଦର୍ଶନ ଅବହେଳିତ ଶ୍ରମଜୀବୀଙ୍କ ଅଧିକାରକୁ ସୁନିଶ୍ଚିତ କରିବା ସହ ସେମାନଙ୍କୁ ଏକତ୍ର ହେବା ଲାଗି ପ୍ରେରଣା ଯୋଗାଇଥିଲା । ପୁଞ୍ଜିପତିଙ୍କ ଦ୍ୱାରା ଶ୍ରମିକଙ୍କ ଶୋଷଣକୁ ସେ ବିରୋଧ କରୁଥିଲେ । ଉତ୍ପାଦନ ଏବଂ ଅର୍ଥ ବ୍ୟବସ୍ଥାକୁ ସୁଦୃଢ଼ କରିବାରେ ଶ୍ରମିକଙ୍କ ଗୁରୁତ୍ୱ ରହିଛି ଏହି ଧାରଣା କାର୍ଲମାର୍କସ୍ ସୃଷ୍ଟି କରିପାରିଥିଲେ । ଶ୍ରମିକ ଆନ୍ଦୋଳନର ନେତୃତ୍ୱ ନେବା ଯୋଗୁଁ ତାଙ୍କୁ ୧୮୪୫ରେ ଜର୍ମାନୀରୁ ବହିଷ୍କାର କରି ଦିଆଯାଇଥିଲା । ସେଠାରୁ ସେ ପ୍ୟାରିସ୍ ଚାଲିଯାଇଥିଲେ । ପରେ ବ୍ରୁସେଲସ୍ ଯାଇ କମ୍ୟୁନିଷ୍ଟ ଲିଗ୍ ଗଠନରେ ସକ୍ରିୟ ଅଂଶଗ୍ରହଣ କରିଥିଲେ । ଜର୍ମାନୀର ସମାଜବାଦୀ ବିପ୍ଳବକୁ ସହାୟତା ଯୋଗାଇ ଦେଇଥିବାରୁ ସେଠାରୁ ମଧ୍ୟ ତାଙ୍କୁ ବହିଷ୍କାର କରି ଦିଆଯାଇଥିଲା । ଏହାପରେ ସେ ଲଣ୍ଡନ ଚାଲିଯାଇ ଜୀବନର ଶେଷ ପର୍ଯ୍ୟନ୍ତ ସେଠାରେ ରହିଥିଲେ । ସାରା ଦୁନିଆର ଦର୍ଶନ, ଇତିହାସ ଓ ନିଜ ଅନୁଭବକୁ ପାଥେୟ କରି କାର୍ଲମାର୍କସ ସମାଜର ଶ୍ରମିକବର୍ଗ ଓ ଶ୍ରମଜୀବୀଙ୍କୁ ମାର୍କସବାଦ୍‌ଙ୍କ ରୂପରେ ଏକ ଅମୋଘ ଅସ୍ତ୍ର ପ୍ରଦାନ କରିଥିଲେ । ତାଙ୍କ ଦର୍ଶନକୁ ତତ୍‌କାଳୀନ ସମୟରେ ବିରୋଧ କରାଯାଇ ଥିଲେ ମଧ୍ୟ ରୁଷ ଭଳି ରାଷ୍ଟ୍ର ଏବେ କାର୍ଲମାର୍କସ୍‌ଙ୍କ ଦର୍ଶନ ଆଧାରରେ ଚାଲି ଆସିଛି । କେବଳ ରୁଷ ନୁହେଁ ବିଶ୍ୱର ଅଧିକାଂଶ ରାଷ୍ଟ୍ର ମାର୍କସ ସମାଜବାଦୀ ନୀତିକୁ ଗ୍ରହଣ କରିଛନ୍ତି । ଏଠାରେ ଆମେ ବିଜ୍ଞ ପାଠକମାନଙ୍କୁ ସୂଚୀତ କରୁଛୁ ଯେ ସମଗ୍ର ପୃଥିବୀର ବିଭିନ୍ନ ଭାଷାରେ ଅନୁବାଦ ହୋଇ ସର୍ବକାଳୀନ ରେକର୍ଡ଼ ସୃଷ୍ଟି କରିବା ସହ ଅସଂଖ୍ୟ ପାଠକୀୟ ସ୍ୱୀକୃତି ପାଇଛି କାର୍ଲ ମାର୍କସଙ୍କ ପୁସ୍ତକ । ପୃଥିବୀର ସବୁଠାରୁ ବେଶି ବିକ୍ରି ହେଉଥିବା ପୁସ୍ତକ ଭାବେ ତାଙ୍କର ସୃଜନ ସାହିତ୍ୟ ଇତିହାସର ସ୍ୱର୍ଣ୍ଣାକ୍ଷରରେ ମଧ୍ୟ ଏକ ସ୍ୱତନ୍ତ୍ର ସ୍ଥାନ ପାଇଛି । ଏଯାବତ୍ ଭାରତ ଓ ପୃଥିବୀର ବିଭିନ୍ନ ପାଠ୍ୟ ଶ୍ରେଣୀ କ୍ରମରେ କାର୍ଲ ମାର୍କସଙ୍କ ପୁସ୍ତକ ଓ ତାଙ୍କ ସମ୍ଭାଷଣ ସ୍ଥାନିତ ହୋଇଛି । ଅସଂଖ୍ୟ ଗବେଷକ ମଧ୍ୟ ତାଙ୍କ ଲେଖନୀ ଉପରେ ବର୍ଷ ବର୍ଷ ଧରି ଅନୁସନ୍ଧାନ ସାପେକ୍ଷ ଗବେଷଣା ଜାରି ରଖିଛନ୍ତି । ନିଜର ଶେଷ ଜୀବନକୁ ସେ ବସ୍ତୀ ଅଂଚଳର ପିଲା ଓ ଅବହେଳିତ ଶ୍ରମିକ ଶ୍ରେଣୀ ସମାଜ ପାଇଁ ନିଜ ଜୀବନ ସହ ସମସ୍ତ ରୋଜଗାର ବ୍ୟୟିତ କରିଥିଲେ । ଏହି ମହାନ ଦାର୍ଶନିକ ଜର୍ମାନୀର ପ୍ରୁସିଆ ଅନ୍ତର୍ଗତ ଟ୍ରିଅର୍ ଠାରେ ମଇ ୫ ତାରିଖ ୧୮୧୮ ମସିହାରେ ଜନ୍ମ ଗ୍ରହଣ କରିଥିଲେ

▶ ▶ ▶

# ତିନି ଗଛ


◆ଗୋପୀନାଥ ଦାଶ

ଜଙ୍ଗଲରେ ତିନିଟି ଗଛ ବଢୁଥିଲେ । ସେମାନଙ୍କର ଅଲଗା ଅଲଗା ସ୍ୱପ୍ନ ଥିଲା । ଗୋଟିଏ ଗଛ କହିଲା, ମୁଁ ଗୋଟିଏ ସିନ୍ଦୁକରେ ପରିଣତ ହେବାକୁ ଚାହେଁ, ଯାହା ଭିତରେ ମୂଲ୍ୟବାନ ରତ୍ନ ରହିବ । ଦ୍ୱିତୀୟ ଗଛ କହିଲା, ମୁଁ ଏକ ବିଶାଳ ପୋତରେ ପରିଣତ ହେବାକୁ ଚାହେଁ, ଭୀଷଣ ସାମୁଦ୍ରିକ ଝଡ଼ ବି ଯାହା ଆଗରେ ହାର ମାନିବ । ତୃତୀୟ ଗଛ କହିଲା, ମୁଁ ସବୁଠାରୁ ଅଧିକ ଉଚ୍ଚ ହେବାକୁ ଚାହେଁ ଭଗବାନଙ୍କ ନିକଟବର୍ତ୍ତୀ ହେବାକୁ ଇଛା ଯେ ପରି ଲୋକେ ମୋତେ ଚିର କାଳ ମନେ ରଖିବେ । ଦିନେ ତିନି ଜଣ କାଠୁରିଆ ଆସି ଗଛ ତିନିଟିକୁ କାଟିଲେ । ପ୍ରଥମ ଗଛ ପରିଣତ ହେଲା ଗାଇ ଗୋରୁଙ୍କ ଖାଦ୍ୟ ଦିଆଯାଉ ଥିବା କୁଣ୍ଡରେ, ଦ୍ୱିତୀୟ ଟି ଏକ ଛୋଟିଆ ମାଛଧରା ଡଙ୍ଗାରେ ଏବଂ ତୃତୀୟଟି ପଡ଼ିରହିଲା । ପୁଣି କିଛି ବର୍ଷ ବିତିଗଲା । ସ୍ୱପ୍ନ ପୂରଣ ହୋଇ ନଥିବାରୁ ତିନିଗଛ ଦୁଃଖରେ ଥାଆନ୍ତି । ଦିନେ ରାତିରେ ଗୋରୁଙ୍କ ପାଇଁ ଉଦ୍ଧିଷ୍ଟ କୁଣ୍ଡରେ ଆଶ୍ରୟ ପାଇଲେ ଜଣେ ଦିବ୍ୟ ଶିଶୁ । କିଛି କାଳ ପରେ ମାଛଧରା ଡଙ୍ଗାଟି ସମୁଦ୍ର ଭିତରେ ଯାଉଥାଏ, ଭୟଙ୍କର ଝଡ଼ ଆସିଲା ହଠାତ୍ ଡଙ୍ଗାରେ ଥିବା ମହାପୁରୁଷ ଝଡ଼କୁ ଥମିବାକୁ ନିର୍ଦ୍ଦେଶ ଦେଲେ ଝଡ଼ ଶକ୍ତିହୀନ ହେବାରୁ ଚମତ୍କୃତ ହେଲା ଡଙ୍ଗା । ଆଉ କିଛି ଦିନ ପରେ ଦୀର୍ଘ କାଳ ଧରି ଅବ୍ୟବହୃତ ଭାବେ ପଡ଼ିଥିବା ଗଛ ଗଣ୍ଡିକୁ ଧରି ପାହାଡ଼ର ଶୀର୍ଷକୁ ଚାଲିଲେ ମହାପୁରୁଷ । ତାଙ୍କୁ ଗଛ ଗଣ୍ଡିରେ କ୍ରସ୍ ବିଦ୍ଧ କରାଗଲା । ଭଗବାନଙ୍କ ସାନ୍ନିଧ୍ୟ ଚାହୁଁଥିବା ବୃକ୍ଷ ସ୍ୱପ୍ନ ସାର୍ଥକ ହୋଇଥିବା ଜାଣିପାରିଲା । ଅର୍ଥାତ୍ ତିନିଗଛ, ଯାହା ଚାହୁଁଥିଲେ, ପାଇଥିଲେ । ଭଗବାନ ସମସ୍ତଙ୍କ ପାଇଁ ଯୋଜନା କରିଛନ୍ତି । ତାଙ୍କ ଉପରେ ପୂର୍ଣ୍ଣ ବିଶ୍ୱାସ ରଖିଲେ ତାଙ୍କର ସାନ୍ନିଧ୍ୟ ଅବଶ୍ୟ ଲାଭ କରିବ, ସେ ପରି ତିନି ଗଛ ଭଗବାନ ଜିସୁଙ୍କୁ ପାଇଥିଲେ ଏବଂ ସେମାନଙ୍କର ଜୀବନ ଧନ୍ୟ ହୋଇଥିଲା ।

*କ୍ରୀଡ଼ା ଶିକ୍ଷକ, ହରିହରାନନ୍ଦ ବାଳାଶ୍ରମ, ଅରୁଆ କଦଳୀବଣ, ପଟ୍ଟାମୁଣ୍ଡାଇ, କେନ୍ଦ୍ରାପଡ଼ା: ୮୮୯୫୨୯୬୧୬୭*

# ଆଦି ସାମ୍ବାଦିକ ଓ ଭକ୍ତି ସୂତ୍ରର ପ୍ରଣେତା ଦେବର୍ଷି ନାରଦ


◆ ଅଧ୍ୟାପକ ହେମନ୍ତ କୁମାର ଗନ୍ତାୟତ



ସୃଷ୍ଟିକର୍ତ୍ତା ବ୍ରହ୍ମାଙ୍କର ମାନସ ପୁତ୍ର ଓ ଭଗବାନ ବିଷ୍ଣୁଙ୍କର ପରମ ଭକ୍ତ ଏବଂ ବିଶ୍ୱ ବ୍ରହ୍ମାଣ୍ଡର ଆଦି ସାମ୍ବାଦିକ ତଥା ଭକ୍ତି ସୂତ୍ରର ପ୍ରଣେତା ଅଟନ୍ତି ଦେବର୍ଷି ନାରଦ । ସେ ହିନ୍ଦୁ ପଞ୍ଜିକା ଅନୁସାରେ, ଜ୍ୟେଷ୍ଠ ମାସ କୃଷ୍ଣ ପକ୍ଷ ପ୍ରତିପଦା ତିଥିରେ ସୃଷ୍ଟି ହୋଇଥିଲେ । ତେଣୁ ଉକ୍ତ ଦିନକୁ ନାରଦଙ୍କ ଜନ୍ମୋତ୍ସବ ବା 'ଆଦି ସାମ୍ବାଦିକ ଦ୍ୱିସ ରୂପେ ପାଳନ କରାଯାଏ । କାରଣ ଦେବର୍ଷି ହେଉଛନ୍ତି ବିଶ୍ୱର ପ୍ରଥମ ସାମ୍ବାଦିକ । ଯେ କି ସ୍ୱର୍ଗ, ମର୍ତ୍ତ୍ୟ ଏବଂ ପାତାଳ ଲୋକକୁ ଭ୍ରମଣ କରି ସୂଚନା ଆଦାନ ପ୍ରଦାନ କରୁଥିଲେ । ଯା'ର ମୂଳ ଲକ୍ଷ୍ୟ ଥିଲା ସତ୍ୟର ଉନ୍ମୋଚନ କରିବା । ସେ ଏପରି ଏକ ବ୍ୟକ୍ତିତ୍ୱ ଯେ - ଦେବତା, ଅସୁର ଏବଂ ମନୁଷ୍ୟ ସମସ୍ତଙ୍କର ସମାନ ଭାବରେ ପୂଜ୍ୟ ଥିଲେ । ନାରଦ ସର୍ବଦା ହାତରେ ବୀଣା ବଜାଇ ଭଗବାନଙ୍କ ଗୁଣଗାନ କରୁଥିଲେ । ତାଙ୍କର ପ୍ରତିଟି କାର୍ଯ୍ୟ ପଛରେ ସଂସାରର କଲ୍ୟାଣ ସୂତ୍ର ଲୁଚି ରହୁଥିଲା । ସେ ହିଁ ଧ୍ରୁବ ଏବଂ ପ୍ରହଲ୍ଲାଦଙ୍କ ଭଳି ଶିଶୁଙ୍କୁ ଭକ୍ତିର ମାର୍ଗ ଦେଖାଇ, ଶ୍ରେଷ୍ଠ ଭକ୍ତ କରିବାରେ ଶ୍ରେୟ ପାଇଛନ୍ତି । ଦେବର୍ଷି ନାରଦ ସର୍ବଶାସ୍ତ୍ର ବିଶାରଦ ଥିଲେ ମଧ୍ୟ ଭକ୍ତିକୁ ପ୍ରାଧାନ୍ୟ ଦେଇଛନ୍ତି । କାରଣ କଳିଯୁଗରେ କେବଳ ଭକ୍ତି ଦ୍ୱାରା ହିଁ ଭଗବାନଙ୍କ ନାମ ସ୍ମରଣ, କୀର୍ତ୍ତନ ଓ ଭଜନ ସମ୍ଭବପର । ଯାହା ଫଳରେ ମନୁଷ୍ୟ ସମସ୍ତ ପାପରୁ ମୁକ୍ତି ପାଇପାରିବ । ଏହାକୁ ଦୃଷ୍ଟିରେ ରଖି ସେ ଭକ୍ତି ସୂତ୍ର ରଚନା କରିଥିଲେ । ଯାହାକୁ ନାରଦୀୟ ଭକ୍ତି ସୂତ୍ର କୁହାଯାଏ । ଏଥିରେ ୮୪ଟି ସୂତ୍ରକୁ ବିଭିନ୍ନ ବିଭାଗରେ ବିଭକ୍ତ କରାଯାଇଛି ।ଯେପରି ଭକ୍ତିର ସଂଜ୍ଞା, ଅର୍ଥାତ୍ ଭକ୍ତି କ'ଣ ଏବଂ ଏହାର ସ୍ୱଭାବ କିପରି, ସେ ବିଷୟରେ ପ୍ରଥମ ସୂତ୍ର ଠାରୁ ୨୪ତମ ସୂତ୍ର ପର୍ଯ୍ୟନ୍ତ ବର୍ଣ୍ଣିତ ହୋଇଛି । ସେଥିମଧ୍ୟରୁ ଗୋଟିଏ ସୂତ୍ର ହେଉଛି: 'ସା ତୁ ନ କାମୟମାନା, ନିରୋଧରୂପତ୍ୱାତ୍ ?' ଅର୍ଥାତ୍ ପ୍ରକୃତ ଭକ୍ତି କେବେ ବି କୌଣସି ପ୍ରକାରର କାମନା ବା ସ୍ୱାର୍ଥ ରଖେ ନାହିଁ । ଏହା ସମସ୍ତ ପାର୍ଥିବ ଇଚ୍ଛାର ରୂପକୁ ଅବରୋଧ କରିଥାଏ । କାମନାର ଅର୍ଥ କିଛି ପାଇବା । ଯେଉଁଠି ସ୍ୱାର୍ଥ ଥାଏ, ସେଠି ପ୍ରେମ ବା ଭକ୍ତି ଉପୁଜେ ନାହିଁ । ସଧାରଣ ମଣିଷ ସାଧାରଣତଃ ଭଗବାନଙ୍କୁ କିଛି ମାଗିବା ପାଇଁ ପୂଜା କରିଥାଏ । ପରନ୍ତୁ ନାରଦଙ୍କ ମତରେ, ଭଗବାନଙ୍କୁ କେବଳ ଭଗବାନଙ୍କ ପାଇଁ ଭଲ ପାଇବା ହିଁ ପ୍ରକୃତ ଭକ୍ତି । ସେ'ପରି 'ତସ୍ମିନ୍ନନନ୍ୟତା ତଦ୍‌ବିରୋଧିଷୂଦାସୀନତା ଚ ?' ଏହାର ଅର୍ଥ ହେଉଛି ଜଣେ ଭକ୍ତ ନିଜ ମନକୁ କେବଳ ଈଶ୍ୱରଙ୍କଠାରେ କେନ୍ଦ୍ରିତ କରିବା ସହ ସଂସାରର ମାୟା ବା ବିବାଦରୁ ନିଜକୁ ଦୂରେଇ ରଖିବା । ତା'ସହିତ ଭକ୍ତି ମାର୍ଗରେ ବାଧା ସୃଷ୍ଟି କରୁଥିବା ବିଷୟ ପ୍ରତି ଉଦାସୀନ ରହିବା ହିଁ ଭକ୍ତି । ସେ'ପରି ଭକ୍ତିର ଶ୍ରେଷ୍ଠତା, ଏଥିରେ ଅନ୍ୟ ସାଧନା ମାର୍ଗ ଅପେକ୍ଷା ଭକ୍ତି କାହିଁକି ଉତମ,ତାହା ୨୫ ସୂତ୍ର ଠାରୁ ୩୩ ସଂଖ୍ୟା ସୂତ୍ର ଯାଏଁ ଦର୍ଶାଯାଇଛି । ସୂତ୍ର ସଂଖ୍ୟା ୩୪ ଠୁ ୫୦ ମଧ୍ୟରେ ଭକ୍ତିର ବିକାଶ- ଯାହା ସତ୍‌ସଙ୍ଗ ଏବଂ କୁସଙ୍ଗ ତ୍ୟାଗ କରି କିପରି ଭକ୍ତି ବଢ଼ାଯାଇପାରିବ, ସେ ବିଷୟରେ କୁହାଯାଇଛି ଏବଂ ସୂତ୍ର ୫୧ ଠାରୁ ୮୪ ସଂଖ୍ୟା ପର୍ଯ୍ୟନ୍ତ ଭକ୍ତିର ପ୍ରକାର ଅର୍ଥ , ଯାହା ଗୌଣ ଓ ମୁଖ୍ୟ ଉପରେ କୁହାଯାଇଛି । ସେଥି ମଧ୍ୟରୁ ଭକ୍ତିର ସହଜତା ଉପରେ ବର୍ଣ୍ଣିତ ହୋଇଛି ଯେ, 'ଅନ୍ୟସ୍ମାତ୍ ସୌଲଭ୍ୟଂ ଭକ୍ତୌ ' । ଅର୍ଥାତ୍ ଅନ୍ୟ ସମସ୍ତ ସାଧନା (ଯଥା: କଠୋର ତପସ୍ୟା ବା ଜ୍ଞାନ ମାର୍ଗ) ତୁଳନାରେ ଭକ୍ତି ମାର୍ଗ ସବୁଠାରୁ ସହଜ ବା ସୁଲଭ ଅଟେ । କାରଣ ଭଗବାନଙ୍କୁ ପାଇବା ପାଇଁ ବଡ଼ ପଣ୍ଡିତ ହେବା କିମ୍ବା ବଣ ଜଙ୍ଗଲକୁ ଯାଇ କଷ୍ଟ କରିବା ଆବଶ୍ୟକତା ନାହିଁ । କେବଳ ଦେବର୍ଷି ନାରଦଙ୍କ ଦ୍ୱାରା କଥିତ ଭକ୍ତିର ୧୧ଟି ବିଭିନ୍ନ ରୂପ ବା ଆସକ୍ତି (ଯଥା: ଗୁଣମାହାତ୍ମ୍ୟ ଆସକ୍ତି ଓ ସଖ୍ୟ ଆସକ୍ତି) ବିଷୟରେ ଜ୍ଞାତ ହୋଇଗଲେ ମନୁଷ୍ୟ ମୁକ୍ତି ଲାଭ କରି ପାରିବ । ସେହି ଭକ୍ତିର ୧୧ଟି ବିଭିନ୍ନ ରୂପ ହେଉଛି: ୧.ଗୁଣମାହାତ୍ମ୍ୟାସକ୍ତି ( ଭଗବାନଙ୍କ ଗୁଣ ଓ ମାହାତ୍ମ୍ୟକୁ ଗାନ କରିବା ପାଇଁ ଭଲ ଲାଗିବା), ୨. ରୂପାସକ୍ତି ( ପ୍ରଭୁଙ୍କର ସୁନ୍ଦର ରୂପକୁ ଚିନ୍ତନ କରିବା), ୩. ପୂଜାସକ୍ତି (ତାଙ୍କୁ ସର୍ବଦା ପୂଜା କରିବାର ଇଚ୍ଛା ଜନ୍ମିବା), ୪.ସ୍ମରଣାସକ୍ତି (ସବୁବେଳେ ତାଙ୍କ ନାମ ସ୍ମରଣ କରିବା), ୫. ଦାସ୍ୟାସକ୍ତି ( ନିଜକୁ ଭଗବାନଙ୍କର ଦାସ ବୋଲି ମନେ କରିବା ), ୬. ସଖ୍ୟାସକ୍ତି (ଭଗବାନଙ୍କୁ ଜଣେ ବନ୍ଧୁ ଭାବେ ଗ୍ରହଣ କରିବା) , ୮.କାନ୍ତାସକ୍ତି (ପ୍ରିୟତମ ଭାବେ ଭଲ ପାଇବା), ୯. ବାତ୍ସଲ୍ୟାସକ୍ତି (ସନ୍ତାନ ଭାବେ ସ୍ନେହ କରିବା), ୧୦. ଆତ୍ମନିବେଦନାସକ୍ତି ( ନିଜକୁ ସମ୍ପୂର୍ଣ୍ଣ ରୂପେ ସମର୍ପଣ କରିଦେବା) ଓ ୧୧. ତନ୍ମୟାସକ୍ତି ( ସବୁଠି ଭଗବାନଙ୍କୁ ହିଁ ଦେଖିବା) । ଦେବର୍ଷି ନାରଦଙ୍କ ନାମାନୁଯାୟୀ ଏକ ପୁରାଣ ବି ରହିଛି । ଯାହା ଅଷ୍ଟାଦଶ ପୁରାଣର ଅନ୍ତର୍ଗତ । ଏହି ପୁରାଣରେ ଦେବର୍ଷି ନାରଦ ଏବଂ ଚାରି କୁମାରଙ୍କ ମଧ୍ୟରେ ହୋଇଥିବା ସମ୍ବାଦ ଉପରେ ବର୍ଣ୍ଣନା କରାଯାଇଛି । ଏଥିରେ ଧର୍ମ, ଭକ୍ତି, ଏବଂ ମୋକ୍ଷ ପ୍ରାପ୍ତିର ସହଜ ମାର୍ଗ ବିଷୟରେ ମଧ୍ୟ କୁହାଯାଇଛି । ଏହା ମୁଖ୍ୟତଃ ଦୁଇଟି ଭାଗରେ ବିଭକ୍ତ: 'ପୂର୍ବ ଭାଗ' ଏବଂ 'ଉତର ଭାଗ' । ପୂର୍ବ ଭାଗରେ ବ୍ରହ୍ମାଣ୍ଡର ସୃଷ୍ଟି, ବେଦାଙ୍ଗ ଏବଂ ଶାସ୍ତ୍ରର ବର୍ଣ୍ଣନା ଥିବାବେଳେ ଉତର ଭାଗରେ ବିଭିନ୍ନ ତୀର୍ଥସ୍ଥାନର ମହିମା ବର୍ଣ୍ଣିତ ହୋଇଛି । ଏହି ପୁରାଣ ଅନୁଯାୟୀ, କଳିଯୁଗରେ କେବଳ ଭଗବାନ ବିଷ୍ଣୁଙ୍କ ନାମ ସ୍ମରଣ ଏବଂ ଭକ୍ତି ଦ୍ୱାରା ହିଁ ମନୁଷ୍ୟ ସମସ୍ତ ପାପରୁ ମୁକ୍ତି ପାଇପାରିବ ।ତତ୍ସହିତ ଏଥିରେ ଏକାଦଶୀ ବ୍ରତର ବିଶେଷ ମହିମା ମଧ୍ୟ ଗାନ କରାଯାଇଛି । ଦେବର୍ଷି ନାରଦଙ୍କ 'ମୁଖ୍ୟ ମନ୍ତ୍ର ହେଉଛି 'ଓଁ ନମୋ ନାରାୟଣାୟ' । ଏହା ଦେବର୍ଷିଙ୍କ ପ୍ରାଣ ଠାରୁ ମଧ୍ୟ ଅଧିକ ପ୍ରିୟ ମନ୍ତ୍ର ଅଟେ ।

*ଖଗେଶ୍ୱରୀ ପାଟଣା , ଆସିକା, ଗଞ୍ଜାମ-୯୮୬୧୩୩୪୮୬୮*








# ଶ୍ରୀନୃସିଂହ ମନ୍ଦିର ପକ୍ଷରୁ ସାମୁହିକ ବ୍ରତୋପନୟନ

ବଲାଙ୍ଗିର : ଶ୍ରୀନୃସିଂହ ମନ୍ଦିରର ମହନ୍ତ ମହାରାଜ ବ୍ରଜ ମୋହନ ଶରଣଦେବଙ୍କ ପ୍ରତ୍ୟକ୍ଷ ତତ୍ୱାବଧାନରେ ଓ ଗୁରୁଭାଇ ଓ ଭଉଣୀ ସେବାସଂଘ ଟ୍ରଷ୍ଟ ଆନୁକୂଲ୍ୟରେ ଶ୍ରୀନୃସିଂହ ମହାପ୍ରଭୁଙ୍କର ଜନ୍ମୋତ୍ସବ ସହିତ ଦ୍ୱାଦଶ ବ୍ରାହ୍ମଣ ସନ୍ତାନ ମାନଙ୍କର ବ୍ରତୋପନୟନ କାର୍ଯ୍ୟକ୍ରମ କରାଯାଇଥିଲା । ଏହି ପବିତ୍ର କାର୍ଯ୍ୟକ୍ରମରେ ଜିଲ୍ଲା ଓ ଜିଲ୍ଲା ବାହାରୁ ଶହ ଶହ ଭକ୍ତବୃନ୍ଦ ଯୋଗଦାନ କରି ପ୍ରଭୁକୃପା ସହିତ ମହନ୍ତ ମହାରାଜଙ୍କ ଆଶୀର୍ବାଦ ପ୍ରାପ୍ତ କରିଥିଲେ । ଗୁରୁଭାଇ ଓ ଭଉଣୀ ସେବାସଂଘର ପ୍ରମୁଖ ଉପଦେଷ୍ଟା ପଣ୍ଡିତ ଚନ୍ଦ୍ର କୁମାର ପୁରୋହିତଙ୍କ ସହିତ ବିଶିଷ୍ଟ ପଣ୍ଡିତ ମୁରାରୀ ମିଶ୍ର ବ୍ରତୋପନୟନ ପୂଜାବିଧି ପରିଚାଳନା କରିଥିଲେ । ସହରର ବିଶିଷ୍ଟ ମାନ୍ୟଗଣ୍ୟ ବ୍ୟକ୍ତି, ଉଭୟ ବ୍ରାହ୍ମଣ ସମାଜର କର୍ମକର୍ତା ସମେତ ବଲାଙ୍ଗୀର ପୌର ପରିଷଦର ଅଧକ୍ଷା ଶ୍ରୀମତୀ ଲିକା ସାହୁ ମଧ୍ୟ ଯୋଗଦାନ କରି ଏଭଳି ପୁଣ୍ୟକାର୍ଯ୍ୟ ପାଇଁ ଭୂୟସୀ ପ୍ରଶଂସା କରିହିଲେ । ଶ୍ରୀ ନୃସିଂହ ମନ୍ଦିର ଭାଇ ଓ ଭଉଣୀ ସେବାସଂଘର ସଭାପତି କ୍ଷମାନିଧି ବାଘ, ସମ୍ପାଦକ ହଜାରୀ ମିଶ୍ର, ଯୁଗ୍ମ ସମ୍ପାଦକ କିଶୋର ପୁରୋହିତ, କୋଷାଧକ୍ଷ ଭକ୍ତବଂଧୁ ଦାଶ, କାର୍ଯ୍ୟକାରୀ ସଦସ୍ୟ ରଘୁନାଥ ରାଉତ, ଦିଲିପ କୁମାର ନାୟକ, ବ୍ରଜ ମୋହନ ସାହୁ, ଜଗମୋହନ ତ୍ରିପାଠୀ, ବିରଂଚି ନାରାୟଣ ତ୍ରିପାଠୀ, ପୁରନ୍ଦର ହୋତା, ପ୍ରଭାତ କୁମାର ଦାଶ, ଗୌର ଚରଣ ସାହୁ, ଭୁସାଗର ଡାଙ୍ଗ, ପଣ୍ଡିତ ଗୋବର୍ଦ୍ଧନ ଶତପଥି ସମେତ ସ୍ୱେଚ୍ଛାସେବୀ, ଜୟରାମ ମିଶ୍ର,ସଂକୀର୍ତନ ତ୍ରିପାଠୀ, ରାକେଶ ପଣ୍ଡା, ରାଜେନ୍ଦ୍ର ପାଣିଗ୍ରାହୀ ଓ ଅନେକ ଭକ୍ତ ଉପସ୍ଥିତ ଥିଲେ ।

# ଭଦ୍ରକ ବୈଶାଖୀ ମେଳାର ଷଷ୍ଠ ସନ୍ଧ୍ୟା ପର୍ବପର୍ବାଣୀ ଓ ଖାଦ୍ୟ ସଂସ୍କୃତି ଜୀବନଶୈଳୀର ମୂଳଦୁଆ

ଭଦ୍ରକ : ସ୍ଥାନୀୟ ନେହେରୁ ଷ୍ଟାଡିୟମ୍ ପରିସରରେ ଚାଲିଥିବା ସର୍ବପ୍ରଥମ 'ବୈଶାଖୀ ମେଳା-୨୦୨୬'ର ଷଷ୍ଠସନ୍ଧ୍ୟା ଅତ୍ୟନ୍ତ ଆଡ଼ମ୍ବର ସହକାରେ ଅନୁଷ୍ଠିତ ହୋଇ ଯାଇଛି । ଏହି ଅବସରରେ ଭଦ୍ରକର ସମୃଦ୍ଧ ପାରମ୍ପରିକ ଖାଦ୍ୟ ସଂସ୍କୃତି ଓ ପର୍ବପର୍ବାଣିକୁ ନେଇ ଏକ ସାରଗର୍ଭକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା । ଡାକ୍ତର ରବୀନ୍ଦ୍ର କୁମାର ନାୟକ ସଭାପତିତ୍ୱ ଅଭିଭାଷଣରେ ସେ କହିଥିଲେ ଯେ, ଖାଦ୍ୟ ଓ ପର୍ବପର୍ବାଣି କେବଳ ପରମ୍ପରା ନୁହେଁ, ବରଂ ଏହା ଆମ ଜୀବନଶୈଳୀ ଓ ସ୍ୱାସ୍ଥ୍ୟର ମୂଳଦୁଆ । ଭଦ୍ରକର ପାରମ୍ପରିକ ପିଠାପଣା ଓ ଓଷାବ୍ରତ ମଧ୍ୟରେ ଏକ ବୈଜ୍ଞାନିକ ଦୃଷ୍ଟିକୋଣ ରହିଛି ବୋଲି ସେ ମତ ପ୍ରକାଶ କରିଥିଲେ । ଶିକ୍ଷାବିତ୍ ନିତ୍ୟାନନ୍ଦ ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଲେ, ଆଧୁନିକତା ମଧ୍ୟରେ ଆମେ ଆମର ମୂଳ ସଂସ୍କୃତିକୁ ଭୁଲିଯିବା ଉଚିତ୍ ନୁହେଁ । ବୈଶାଖୀ ମେଳା ଭଳି ଆୟୋଜନ ଆମର ଲୁପ୍ତପ୍ରାୟ ଖାଦ୍ୟ ସଂସ୍କୃତିକୁ ନୂତନ ପିଢ଼ି ପାଖରେ ପହଂଚାଇବାରେ ଏକ ସେତୁ ସଦୃଶ । ଡକ୍ଟର ପ୍ରଫୁଲ୍ଲ କୁମାର ସାହୁ, ଓ ଶିକ୍ଷବିତ ରବିନାରାୟଣ ପଣ୍ଡା ମୁଖ୍ୟବକ୍ତା ଭାବେ ଯୋଗଦେଇ ଭଦ୍ରକର ଐତିହାସିକ ଓ ସାଂସ୍କୃତିକ ପୃଷ୍ଠଭୂମି ଉପରେ ଚମତ୍କାର ତଥ୍ୟ ରଖିଥିଲେ । ସେ କହିଲେ ଯେ, ଭଦ୍ରକର ଭାତୃଭାବ ଓ ସାମ୍ପ୍ରଦାୟିକ ସଦ୍ଭାବ ଆମ ପର୍ବପର୍ବାଣିକୁ ଅଧିକ ସମୃଦ୍ଧ କରିଛି । ଭଦ୍ରକର ପାଳୁଅ ଲଡୁ ଠାରୁ ଆରମ୍ଭ କରି ପ୍ରସିଦ୍ଧ ପିଠାପଣା ପର୍ଯ୍ୟନ୍ତ ସବୁଥିରେ ଏହି ମାଟିର ବାସ୍ନା ରହିଛି । ଅନ୍ୟ ମାନଙ୍କ ମଧ୍ୟରେ ସଭାପତି ଅଜୟ ନାୟକ, ସମ୍ପାଦକ ଗଦାଧର ବାଳ, ସୀତାକାନ୍ତ ଦାସ, ଗୌରାଙ୍ଗ ବାରିକ, ନାରାୟଣ ପାଢ଼ୀ, ଶାନ୍ତିଲତା ବାରିକ, ରାଜଶ୍ରୀ ନାୟକ, କାଳନ୍ଦୀ ମାଲିକ, ମିନତୀ ବାରିକ, ପଦ୍ମାନ ରାୟ, ସୁଧାକର ରାଉତ, ଇଂ ଅମ୍ବିକା ବଲ୍ଲଭ ସ୍ୱାଇଁ ପ୍ରମୁଖ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ । ଅଧିବକ୍ତା ମନୋରଞ୍ଜନ ଦାସ ମଂଚ ଆହ୍ୱାନ କରିବା ସହ ଅତିଥି ମାନଙ୍କୁ ଆମନ୍ତ୍ରଣ କରିଥିଲେ । ବାବୁଲାଲ ଦାସ ସ୍ୱାଗତ ଭାଷଣ ପ୍ରଦାନ କରି ମେଳାର ଆଭିମୁଖ୍ୟ ଓ ସାଂସ୍କୃତିକ ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ । ଶିକ୍ଷାବିତ୍ ମଦନମୋହନ ନାୟକ ସମସ୍ତ ଅତିଥି, ସ୍ୱେଚ୍ଛାସେବୀ ଓ ଜନସାଧାରଣଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ । ଶେଷରେ 'ବନ୍ଦେ ମାତରଂ କଲଚୁରାଲ୍ ଆସୋସିଏସନ୍'ର କଳାକାର ମାନଙ୍କ ଦ୍ୱାରା ଚିତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ଏହି ରଙ୍ଗାରଙ୍ଗ କାର୍ଯ୍ୟକ୍ରମକୁ ହଜାର ହଜାର ଦର୍ଶକ ଉପଭୋଗ କରିଥିଲେ ।

# ଯୁବକଙ୍କ ସନ୍ଦେହଜନକ ମୃତ୍ୟୁ : ହତ୍ୟା ଅଭିଯୋଗ

ଚମ୍ପୁଆ : ଚମ୍ପୁଆ ଥାନା ଅନ୍ତର୍ଗତ ବଡ଼ନଇ ପଂଚାୟତ ପଳଶା ଗ୍ରାମରେ ବିଲ ଭିତରୁ ଜଣେ ଯୁବକଙ୍କ ମୃତଦେହ ଉଦ୍ଧାର ହୋଇଛି । ଯୁବକଙ୍କ ମୃତ୍ୟୁ କୁ ନେଇ ସନ୍ଦେହ ପ୍ରକାଶ ପାଇଥିବା ବେଳେ ତାଙ୍କୁ ହତ୍ୟା କରାଯାଇଥିବା ନେଇ ଅଭିଯୋଗ ହୋଇଛି । ମୃତ ଯୁବକ ପଳସା ଗ୍ରାମର ଉମେଶ ମୁଣ୍ଡା (୨୭) । ମିଳିଥିବା ସୂଚନା ଅନୁସାରେ ଗତ କାଲି ରାତି ରେ ଉମେଶ ଓ ତାଙ୍କ ସ୍ତ୍ରୀ ସୁକାନ୍ତିଙ୍କ ମଧ୍ୟରେ କଳହ ହୋଇଥିଲା । କଳହ ବାବଦରେ ଉମେଶ ତାଙ୍କ ଭିଣୋଇଙ୍କୁ ଫୋନ କରି ଜଣାଇଥିଲେ । ଆଜି ସକାଳୁ ଇଶ୍ୱର ଉମେଶଙ୍କୁ ଫୋନ୍ କରିଥିଲେ । ତେବେ ଉମେଶ ଙ୍କ ଫୋନ୍ ସୁଇଚ୍ ଅଫ ଥିବାରୁ ସେ ପଳଶା ଗାଁକୁ ଆସି ଉମେଶଙ୍କୁ ଖୋଜାଖୋଜି କରିଥିଲେ । ଉମେଶ ଘର ନିକଟରେ ଏକ ବିଲରେ ମରି ପଡ଼ିଥିବା ଦେଖି ଈଶ୍ୱର ଗ୍ରାମବାସୀଙ୍କୁ ଜଣାଇବା ପରେ ଗ୍ରାମବାସୀ ପୋଲିସକୁ ଖବର ଦେଇଥିଲେ । ଖବର ପାଇ ଚମ୍ପୁଆ ପୁଲିସ୍ ସାଇଂଟିଫିକ୍ ଟିମ୍ ସହ ଘଟଣା ସ୍ଥଳରେ ପହଂଚି ଘଟଣାର ତଦନ୍ତ ଆରମ୍ଭ କରିଛି । ଅନ୍ୟପଟେ ପରକୀୟା ପ୍ରୀତିକୁ ନେଇ ଉମେଶଙ୍କୁ ହତ୍ୟା କରାଯାଇଥିବା ନେଇ ସନ୍ଦେହ ସୃଷ୍ଟି ହୋଇଛି । ପ୍ରାଥମିକ ତଦନ୍ତରୁ ହତ୍ୟାକାଣ୍ଡ ରେ ଉମେଶ ଙ୍କ ସ୍ତ୍ରୀ ସୁକାନ୍ତି ଓ ଅନ୍ୟ ଜଣେ ଯୁବକ ଙ୍କ ସମ୍ପୃକ୍ତି ଥିବା ଅନୁମାନ କରି ପୁଲିସ୍ ସୁକାନ୍ତିକୁ ଅଟକ ରଖିଛି । ଯୁବକ ଜଣକ ଫେରାର ହୋଇଯାଇଥିବା ବେଳେ ପୁଲିସ୍ ତାଙ୍କୁ ଖୋଜୁଛି । ମୃତକଙ୍କ ଭଉଣୀ ଭିଣୋଇ ଉମେଶଙ୍କୁ ହତ୍ୟା କରାଯାଇଥିବା ନେଇ ଅଭିଯୋଗ କରିଛନ୍ତି ।

# ଦୁଇ ଆଦର୍ଶ ଶିକ୍ଷୟିତ୍ରୀଙ୍କ ବିଦାୟକାଳୀନ ସମ୍ବର୍ଦ୍ଧନା

ଭଦ୍ରକ: ଜୀବନବ୍ୟାପୀ ଶିକ୍ଷା ଦାନ କରି ଦୁଇ ଆଦର୍ଶ ଶିକ୍ଷୟିତ୍ରୀ ବିଜୟଲକ୍ଷ୍ମୀ ପଣ୍ଡା ଏବଂ ଜ୍ୟୋସ୍ନାମୟୀ ପଣ୍ଡା ଏକକାଳୀନ ଗୋଟିଏ ବିଦ୍ୟାଳୟରୁ ଅବସର ନେବା ଦିବସରେ ସ୍ଥାନୀୟ ଅଂଚଳରେ ସ୍ୱତନ୍ତ୍ର ଭାବାବେଗ ସୃଷ୍ଟି ହୋଇଛି । ଭଦ୍ରକ ମିର୍ଜାପୁର ନାଥ ସାହିର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଆଂଚଳିକ ସାଧନା କେନ୍ଦ୍ର ସଂଯୋଜିକା ତଥା ପ୍ରଧାନଶିକ୍ଷୟିତ୍ରୀ ଶ୍ରଦ୍ଧାଞ୍ଜଳୀ କରଙ୍କ ସଂଯୋଜନାରେ ଓଡ଼ିଆ ଭାଷା ସାହିତ୍ୟ ଗବେଷକ ପଣ୍ଡିତ ଦୈତ୍ୟାରି ମହାପାତ୍ରଙ୍କ ସଭାପତିତ୍ୱରେ ଦୁଇ ଆଦର୍ଶ ଶିକ୍ଷୟିତ୍ରୀଙ୍କ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି । ଓଡ଼ିଶାର ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ଜୀବନାଦର୍ଶ ଉପରେ ବହୁମୂଲ୍ୟ ବକ୍ତବ୍ୟ ରଖିଥିବା ବେଳେ ଶିଶୁ ସାହିତ୍ୟିକ ଇଂ ଅଭୟ ସୂତାର ମୁଖ୍ୟବକ୍ତା, ବରିଷ୍ଠ ସାମ୍ବାଦିକ ରବି ନାରାୟଣ ଖିଲାର ବରେଣ୍ୟ ଅତିଥି, ଶିକ୍ଷାବିତ୍ ଗୀତାରାଣୀ ଆଇଚ, ହରେକୃଷ୍ଣ ଜେନା, ପୂର୍ବତନ ଅଧକ୍ଷ ଶିବ ଚରଣ ଖାମୁରାଇ ସ୍ୱତନ୍ତ୍ର ଅତିଥି, ଭାସ୍କର ଚନ୍ଦ୍ର ପଣ୍ଡା, ଦ୍ରୌପଦୀ ସାହୁ, କୈଳାସ ଚନ୍ଦ୍ର ଜେନା, ମହେଶ୍ୱର ନାଥ, ଅରୁଣ କୁମାର ମଲ୍ଲିକ, ରଶ୍ମିତା ଦାଶ , ରତ୍ନାକର ପଣ୍ଡା, ସମୀର କୁମାର ଜେନା, ମୀନା କୁମାରୀ ଦାସ, ମଧୁମିତା ପାଣି, ସନ୍ତୋଷ କୁମାର ବେହେରା , ଗୀତାଞ୍ଜଳି ବେହେରା, ମଧୁମିତା ମାଝୀ, ଲକ୍ଷ୍ମୀପ୍ରୀୟା ମୁର୍ମୁ, ମଧୁସ୍ମିତା ମହାନ୍ତି, ଗୌରୀ ଶତପଥୀ, ଗୀତାଞ୍ଜଳି ମହାନ୍ତି, ଜାନକୀ ପାଢ଼ୀ, ମନୋରମା ରାୟ, ପ୍ରଣତୀ ମଲ୍ଲିକ, ଗୋପୀନାଥ ଦାଶ, ଦେବସ୍ମିତା ମହାନ୍ତି ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ତାଙ୍କର ପ୍ରିୟ ଦୁଇ ଆଦର୍ଶ ଶିକ୍ଷୟିତ୍ରୀଙ୍କ ବିଦାୟକାଳୀନ ଜୀବନାଦର୍ଶ ଉପରେ ନିଜ ନିଜର ବକ୍ତବ୍ୟ ରଖିଥିଲେ । ପୂର୍ବତନ ପ୍ରଧାନ ଶିକ୍ଷୟିତ୍ରୀ ସୁକାନ୍ତି କୁମାର ମଲ୍ଲିକ ଅତିଥି ପରିଚୟ ପ୍ରଦାନ କରିବା ସହିତ ଶିକ୍ଷଣୀୟ ପାଲା ପରିବେଷଣ କରି କିଛି ସମୟ ପାଇଁ ସଭାକୁ ମନ୍ତ୍ରମୁଗ୍ଧ କଲା ପରି ଉପସ୍ଥିତ ସମସ୍ତଙ୍କୁ ମୋହିତ କରିଥିଲେ ।ଏହି ଅବସରରେ ଜୀବନବ୍ୟାପୀ ଶିକ୍ଷା ପ୍ରଦାନ କରି ସମସ୍ତଙ୍କ ନିକଟରେ ପ୍ରିୟ ହୋଇଥିବା ଆଦର୍ଶ ଶିକ୍ଷକ ଶିକ୍ଷୟିତ୍ରୀଙ୍କ କୃତି ଓ କୃତିତ୍ୱ ପାଇଁ ଓଡ଼ିଶା ରାଜ୍ୟ ପୂଜ୍ୟ ପୂଜା ପରିଷଦ ପକ୍ଷରୁ ଶ୍ରୀମତୀ ଦ୍ରୌପଦୀ ସାହୁ ଏବଂ ଅରୁଣ କୁମାର ମଲ୍ଲିକଙ୍କୁ ଶିକ୍ଷା ରତ୍ନ ସମ୍ମାନ , ବିଜୟଲକ୍ଷ୍ମୀ ପଣ୍ଡା, ଜ୍ୟୋସ୍ନାମୟୀ ପଣ୍ଡା ଏବଂ ରଶ୍ମିତା ଦାଶଙ୍କୁ ଆଦର୍ଶ ଶିକ୍ଷୟିତ୍ରୀ ସମ୍ମାନ ଓ ରମାପଦ ରଣାଙ୍କୁ ଆଦର୍ଶ ଗୁରୁଜୀ ସମ୍ମାନରେ ସମ୍ମାନିତ କରାଯାଇଛି । ଏହି ଅବସରରେ ବିଦ୍ୟାଳୟ ପରିଚାଳନା କମିଟିର ସଭ୍ୟ ସଭ୍ୟା, ଗ୍ରାମବାସୀ, ଜିଲ୍ଲାର ବିଭିନ୍ନ ବିଦ୍ୟାଳୟରୁ ଆସୁଥିବା ଶିକ୍ଷକ ଶିକ୍ଷୟିତ୍ରୀ ଏବଂ ମିର୍ଜାପୁର ନାଥ ସାହି ସରକାରୀ ପ୍ରାଥମିକ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଉପସ୍ଥିତ ରହି ପ୍ରିୟ ଆଦର୍ଶ ଶିକ୍ଷୟିତ୍ରୀ ବିଜୟଲକ୍ଷ୍ମୀ ପଣ୍ଡା ଏବଂ ଜ୍ୟୋସ୍ନାମୟୀ ପଣ୍ଡାଙ୍କୁ ଭବ୍ୟ ସମ୍ବର୍ଦ୍ଧନା ପ୍ରଦାନ କରିବା ସହିତ ଭାବମୟ ବକ୍ତବ୍ୟ ପ୍ରଦାନ କରିଥିଲେ । ଶେଷରେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଶ୍ରଦ୍ଧାଞ୍ଜଳୀ କର ଧନ୍ୟବାଦ ଅର୍ପଣ କରିବା ପରେ ଦୁଇ ଆଦର୍ଶ ଶିକ୍ଷୟିତ୍ରୀଙ୍କୁ ସମ୍ମାନର ସହିତ ବିଦାୟ ଦେଇଥିଲେ ।

# ଖଡ଼ିଆଳ ଓ ବୋଡ଼େନ ଅଂଚଳରେ ବୈଶାଖ ମେଳା ଅନୁଷ୍ଠିତ

ନୂଆପଡ଼ା : ଓଡ଼ିଶାର ବିଭିନ୍ନ ଧାର୍ମିକ ପୀଠରେ ଏବେ ଧୁମଧାମରେ ପାଳନ କରାଯାଉଛି ବୈଶାଖ ମେଳା । ହୋମ, ଯଜ୍ଞ,ସଂକୀର୍ତନ ଆଦିରେ ଚଳଚଂଚଳ ଗାଁରୁ ସହର । ଖଡ଼ିଆଳ ବ୍ଲକର ନେହେନା ଓ ବୋଡ଼େନ ବ୍ଲକର ପର୍ଯ୍ୟଟନ ସ୍ଥଳୀ ପାତାଳଗଙ୍ଗାରେ ପାଳିତ ହେଉଛି ବୈଶାଖ ମେଳା । ବୈଶାଖ ଏକାଦଶୀ ତିଥିରୁ ପୂର୍ଣ୍ଣିମା ପର୍ଯ୍ୟନ୍ତ ପାଂଚଦିନ ଧରି ପାଳିତ ହେଉଥିବା ଏହି ମେଳା ଦେଖିବା ପାଇଁ ରାଜ୍ୟ ଓ ରାଜ୍ୟ ବାହାରୁ ହଜାର ହଜାର ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଛି । ଏହି ପୀଠରେ ଥିବା ମୃତ୍ୟୁଞ୍ଜୟ ମନ୍ଦିର, ରାଧାକୃଷ୍ଣ ମନ୍ଦିର, ଗାୟତ୍ରୀ ମନ୍ଦିର, ମାଆ ଦ୍ୱାରସେନି ମନ୍ଦିର ଆଦିରେ ପୂଜାର୍ଚ୍ଚନା ସହ ଭକ୍ତଙ୍କ ଗହଳି ଲାଗି ରହିଛି । ରାଧାକୃଷ୍ଣ ମନ୍ଦିର ପରିସରରେ ଯାଦବ ସମାଜ ତରଫରୁ ନାମଯଜ୍ଞ ସହ ଅନ୍ନ ଭୋଗର ବ୍ୟବସ୍ଥା କରାଯାଇଛି । ଭକ୍ତମାନେ ପାତାଳ ଗଙ୍ଗାର ପାଣିରେ ସ୍ନାନ କରିବା ସହ ବୁଲାବୁଲିର ମଜା ନେଉଛନ୍ତି । ଲୋକ କିମ୍ବଦନ୍ତୀ ଅନୁସାରେ ଯେତେବେଳେ ରାମ ଲକ୍ଷ୍ମଣ ଓ ସୀତା ବନବାସୀ ହୋଇ ଥିଲେ, ସେହି ସମୟରେ ବୁଲି ବୁଲି ଏହି ଅଂଚଳରେ ପହଂଚିଥିଲେ । ସେ ସମୟରେ ସୀତାଙ୍କୁ ଶୋଷ ଲାଗିବାରୁ ପାଣି ଖୋଜି ଖୋଜି ନ ପାଇବାରୁ ଲକ୍ଷ୍ମଣ ଶର ମାରିବାରୁ ଭୂମିରୁ ପାଣି ବାହାରିଥିଲା । ବର୍ତମାନ ପର୍ଯ୍ୟନ୍ତ ସେହି ପାଣି ଅନବରତ ଭୂମିରୁ ବାହାରୁଛି । ଲୋକେ ପାତାଳ ରୁ ଗଙ୍ଗା ଆସିଛନ୍ତି ବୋଲି ବିଶ୍ୱାସ କରନ୍ତି ଓ ତହିଁରେ ସ୍ନାନ କଲେ କିବା ସେହି ଜଳ ପାନ କଲେ ପୁଣ୍ୟ ମିଳିଥାଏ ବୋଲି ମନେ କରନ୍ତି । ଓଡିଶା ସରକାର ଏହି କ୍ଷେତ୍ରକୁ ପର୍ଯ୍ୟଟନ ସ୍ଥଳୀର ମାନ୍ୟତା ଦେଇଛନ୍ତି ଓ ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟକୁ ହାତକୁ ନେଉଛନ୍ତି । ବର୍ଷ ତମାମ ଏହି ସ୍ଥାନରେ ପର୍ବପର୍ବାଣୀ ପାଳିତ ହେଉଥିବା ବେଳେ ବୈଶାଖ ମେଳାରେ ଲୋକଙ୍କ ପ୍ରବଳ ଭିଡ ଜମିଥାଏ । ଓଡ଼ିଶା, ଛତିଶଗଡ ଓ ମଧ୍ୟ ପ୍ରଦେଶ ରାଜ୍ୟର ଲୋକେ ଭିଡ ଜମାଇଥିଲେ ।ଲୋକଙ୍କ ଭିଡକୁ ଦେଖି ପୁଲିସ ପ୍ରଶାସନ ତରଫରୁ ମଧ୍ୟ ବ୍ୟାପକ ସୁରକ୍ଷା ବ୍ୟବସ୍ଥା କରାଯାଇଛି ।ବବିଭିନ୍ନ ସାମାଜିକ କ୍ରିୟାକର୍ମ ଯଥା ଚୂଡ଼ାକରଣ, ନାମକରଣ ଆଦି ଅନୁଷ୍ଠିତ ହୋଇଥିବା ବେଳେ ଶତାଧିକ ଷ୍ଟଲ ପଡିଛି ।ଲୋକେ ଦିଅଁ ଦର୍ଶନ ସହ ଖିଆପିଆ ଓ କିଣାବିକାର ମଜା ନେଉଛନ୍ତି । ପୁଲିସ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା କରାଯାଇଛି । ଭାରତର ବିଭିନ୍ନ ପର୍ବପର୍ବାଣି ମଧ୍ୟରେ ବୈଶାଖ ମେଳା ଅନ୍ୟତମ, ବିଶେଷ କରି ଓଡ଼ିଆ ସଂସ୍କୃତି ରେ ଆଷାଢ଼, କାର୍ତିକ, ମାର୍ଗଶିର ଓ ବୈଶାଖ(ଆକାମାବୈ) ମାସକୁ ପୁଣ୍ୟ ମାସ ବୋଲି ମନେ କରାଯାଏ । ଗୌତମ ବୁଦ୍ଧ ଏହି ବୈଶାଖ ପୂର୍ଣ୍ଣିମା ଦିନ ଜନ୍ମ ହୋଇଥିବା ବେଳେ ଜ୍ଞାନ ପ୍ରାପ୍ତି ଓ ନିର୍ବାଣ ପ୍ରାପ୍ତି ମଧ୍ୟ ଏହି ଦିନରେ ହୋଇଥିବାରୁ ବୌଦ୍ଧ ଧର୍ମୀଙ୍କ ପାଇଁ ଏହି ଦିନ ଏକ ପବିତ୍ର ଦିବସ ରୂପେ ମାନ୍ୟତା ପାଇଛି ।ସନ୍ଥ କବି ଭୀମଭୋଇ ଏହି ତିଥିରେ ଜନ୍ମ ହୋଇଥିବାରୁ ମହିମା ଧର୍ମାବଲମ୍ବୀ ମାନଙ୍କ ପାଇଁ ମଧ୍ୟ ଏହି ଦିନ ସ୍ୱତନ୍ତ୍ର ମାନ୍ୟତା ରଖିଥାଏ ।ମୋଟ ଉପରେ କହିବାକୁ ଗଲେ ବୁଦ୍ଧି ଓ ଜ୍ଞାନ ପ୍ରାପ୍ତି ର ଦିବସ ହେଉଛି ବୈଶାଖ ପୂର୍ଣ୍ଣିମା, ଅନ୍ଧକାର ରୁ ଆଲୋକ କୁ ଗତି କରିବାର ଦିନ ହେଉଛି ବୈଶାଖ ପୂର୍ଣ୍ଣିମା । ସେହିପରି ଖଡ଼ିଆଳ ବ୍ଲକର ନେହେନା ଶ୍ରୀରାମ ମନ୍ଦିରରେ ପବିତ୍ର ବୈଶାଖ ପୂର୍ଣ୍ଣିମା ମହାଡ଼ମ୍ବର ସହିତ ଶ୍ରଦ୍ଧା ଓ ଭକ୍ତିର ସହିତ ଆଜି ପାଳିତ ହୋଇଯାଇଛି । ଏହି ଶୁଭ ଅବସରରେ ଶ୍ରୀରାମ କଥା ପଠନ ସହ ଶ୍ରୀରାମ ମନ୍ଦିର, ତ୍ରିନାଥ ମନ୍ଦିର, କାଶୀ ବିଶ୍ୱନାଥ ଦେବ ଦେବ ମହାଦେବ, ଗାଁର ଇଷ୍ଟ ଦେବୀ ମା ଦେବସରଣୀଙ୍କ ଠାରେ ପୂଜା ଅର୍ଚନା କରି ପ୍ରଭୁଙ୍କ ଠାରେ ପଖାଳ ଭୋଗ ଅର୍ପଣ କରାଯାଇଥିଲା । ଅନେକ ଭକ୍ତ ବୃନ୍ଦ ଶ୍ରଦ୍ଧାଳୁ ମନ୍ଦିର ପରିସରରେ ସମବେତ ପଖାଳ ଭୋଗ ସେବନ କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ପୂଜା କର୍ତୀ ଭାବରେ ଦାୟାନିଧି ରାଉତରାୟ, ଧର୍ମପତ୍ନୀ ରିତାଞ୍ଜଳୀ ରାଉତରାୟ, ଶ୍ରୀରାମ ନବମୀ ମେଳାର ବରିଷ୍ଠ କାର୍ଯ୍ୟକର୍ତା ବ୍ରହ୍ମନନ୍ଦ ରାଉତରାୟ, ତରଣୀସେନ ବିଶି, ରାମଜୀ ପ୍ରସାଦ ଦର୍ଜୀ, ସୁଶାନ୍ତ କୁମାର ବିଶି, ତରୁଜରାମ ବାଗ, ପୀତବାସ ଦଣ୍ଡସେନା, ପ୍ରଦୀପ ରାଉତରାୟ, ବିଶ୍ୱ ରଞ୍ଜନ ଦଣ୍ଡସେନା, ଗୋପୀନାଥ ରାଉତରାୟ, ରାଜେଶ ରାଉତରାୟ, କାର୍ତିକ ମଲ୍ଲିକ, ଦୟା ଝଙ୍କାର, ନିତାଇରାମ ବିଶି, ଶିବଲ ଦଣ୍ଡସେନା, ବିଶ୍ୱବନ୍ଧୁ ଦଣ୍ଡସେନା, ତ୍ରିଦେବ ଦର୍ଜୀ, କ୍ଷୀରସିନ୍ଧୁ ବାରିକ, ବୋଧନ କର ଦଣ୍ଡସେନା, ଟିଂକଚନ କୈବର୍ତ, ରାଜେଶ ବାରିକ, ରୁଦ୍ର ମାଧବ ରାଉତରାୟ, ପରମେଶ୍ୱର ଗହୀର, ଜିତେନ୍ଦ୍ର ଦଣ୍ଡସେନା ପ୍ରମୁଖ ଉପସ୍ଥିତ ଥିଲେ ।

# ସାମ୍ବାଦିକଙ୍କ ସୁରକ୍ଷା ଓ ଆର୍ଥିକ ସୁବିଧା ପାଇଁ ଦୃଷ୍ଟି ଆକର୍ଷଣ


ଭଦ୍ରକ : ସାମ୍ବାଦିକ ଙ୍କ ସୁରକ୍ଷା ଓ ଆର୍ଥିକ ସ୍ଥିତି କୁ ଆଖି ଆଗରେ ରଖି ମାନ୍ୟବର ମୁଖ୍ୟମନ୍ତ୍ରୀ ଙ୍କ ଦୃଷ୍ଟି ଆକର୍ଷଣ ଉଦ୍ଧେଶ୍ୟରେ ଭଦ୍ରକ ଜିଲ୍ଲାପାଳ ଙ୍କୁ ଉତ୍କଳ ସାମ୍ବାଦିକ ସଂଘ ଭଦ୍ରକ ପକ୍ଷରୁ ଦାବିପତ୍ର ପ୍ରଦାନ କରାଯାଇଛି । ଏହି ପତ୍ରଟି ଉତ୍କଳ ସାମ୍ବାଦିକ ସଂଘର ରାଜ୍ୟ ସଭାପତି ବିଭୁତି ଭୁଷଣ କର ଙ୍କ ଅନୁମୋଦନ କ୍ରମେ ଜିଲ୍ଲା ସଭାପତି ରବିନାରାୟଣ ଖିଲାର, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଅପୂର୍ବ ରଞ୍ଜନ ବେହେରା, କାର୍ଯ୍ୟକାରୀ ସଭାପତି ନରେନ୍ଦ୍ର କୁମାର ସାମଲ, ଆବାହକ ଅବିନାଶ ପଣ୍ଡା, ସାମ୍ବାଦିକ ରାମ ନାରାୟଣ ମହାନ୍ତି, ସଞ୍ଜିବ କୁମାର ନାଏକ, କୋଷାଧକ୍ଷ ସୃଜୟ କୁମାର ପାକଲ ପ୍ରମୁଖ ପ୍ରଦାନ କରିଛନ୍ତି । ଓଡ଼ିଶାରେ କାର୍ଯ୍ୟରତ ସାମ୍ବାଦିକଙ୍କ ଆର୍ଥିକ ଓ ସାମାଜିକ ସ୍ଥିତି ଅନ୍ୟ ରାଜ୍ୟ ତୁଳନାରେ ଅପେକ୍ଷାକୃତ ଦୁର୍ବଳ । ଆମ ଦେଶର ଅଧିକାଂଶ ରାଜ୍ୟରେ ସାମ୍ବାଦିକ ମାନଙ୍କୁ ଅଧିସ୍ୱୀକୃତି ଦିଆଯାଉଥିଲାବେଳେ, ଆମ ରାଜ୍ୟରେ ଏ ସଂଖ୍ୟା ମାତ୍ର ୨୦୦ ରେ ସୀମିତ । ଉତରପ୍ରଦେଶ, ବିହାର, ହରିୟଣା, ଆନ୍ଧ୍ରପ୍ରଦେଶ,ତେଲେଙ୍ଗାନା ଓ ଅରୁଣାଚଳ ପ୍ରଦେଶ ସମେତ ଦେଶରେ ୨୦ ରୁ ଅଧିକ ରାଜ୍ୟରେ ୧୦,୦୦୦ ରୁ ୨୫,୦୦୦ ପର୍ଯ୍ୟନ୍ତ ପେନସନ୍, ରିହାତି ମୂଲ୍ୟରେ ପରିବହନ ସୁବିଧା, ସାମାଜିକ ସୁରକ୍ଷା ଆଇନ ମାଧ୍ୟମରେ ବୃତିଗତ ଆୟଭତା ଭଳି ନାନାଦି ଆର୍ଥିକ ଓ ସାମାଜିକ ସୁବିଧା ପ୍ରଦାନ କରୁଛନ୍ତି । ମାତ୍ର ଓଡ଼ିଶା ସରକାର ପକ୍ଷରୁ କିଛି ସୀମିତ ଯୋଜନା ବ୍ୟତୀତ ଆବଶ୍ୟକୀୟ ମୌଳିକ ସୁବିଧାରୁ ସାମ୍ବାଦିକ ବର୍ଗଙ୍କୁ ବଂଚିତ କରାଯାଇଛି ଏବଂ ରାଜ୍ୟ ସରକାର ସାମ୍ବାଦିକ ଙ୍କ ଦାବି ପ୍ରତି ଆବଶ୍ୟକ ସମ୍ବେଦନଶୀଳ ତା ପ୍ରଦର୍ଶନ କରୁନାହାଁନ୍ତି ।ଏହି ସନ୍ଦର୍ଭରେ ପୂର୍ବ ସରକାର ସମୟରେ 'ଉତ୍କଳ ସାମ୍ବାଦିକ ସଂଘ' ପକ୍ଷରୁ ନିରନ୍ତର ଧାରଣା, ପ୍ରତିବାଦ ଓ ବିଭିନ୍ନ ପଦକ୍ଷେପ ମାଧମରେ ସରକାର ଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା । ତେଣୁ ମାନ୍ୟବର ସରକାର ଙ୍କୁ ସ୍ମରଣ କରିବାକୁ ଚାହୁଁଛୁ ଅଛୁକି, ୨୦୨୪ ମସିହା ଫେବୃଆରୀ ମାସରେ ବିଧାନସଭା ସମ୍ମୁଖରେ ସରକାର ଙ୍କ ବିରୋଧରେ ଏକ ବିଶାଳ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା । ଇତ୍ୟବସରରେ ବିରୋଧି ଦଳର ମୁଖ୍ୟ ଛାମୁଆ ନେତା ଭାବେ ଅନ୍ୟ ପାଂଚଜଣ ସହଯୋଗୀ ବିଧାୟକଙ୍କ ସହ ବିକ୍ଷୋଭ ସ୍ଥଳରେ ପହଂଚି ସମବେତ ୩ ହଜାର ରୁ ଉର୍ଦ୍ଧ୍ୱ ସାମ୍ବାଦିକ ଙ୍କୁ ଉଦବୋଧନ ମାଧମରେ ଆଶ୍ୱାସନା ଦେଇଥିଲେ ଯେ- ସରକାର କୁ ଆସିଲେ ମାତ୍ର ୬ ମାସ ମଧ୍ୟରେ ସାମ୍ବାଦିକ ମାନଙ୍କ ନ୍ୟାର୍ଯ୍ୟ ଦାବି ଗୁଡ଼ିକୁ ପୂରଣ କରାଯିବ କିନ୍ତୁ ଆପଣଙ୍କ ସରକାର ଆସିବା ପରେ, ବିଶେଷ କରି ମୁଖ୍ୟମନ୍ତ୍ରୀ ଭାବେ ଗାଦୀସ୍ୱୀନ ହେବା ପରେ ସାମ୍ବାଦିକ ଙ୍କ ମୌଳିକ ଦାବି ପୂରଣ ନେଇ ଆମ୍ଭ ସାମ୍ବାଦିକ ମାନଙ୍କ ମନରେ ବିପୁଳ ଆଶା ସଂଚାର ହୋଇଥିଲା କିନ୍ତୁ ଦୁଃଖ ଆଉ ପରିତାପର ବିଷୟ ଆପଣଙ୍କ ସରକାର ପ୍ରାୟ ୨ ବର୍ଷ ପୂର୍ଣ୍ଣ ହେବାକୁ ଯାଉଥିବାବେଳେ ସାମ୍ବାଦିକ ମାନଙ୍କ ମୁଖ୍ୟ ଦାବି ଗୁଡ଼ିକ ଉପରେ କୌଣସି ପଦକ୍ଷେପ ନିଆଯାଇ ନାହିଁ । ତେଣୁ ବିଗତ ବିଧାନସଭା ରେ ସରକାର ଙ୍କ ନିରାଶ ସୂଚକ ଉତର ସାମ୍ବାଦିକ ଙ୍କ ମଧ୍ୟରେ ଘୋର ନୈରାଶ୍ୟତା ସୃଷ୍ଟି କରିଛି । ତେଣୁ ଏହି ପରିପ୍ରେକ୍ଷୀରେ 'ଉତ୍କଳ ସାମ୍ବାଦିକ ସଂଘ' ପକ୍ଷରୁ ଅଧିସ୍ୱୀକୃତି କମିଟି ପୁନର୍ଗଠନ ସହିତ ପ୍ରଚଳିତ ଆଇନରେ ସଂଶୋଧନ ପୂର୍ବକ ଜିଲ୍ଲା ଓ ରାଜ୍ୟ ସ୍ତରରେ ସାମ୍ବାଦିକ ମାନଙ୍କୁ ବ୍ୟାପକ ଭାବରେ ମାନ୍ୟତା ପ୍ରଦାନ କରାଯାଉ, କ୍ରମାଗତ ଭାବେ ସାମ୍ବାଦିକ ମାନଙ୍କ ଉପରେ ଆକ୍ରମଣକୁ ଦୃଷ୍ଟିରେ ରଖି ସାମ୍ବାଦିକ ସୁରକ୍ଷା ଆଇନ ପ୍ରଣୟନ କରାଯାଉ, ୬୦ ବର୍ଷରୁ ଅଧିକ ସାମ୍ବାଦିକ ଙ୍କ ପାଇଁ ଅନ୍ୟୁନ ୧୫ ହଜାର ଟଙ୍କାର ପେନସନ୍ ବ୍ୟବସ୍ଥା କରାଯାଉ, ଓଡ଼ିଶା ପ୍ରେସ୍ ଏକାଡେମି ଗଠନ ପୂର୍ବକ ଭୂବନେଶ୍ୱର ରେ ଭବନ ନିର୍ମାଣ କରି ବୃତିଗତ କାର୍ଯ୍ୟରେ ରାଜଧାନୀ ଆସୁଥିବା ସାମ୍ବାଦିକ ମାନଙ୍କ ପାଇଁ ସ୍ୱଚ୍ଛ ମୂଲ୍ୟରେ ରହଣି ବ୍ୟବସ୍ଥା କରାଯାଉ, ଗୋପବନ୍ଧୁ ସ୍ୱାସ୍ଥ୍ୟବୀମା ଯୋଜନା ପରିଧିରେ ଅବସରପ୍ରାପ୍ତ ସାମ୍ବାଦିକ , ହୀତାଧିକାରୀଙ୍କ ମାତା , ପିତା ଓ ୨୫ ବର୍ଷରୁ ଉର୍ଦ୍ଧ୍ୱ ସନ୍ତାନ ମାନଙ୍କୁ ସାମିଲ କରାଯାଉ ।

# ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ ପକ୍ଷରୁ ନାରଦ ଜୟନ୍ତୀ ଉତ୍ସବ ପାଳିତ

## ଭାରତୀୟ ସଂସ୍କୃତିକୁ ସୁରକ୍ଷା ଦେବାରେ ସାମ୍ବାଦିକ ଓ ଲେଖକଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ

ସୁବର୍ଣ୍ଣପୁର : ସ୍ଥାନୀୟ ମୁନ ହୋଟେଲ କନ୍ଫରେନ୍ସ ହଲ୍ ରେ ରାଷ୍ଟ୍ରୀୟ ସ୍ୱଂୟ ସେବକ ସଂଘ ତରଫରୁ ଦେବର୍ଷି ନାରଦ ଜୟନ୍ତୀ ମହା ସମାରୋହରେ ପାଳନ ହୋଇଯାଇଛି । କାର୍ଯ୍ୟକ୍ରମର ପ୍ରାରମ୍ଭରେ ମଂଚାସିନ ଅତିଥି ଦିଲ୍ଲୀପ କୁମାର ତ୍ରୀପାଠୀ ଜିଲ୍ଲା ସଂଘ ଚାଳକ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ ସୁବର୍ଣ୍ଣପୁର, ଶିବ ପ୍ରସାଦ ପାତ୍ର ନଗର ସଂଘ ଚାଳକ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ ସୋନପୁର ନଗର, ଜୟଦ୍ରଥ ଜଗଦଲା ସହଜିଲ୍ଲା ସଂଘ ଚାଳକ ସୋନପୁର, ମୁଖ୍ୟ ଅତିଥି ସୁଶ୍ରୀ ପ୍ରୀତି ସୁନା ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସୁବର୍ଣ୍ଣପୁର ଜିଲ୍ଲା, ମୁଖ୍ୟ ବକ୍ତା କମ୍ବୁପାଣି ପ୍ରାନ୍ତ ସମ୍ପର୍କ ପ୍ରମୁଖ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ ଓଡ଼ିଶା ପଶ୍ଚିମଙ୍କ ଦ୍ୱାରା ଦେବର୍ଷି ନାରଦ, ଭାରତ ମାତାଙ୍କ ନିକଟରେ ଦୀପ ପ୍ରଜ୍ୱଳନ ପୂର୍ବକ କାର୍ଯ୍ୟକ୍ରମକୁ ପ୍ରାରମ୍ଭ କରାଯାଇଥିଲା । ସମସ୍ତ ସାମ୍ବାଦିକ ଓ ଲେଖକ କବି /ଲେଖକ ମାନଙ୍କ ପୂଜନ ପରେ ଉପଢୌକନ ଓ ସଂଘ ସାହିତ୍ୟ ପୁସ୍ତକ ଦେଇ ସମ୍ବର୍ଦ୍ଧନା ଦିଆଯାଇଥିଲା । ଯୁଧିଷ୍ଠିର ଖମାରୀଙ୍କ ଦ୍ୱାରା ଅମୃତ ବଚନ ଓ ଜଳଦେବ ବେରିହାଙ୍କ ଦ୍ୱାରା ବ୍ୟକ୍ତିଗତ ଗୀତ ଗାନ କରାଯାଇଥିଲା । ବକ୍ତବ୍ୟରେ ମୁଖ୍ୟ ଅତିଥି ପ୍ରୀତି ସୁନା ବର୍ତମାନ ସମୟରେ ସମାଜର ଚତୁର୍ଥ ସ୍ତମ୍ଭ ସାମ୍ବାଦିକ ମାନଙ୍କର ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ । ତତ୍ ସହିତ ଜଣେ ସାମ୍ବାଦିକ ହିଁ ସମାଜକୁ ପରିବର୍ତନ କରିବାର ସାମର୍ଥ୍ୟ ରଖିଥାଏ । ତାଙ୍କ ପରିଶ୍ରମ ଯୋଗୁଁ ପ୍ରଶାସନକୁ ମାର୍ଗଦର୍ଶନ କରିପାରେ । ଭୁଲ ଠିକ୍ କୁ ଦର୍ଶାଇ ସମବେତ କବି, ସାମ୍ବାଦିକ ମାନଙ୍କ ସମାଗମ ପାଇଁ ସେ ଅତ୍ୟନ୍ତ ଖୁସି ବୋଲି ପ୍ରକାଶ କରିଥିଲେ । ମୁଖ୍ୟ ବକ୍ତା କମ୍ବୁପାଣି ପାଢ଼ୀ ତାଙ୍କ ବକ୍ତବ୍ୟରେ ସତ୍ୟ ଦ୍ୱାପର ଯୁଗରେ ଏକ ଶ୍ରେଷ୍ଠ ସମ୍ବାଦଦାତା ଥିଲେ ନାରଦ ବୋଲି କହି ସେ ହିଁ ଏକମାତ୍ର ବ୍ୟକ୍ତି ସତ୍ୟ କହିବାର ସତ୍ ସାହସ ରଖି ପାରୁ ଥିଲେ । ସେ ଥିଲେ ଜଣେ ଉତମ ସମାଜ ସଂସ୍କାରକ । ତେଣୁ ତାଙ୍କୁ ଆଜି ତାଙ୍କ ଜନ୍ମଦିନରେ ସ୍ମରଣ କରିବାର ଆବଶ୍ୟକତା ରହିଛି । ଧର୍ମକୁ ପାଳନ କରିବାକୁ ଅନୁପାଳନ କରି ଆସିଛି ଭାରତ । ଧର୍ମ ବିନା ଭାରତର ଅସ୍ତିତ୍ୱ କଥା ବିଚାର କରାଯାଇ ନ ପାରେ । ସମାଜରେ ଭାରତୀୟ ସଂସ୍କୃତିକୁ ସଦାସର୍ବଦା ବୈଦେଶିକ ଆକ୍ରମଣ ର ଶିକାର ହେବାକୁ ପଡ଼ି ଥିଲା । ତଥାପି ବି ଭାରତୀୟ ସଂସ୍କୃତି କେବେ ପରାଧୀନ ହୋଇ ନାହିଁ । ବର୍ତମାନ ସମୟରେ କବି ଲେଖକ ଓ ସାମ୍ବାଦିକ ମାନେ ହିଁ ଭାରତୀୟ ସଂସ୍କୃତିକୁ ସୁରକ୍ଷା କରିବା ପାଇଁ ପ୍ରମୁଖ ଭୂମିକା ଗ୍ରହଣ କରିଛନ୍ତି । ବର୍ତମାନ ପର୍ଯ୍ୟକ୍ଷବରଣକୁ ସୁରକ୍ଷା ତଥା ପ୍ଲାଷ୍ଟିକର ବ୍ୟବହାର କମ କରିବା ପାଇଁ ସଚେତନ କରିବା ଜଳ ସଂରକ୍ଷଣ ଉପରେ ଗୁରୁତ୍ୱ ଦେଇ ଆମ ପରିଚୟ ସଂକ୍ଷିପ୍ତ ନ କରି ମହାନ୍ ଭାରତୀୟ ର ପରିଚୟ ଦେବା ଉଚିତ୍ ବୋଲି କହିଥିଲେ କ୍ଷ ନିଜ ନିଜ ପରିବାରକୁ ସୁଚାରୁ ଭାବରେ ପରିଚାଳନା କରିବାର ଆବଶ୍ୟକତା ରହିଛି । ତତ୍ ସହିତ ସମାଜକୁ ରାଷ୍ଟ୍ର କୁ ଦିଗଦର୍ଶନ ଦେବାରେ ସମାଜରେ ସୌହାର୍ଦ୍ଦ୍ୟପୂର୍ଣ୍ଣ ବାତାବରଣ ସୃଷ୍ଟି କରିବାରେ ଓ ସୁସ୍ଥ ସମାଜ ଗଠନ ଦିଗରେ ସାମ୍ବାଦିକଙ୍କ ଭୂମିକା ଗୁରୁତ୍ୱ ପୂର୍ଣ୍ଣ ବୋଲି କହିଥିଲେ । ଓ ପ୍ରତ୍ୟେକ କ୍ଷେତ୍ରରେ ସତ୍ୟକୁ ଉପସ୍ଥାପନ କରିବା ସମାଜକୁ ସକାରାତ୍ମକ ପରିବର୍ତନ ଆଣିବାରେ ସାମ୍ବାଦିକଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ । ଉକ୍ତ ଉତ୍ସବରେ ୬୦ ଜଣ କବି ଓ ସାମ୍ବାଦିକ ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମକୁ ସୁଚାରୁରୂପେ ପରିଚାଳନା ପାଇଁ ପ୍ରଣବ କୁମାର ନାଏକ ପଶ୍ଚିମ ପ୍ରନ୍ତ୍ ସହ ପ୍ରଚାର ପ୍ରମୁଖ, ଧର୍ମେନ୍ଦ୍ର ବଦମଲି ଜିଲ୍ଲା କାର୍ଯ୍ୟବାହ, ହୃଷୀକେଶ ଭୋଇ ସହ କାର୍ଯ୍ୟବାହ ସୋନପୁର ଜିଲ୍ଲା, ରଶ୍ମିରଂଜନ ସୋନପୁର ଜିଲ୍ଲା ପ୍ରଚାର ପ୍ରମୁଖ, ରାଜେଶ ସିଂ ଜିଲ୍ଲା ସହ ପ୍ରଚାରପ୍ରମୁଖ, ରାଜେନ୍ଦ୍ର ନାଏକ ଜିଲ୍ଲା ସମ୍ପର୍କ ପ୍ରମୁଖ, ସଞ୍ଜୟ ମିଶ୍ର ପ୍ରମୁଖ କାର୍ଯ୍ୟକ୍ରମକୁ ସହଯୋଗ କରିଥିଲେ ।

# ଝାରସୁଗୁଡ଼ା ଟାଏକୋଣ୍ଡୋ ଖେଳାଳୀଙ୍କର ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ସଫଳତା




ଝାରସୁଗୁଡା : ଜିଲ୍ଲା ଟାଏକୁଣ୍ଡୋ ଆସୋସିଏସନ ପକ୍ଷରୁ କଟକ ଠାରେ ୫ମ ରାଜ୍ୟ ସ୍ତରୀୟ ପ୍ରତିଯୋଗିତାରେ ୧୨ଜଣ ପ୍ରତିଯୋଗି ବିଭିନ୍ନ ବର୍ଗରେ ଅଂଶ କରି ୧୧ଟି ପଦକ ଲାଭ କରିଛନ୍ତି । ସେଥି ମଧ୍ୟରୁ ୪ଟି ସ୍ୱର୍ଣ୍ଣ ୩ଟି ରେପ୍ୟ ୪ ଟି କାଂସ୍ୟ ପଦକ ରହିଛି । ଜିଲ୍ଲା ଟାଏକୁଣ୍ଡୋ ଆସୋସିଏସନ ର ମୁଖ୍ୟ ପ୍ରଶିକ୍ଷକ ତଥା ସଂପାଦକ ସୁନ୍ଦରମଣି ପଟେଲ ଓ ସହକାରୀ ପ୍ରଶିକ୍ଷକ ସାଗର ରାଉତ ଏବଂ ସୌରଭ ଭଇଁସାଲ ପ୍ରକାଶ କରିଛନ୍ତି । ଆଭାଶ ପଟେଲ , ନୁଶିସ ପରବିନ, ପ୍ରିନ୍ସ ପଟେଲ , ପପୁ ପାଶବନ, ସତ୍ୟ ରଞ୍ଜନ ବିଶ୍ୱାଳ, ପ୍ରିୟ୍ୟାସି କୁଜୁର, ପ୍ରତୀକରାଜ ବିଶ୍ୱାଳ, ଦେବପ୍ରତାପ ସିଂ,ରଞ୍ଜନ ରଜ ସିଂ, ନୁରଜାନ ବେଗମ୍, ପ୍ରଭୃତି ପ୍ରତିଯୋଗୀ ଅଂଶ ଗ୍ରହଣ କରି ଥିଲେ । ଜିଲ୍ଲା ଟାଏକୁଣ୍ଡୋ ଆସୋସିଏସନ ର କର୍ମକର୍ତା ମାନେ ପ୍ରତିଯୋଗୀ ମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି ।

# ଜୈବିକ ଚାଷ ସଚେତନତା କାର୍ଯ୍ୟକ୍ରମ

ସମ୍ବଲପୁର : ସମ୍ବଲପୁର ଜିଲ୍ଲା ଯୁଯୁମୁରା ବ୍ଲକ ଅନ୍ତର୍ଗତ ନୂଆ ବରଗାମାଲ ପଂଚାୟତର ହାତୀଦହଲା ଠାରେ ରବିବାର ଦିନ ଜୈବିକ ଚାଷ ଉପରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଥୁଆମୂଳ ରାମପୁର କୃଷକ ଉତ୍ପାଦକ କମ୍ପାନୀ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପଂଚାୟତ ତଥା ଆଖପାଖର ଚାଷୀମାନେ ସାମିଲ ହୋଇଥିଲେ । ସ୍ଥାନୀୟ ସିଆରପି ମନବୋଧ ସାହୁଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଶିଷ୍ଟ ବିଶାରଦ ତଥା ସାମ୍ବାଦିକ ଭବାନୀଶ ଭୋଇ ଜୈବିକ ମାଣ୍ଡିଆ ଚାଷର ଆବଶ୍ୟକତା ଉପରେ ସଚେତନ କରିଥିଲେ । ବର୍ତମାନ ସମୟରେ ଦେଖାଦେଉଥିବା ବିଭିନ୍ନ ରୋଗର ସମାଧାନ ପାଇଁ ଜୈବିକ ଚାଷ ଆବଶ୍ୟକତା ହୋଇଥିବା ସେ କହିଥିଲେ । ତେଣୁ ଜୈବିକ ଚାଷରେ ହିଁ ଭବିଷ୍ୟତ ରହିଛି । ଅଂଚଳରେ ମାଣ୍ଡିଆରେ ବିଭିନ୍ନ ସାମଗ୍ରୀ ତିଆରି ହେଉଥିବା ବେଳେ ଏହାକୁ ଅଧିକ ପ୍ରଚାର ପ୍ରସାର କରିବାରେ ଟିଏଫ ପିସିଏଲ ସହଯୋଗ କରିବ ବୋଲି ପ୍ରତିଶ୍ରୁତି ଦେଇଥିଲା । ଏହି ଅବସରରେ ଚାଷୀମାନେ ଅଂଚଳରେ ମାଣ୍ଡିଆ ଚାଷ ପାଇଁ ରହିଥିବା ସମସ୍ୟା ବିଷୟରେ ଆଲୋଚନା କରିଥିଲେ । କାର୍ଯ୍ୟକ୍ରମରେ ଫାଦର ମନୋହର ଟପ୍ପୋ, ସିଆରପି ଜିତୁ ମାଝୀ, କୈଳାଶ ସେଠ, ଅଞ୍ଜଳି ସିଂ, ମନୋରଞ୍ଜନ ମେଣ୍ଡଲୀ ପ୍ରମୁଖ ଯୋଗ ଦେଇଥିଲେ ।





# ପୌରପାଳିକା ଓ ବ୍ଲକରେ ୪୧ ପ୍ରତିଭା ଧାରୀଙ୍କୁ ସମ୍ବର୍ଦ୍ଧନା



ସୋର(ନିପ୍ର): ଚଳିତ ବର୍ଷ ମାଟ୍ରିକ ପରୀକ୍ଷା ଫଳ ପ୍ରକାଶ ପାଇଛି । ବାଲେଶ୍ୱର ଜିଲ୍ଲା ରେ ମାଟ୍ରିକ ପରୀକ୍ଷା ଫଳ ବେଶ୍ ଭଲ ହୋଇ ଥିବା ବେଳେ ସୋର ବ୍ଲକ ଓ ସୋର ପୌରପାଳିକା ରେ ମାଟ୍ରିକ ପରୀକ୍ଷା ଫଳରେ ସାରା ଓଡିଶା ରେ ବେଶ୍ ନାମ ଅର୍ଜନ କରିଛନ୍ତି । ଏ ନେଇ ସୋର ରେ ଇ ୧କୃତି ଛାତ୍ର ଛାତ୍ରୀ ମାନଙ୍କୁ ସମ୍ବର୍ଦ୍ଧନା ଜଣାଇବା ପରିପ୍ରେକ୍ଷୀରେ ସୋର ଶିକ୍ଷକ ଭବନ ଠାରେ ସ୍ଥାନୀୟ ବିଧାୟକ ମାଧବ ଧଡା ଙ୍କ ଆହ୍ୱାନ କ୍ରମେ ଏକ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଥିଲା । ଉକ୍ତ ଉତ୍ସବ ରେ ମୋଟ ୪୪ ଜଣ ପ୍ରତିଭା ଧାରୀଙ୍କୁ ସମ୍ବର୍ଦ୍ଧନା କରାଯାଇଥିଲା । ଉକ୍ତ ସଭାରେ ମୁଖ୍ୟ ଅତିଥି ଭାବେ ଅବସର ପ୍ରାପ୍ତ ପ୍ରାଧାପକ ଶରତ ଚନ୍ଦ୍ର ମହାନ୍ତି, ଅବସର ପ୍ରାପ୍ତ ଅଧକ୍ଷ ବିଜୟ କୁମାର ମହାପାତ୍ର, ଅବସର ପ୍ରାପ୍ତ ଶିକ୍ଷକ ଅଶୋକ କୁମାର ମହାନ୍ତି, ଯଦୁନାଥ ଦୀକ୍ଷିତ, ଜିଲ୍ଲା ପରିଷଦ ସଭ୍ୟ ଜୟରାମ ଦାସ, ସୋର ବ୍ଲକ ଅଧକ୍ଷା ଅନୂଷୟା ମଲିକ, ସୋର ବ୍ଲକ ବିଜେଡି ସଭାପତି ଶଙ୍କର୍ଷଣ ବାରିକ, ସୋର ପୌରପାଳିକା ଉପାଧକ୍ଷ ଲୋକନାଥ ରାଉତ, ପ୍ରମୁଖ ଯୋଗ ଦେଇ କୃତି ଛାତ୍ର ଛାତ୍ରୀ ମାନଙ୍କୁ ତାଙ୍କର ଉତମ ଭବିଷ୍ୟତ ପାଇଁ ଶୁଭେଛା ବାର୍ତା ପ୍ରଦାନ କରିଥିଲେ ।ଉକ୍ତ ସଭା କୁ ସୋର ଗୋଷ୍ଠୀ ଉନ୍ନୟନ ଅତିରିକ୍ତ ଶିକ୍ଷାଧିକାରୀ ସୋମନାଥ ଦାସ ପରିଚାଳନା କରିଥିଲେ । ଶେଷରେ କୃତି ଛାତ୍ର ଛାତ୍ରୀ ମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ।

# ଜିଲ୍ଲା ଟପ୍ପର ସରୋଜକୁ ସମ୍ବର୍ଦ୍ଧିତ କଲେ ଜିଲ୍ଲାପାଳ

ନୟାଗଡ଼(ନିପ୍ର): ମାଟ୍ରିକ ପରୀକ୍ଷାରେ ନୟାଗଡ଼ ଜିଲ୍ଲା ଟପ୍ପର ସରୋଜ କୁମାର ଜେନାକୁ ଜିଲ୍ଲାପାଳ ମଧୁମିତା ରଥଙ୍କ ଦ୍ୱାରା ସମ୍ବର୍ଦ୍ଧିତ ହୋଇଛନ୍ତି । ନୟାଗଡ଼ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ବିଦ୍ୟାଳୟ ପ୍ରଧାନଶିକ୍ଷକ ଅନ୍ତର୍ଯ୍ୟାମୀ ପତି, ଶିକ୍ଷକ ପଂଚାନନ ତ୍ରିପାଠୀ ଏବଂ ସିଆରସିସିଙ୍କ ଉପସ୍ଥିତିରେ ଜିଲ୍ଲାପାଳ ସରୋଜକୁ ସମ୍ବର୍ଦ୍ଧିତ କରିବା ସହ କିଛି ଉପହାର ଦେଇଥିବା ଦେଖାଯାଇଛି । ନୟାଗଡ଼ ଜିଲ୍ଲାରେ ସଦର ବ୍ଲକ କ୍ରିଦାଶପୁର ପଂଚାୟତରେ ଅବସ୍ଥିତ ଆଂଚଳିକ ଉଚ୍ଚ ବିଦ୍ୟାଳୟ ସ୍ଥାନୀୟ ଲୋକଙ୍କ ସହଯୋଗରେ ୧୯୯୨ ମସିହାରେ ପ୍ରତିଷ୍ଠା ହୋଇଥିଲା ।



୩୪ ବର୍ଷ ମଧ୍ୟରେ ବିଦ୍ୟାଳୟ ସରକାରୀ ମାନ୍ୟତା ପାଇ ପାରିନଥିବା ବେଳେ ୨୦୦୪ ମସିହାରେ ବ୍ଲକ ଗ୍ରାଣ୍ଟ ପାଇଥିଲା । ବିଦ୍ୟାଳୟ ନିର୍ମାଣ ସମୟରେ ନିଯୁକ୍ତି ପାଇଥିବା ଶିକ୍ଷକ ଓ କର୍ମଚାରୀଙ୍କ ମଧ୍ୟରୁ ଜଣେ ଶିକ୍ଷକ, ଜଣେ କିରାଣୀ ଓ ଜଣେ ରାତ୍ର ଜଗୁଆଳ ଅବସର ଗ୍ରହଣ କରି ସାରିଲେଣି । ବିଦ୍ୟାଳୟରେ ୨ ଜଣ ଶିକ୍ଷକ, ଜଣେ କିରାଣୀଙ୍କ ଆବଶ୍ୟକତା ରହିଥିବା ବେଳେ ନାନାଦି ସମସ୍ୟା ମଧ୍ୟରେ ବିଦ୍ୟାଳୟ ଚାଲୁଛି । ବ୍ଲକଗ୍ରାଣ୍ଟ ବିଦ୍ୟାଳୟ ହୋଇଥିବାରୁ ସରକାରୀ ଅନୁଦାନ ଦୂରର କଥା ସାମାନ୍ୟ ବିଦ୍ୟୁତ୍ ବିଲ୍ ପ୍ରଦାନ ଓ କମ୍ପ୍ୟୁଟର ପାଇଁ ଶିକ୍ଷକମାନେ ସମସ୍ୟା ଭୋଗୁଛନ୍ତି । ସମସ୍ୟା ଭିତରେ ଜର୍ଜରିତ ଏହି ବିଦ୍ୟାଳୟ ପ୍ରତ୍ୟେକ ବର୍ଷ ଭଲ ପରୀକ୍ଷା ଫଳ ଦେଉଥିବା ବେଳେ ଚଳିତ ବର୍ଷ ଜିଲ୍ଲା ଟପ୍ପର ଦେଇଛି । ଉକ୍ତ ବିଦ୍ୟାଳୟର ଛାତ୍ର ସରୋଜ କୁମାର ଜେନା ୫୭୨ ମାର୍କ ରଖି ନୟାଗଡ଼ ଜିଲ୍ଲା ପାଇଁ ଗର୍ବ ଓ ଗୌରବ ଆଣିଛନ୍ତି । କ୍ରିଦାଶପୁର ପଂଚାୟତ କୋସକା ଗ୍ରାମର ସରୋଜ ଜଣେ ବାପ ଛେଉଣ୍ଡ । ତାଙ୍କ ବାପା ଗଦାଧର ଜେନା ଏକ ଦୁର୍ଘଟଣାରେ ପ୍ରାଣ ହରାଇଛନ୍ତି । ମାଆ ଜସ୍ମିନୀ ଜେନାଙ୍କ କୋଳରେ ସେ ବଢ଼ିଥିବା ବେଳେ ଜେଜେବାପା ବିନାୟକ ଜେନା ତାର ପାଠ ପଢ଼ାଠାରୁ ଆରମ୍ଭ କରି ସବୁ ଦାୟିତ୍ୱ ନିର୍ବାହ କରିଛନ୍ତି ।

# ଜମିବାଡ଼ି ବିବାଦକୁ ନେଇ ଗୋଷ୍ଠୀ ସଂଘର୍ଷରେ ୭ ଆହତ

ଯାଜପୁର(ନିପ୍ର): ଜମିବାଡ଼ି ବିବାଦକୁ ନେଇ ଦୁଇ ପରିବାର ମଧ୍ୟରେ ଗଣ୍ଡଗୋଳ । ଜଣେ ମୃତ ହୋଇଥିବା ବେଳେ ଉଭୟ ପରିବାର ର ୭ ଉର୍ଦ୍ଧ ଆହତ । ମୃତକ ହେଲେ ଗୋବିନ୍ଦ ଘଡାଇ । ସମସ୍ତ ଆହତ ବ୍ୟକ୍ତି ଯାଜପୁର ଜିଲ୍ଲା ମୁଖ୍ୟ ଚିକିଷ୍ଟାଳୟରେ ଭର୍ତି କରାଯାଇଛି । ଏଭଳି ଅଭାବନୀୟ ଘଟଣା ଘଟିଛି ଯାଜପୁର ସଦର ଥାନା ଅନ୍ତର୍ଗତ ବଡ଼ ତ୍ରିଲୋଚନପୁର ଗ୍ରାମରେ । ସୂଚନା ମୁତାବକ ବଡ଼ ତ୍ରିଲୋଚନପୁର ଗ୍ରାମର ଗୋବିନ୍ଦ ଘଡାଇ ଓ ନରେନ୍ଦ୍ର ଘଡାଇଙ୍କ ପରିବାର ମଧ୍ୟରେ ଜମିବାଡ଼ିକୁ ନେଇ ଦୀର୍ଘ ଦିନ ହେବ ବିବାଦ ଲାଗିଥିଲା । କିଛି ଦିନ ପୂର୍ବରୁ ଉଭୟ ପରିବାର ପକ୍ଷରୁ ମଧ ଥାନାରେ ଆପୋଷ ସମାଧାନ ହୋଇଥିଲା । ଆଜି ସକାଳ ସମୟରେ ଜଣେ ଘର ନିର୍ମାଣ କରିବା ସମୟରେ ଅପର ପକ୍ଷ ଏହାକୁ ବିରୋଧ କରିଥିଲେ । ପ୍ରଥମେ ଉଭୟଙ୍କ ପରିବାର ମଧ୍ୟରେ ବଚାସା ହେଲାପରେ ଗଣ୍ଡଗୋଳ ଆରମ୍ଭ ହୋଇଯାଇ ଥିଲା । ଏହି ଜମିବାଡ଼ି ବିବାଦକୁ ନେଇ ଅଦାଲତ ରେ ମାମଲା ଥିଲାବେଳେ ଦୁଇ ପରିବାର ପକ୍ଷରୁ ଗଣ୍ଡଗୋଳ ହୋଇ ମାଡପିଟ ଜୋରଦାର ହୋଇଥିଲା । ଘଟଣାସ୍ଥଳରେ ଗୋବିନ୍ଦଙ୍କ ମୃତ୍ୟୁ ହୋଇଥିବା ବେଳେ ଉଭୟ ପରିବାରର ୭ରୁ ଉର୍ଦ୍ଧ ଲୋକ ଚିକିତ୍ସିତ ହେଉଛନ୍ତି । ଖବର ପାଇ ଘଟଣାସ୍ଥଳରେ ସଦର ପୋଲିସ ପହଂଚି ତଦନ୍ତ ଆରମ୍ଭ କରିଛି । ଏଥିସହ ମୃତ ଶରୀରକୁ ଜବତ କରି ବ୍ୟବଛେଦ ପାଇଁ ପଠାଯାଇଛି । ଏହି ମାମଲାକୁ ନେଇ ଯାଜପୁର ମୁଖ୍ୟ ଚିକିତ୍ସାଳୟରେ ଯାଜପୁର ଏସଡିପିଓ ତଦନ୍ତ କରିଛନ୍ତି ।

# ଯୁଗ୍ମଜନ ଅଭିଯୋଗ ଶୁଣାଣି ଶିବିର

ଜଗତସିଂହପୁର(ନିପ୍ର): ଜଗତସିଂହପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ଯୁଗ୍ମଜନ ଅଭିଯୋଗ ଶୁଣାଣି ଶିବିର ରଘୁନାଥପୁର ବ୍ଲକ୍ କାର୍ଯ୍ୟାଳୟ ଠାରେ ଅନୁଷ୍ଠିତ ହୋଇଯାଇଅଛି । ଏହି ଅଭିଯୋଗ ଶିବିର ରେ ଉପସ୍ଥିତ ରହି ଜିଲ୍ଲାପାଳ ଜେ ସୋନାଲ ଜନସାଧାରଣଙ୍କ ବିଭିନ୍ନ ଆପତି ଅଭିଯୋଗ ର ଶୁଣାଣି କରିଥିଲେ । ଆଜି ମୋଟ ୩୮ ଟି ଅଭିଯୋଗ ପଞ୍ଜୀକୃତ ହୋଇଥିଲା । ସେଥିମଧ୍ୟରୁ ବ୍ୟକ୍ତିଗତ ସମସ୍ୟା ସମ୍ପର୍କୀୟ ୩୦ଗୋଟି, ଗୋଷ୍ଠୀଗତ ସମସ୍ୟା ସମ୍ପର୍କୀୟ /ଗ୍ରାମ୍ୟ ସମସ୍ୟା



ସମ୍ପର୍କୀୟ ୮ଟି, ବ୍ୟକ୍ତିଗତ ଅଭିଯୋଗ ମଧ୍ୟରୁ ରାସନ୍ କାର୍ଡ ସମ୍ବନ୍ଧୀୟ ୪ଟି, ଆବାସ ଯୋଜନା ସମ୍ପର୍କୀୟ ୩ଟି, ଜମିଜମା ସମସ୍ୟା ସମ୍ପର୍କୀୟ ୪ଟି, ପୋଲିସ୍ ସହାୟତା ପାଇବା ପାଇଁ ୨ଟି, ପେନସନ ପାଇବା ପାଇଁ ୩ଟି ଏବଂ ଅନ୍ୟାନ୍ୟ ୧୨ଟି ଅଭିଯୋଗର ଶୁଣାଣି କରାଯାଇ ଥିଲା । ୨ଟି ଅଭିଯୋଗର ତତ୍କାଳ ଫଇସଲା କରାଯାଇଥିଲା । ଏହି ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର ରେ ଆରକ୍ଷୀ ଅଧିକ୍ଷକ ଅଙ୍କିତ କୁମାର ବର୍ମା, ଅତିରିକ୍ତ ଜିଲ୍ଲାପାଳ ଜ୍ୟୋତି ଶଙ୍କର ରାୟ, ଜିଲ୍ଲା ପରିଷଦ ର ମୁଖ୍ୟ ବିକାଶ ତଥା ନିର୍ବାହୀ ଅଧିକାରୀ ଅକ୍ଷୟ ପିଲ୍ଲେ, ଉପ ଜିଲ୍ଲାପାଳ ପ୍ରଶାନ୍ତ କୁମାର ତରାଇ, ଗୋଷ୍ଠୀ ଉନ୍ନୟନ ଅଧିକାରୀ, ରଘୁନାଥପୁର, ବିଙ୍ଚି ନାରାୟଣ ବେହେରା, ତହସିଲଦାର, ରଘୁନାଥପୁର, ରାଜଲକ୍ଷ୍ମୀ ନାୟକ,ଜିଲ୍ଲା ସ୍ତରୀୟ ଅଧିକାରୀ, କ୍ଷେତ୍ରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ରହି ଜନସାଧାରଣଙ୍କର ଆପତି ଅଭିଯୋଗର ଶୁଣାଣି କରିଥିଲେ ।

# ଶ୍ରୀ ସତ୍ୟସାଇ ଜ୍ଞାନ ବିକାଶ ବିଦ୍ୟାଳୟର ୩୫ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ

ପାରାଦୀପ/କୁଜଙ୍ଗ(ନିପ୍ର): ପଙ୍କପାଳ ସ୍ଥିତ ଶ୍ରୀ ସତ୍ୟସାଇ ଜ୍ଞାନବିକାଶ ବିଦ୍ୟାଳୟର ୩୫ ତମ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି । ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ବାବାଜି ଚରଣ ପୃଷ୍ଟିଙ୍କ ପୌରହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ରୂପେ ଶିକ୍ଷ,ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ କୁମାର ସ୍ୱାଇଁ ଯୋଗ ଦେଇଥିଲେ । ସମ୍ମାନିତ ଅତିଥିଭାବେ ଶ୍ରୀ ସତ୍ୟ ସାଇ ସେବା ସଙ୍ଗଠନ ରାଜ୍ୟ ସଭାପତି ଡ.ସତ୍ୟସ୍ୱରୂପ ପଟ୍ଟନାୟକ ଅନୁଷ୍ଠାନିକ ଭାବେ ପ୍ରଦୀପ ପ୍ରଜ୍ୱଳନ କରି ଉତ୍ସବକୁ ଉଦଘାଟନ କରିଥିଲେ । ଶ୍ରୀ ସତ୍ୟସାଇ ଟ୍ରଷ୍ଟର କନଭେନର ଅବସର ପ୍ରାପ୍ତ ଆଇ.ଏ.ଏସ ଅକ୍ଷୟ କୁମାର ପାଣି,ଟ୍ରଷ୍ଟ ଆବାହକ ଅନ୍ତର୍ଯ୍ୟାମୀ ପଟ୍ଟନାୟକ, ଜିଲ୍ଲା ସଭାପତି ଦାମୋଦର ସ୍ୱାଇଁ, ବିଦ୍ୟାଳୟ




ପରିଚାଳନା କମିଟିର ସଭ୍ୟ ଅକ୍ଷୟ ଦାସ, ଶରତ ଚନ୍ଦ୍ର ମହାନ୍ତି, ସଭ୍ୟା ସ୍ନେହମୟୀ ଆଚାର୍ଯ୍ୟ, ସ୍ଥାନୀୟ ଶୁଭେଚ୍ଛୁ ଅତିଥି ଦିଲିପ ବେହେରା ଙ୍କ ସମେତ ସତ୍ୟସାଇ ସେବା ସଙ୍ଗଠନର ଅନେକ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ । ଜିଲ୍ଲା ସଭାପତି ଦାମୋଦର ସ୍ୱାଇଁ ଅତିଥିମାନଙ୍କର ପରିଚୟ ପ୍ରଦାନ କରିଥିଲେ । ମନ୍ତ୍ରୀ ଶ୍ରୀ ସ୍ୱାଇଁ ସତ୍ୟସାଇବାବାଙ୍କ ଦିବ୍ୟ ସନ୍ଦେଶ କାମନାର ସୀମାଙ୍କନ ପୂର୍ବକ ଜଳ, ଶକ୍ତି ଓ ଖାଦ୍ୟ ର ଅପଚୟ ନ କରିବାପାଇଁ ପିଲାମାନଙ୍କୁ ଉପଦେଶ ଦେଇଥିଲେ । ଜୀବନର ସ୍ୱପ୍ନକୁ ସାକାର କରିବାପାଇଁ ଲକ୍ଷ୍ୟ ରଖି ଆମେ ନିଃସାର୍ଥପର ଭାବେ କର୍ମ କରିବା ତେବେ ସଫଳତାର ଶେଷ ସୋପାନରେ ନିଶ୍ଚୟ ପହଂଚି ପାରିବାର ମାର୍ଗଦର୍ଶନ କରାଇଥିଲେ । ଛାତ୍ରୀ ଐଶ୍ୱର୍ଯ୍ୟା ପ୍ରିୟଦର୍ଶନୀ ଓ ଆଦ୍ୟାଶା ପ୍ରକାଶ ମହାରଣା କାର୍ଯ୍ୟକ୍ରମ ଗୁଡ଼ିକୁ ସଫଳତାର ସହ ପରିଚାଳନା କରିଥିଲେ । ଗତ ଦ୍ୱିତୀୟ ବିଶ୍ୱ ବେଦ ସମ୍ମିଳନୀ ପ୍ରଶାନ୍ତିନିଳୟମ ଠାରେ ସତ୍ୟସାଇ ବିଦ୍ୟାଳୟ ତରଫରୁ ମନୋନୀତ ହୋଇଥିବା ଛାତ୍ରୀମାନେ ଏକ ଦିବ୍ୟ ପରିବେଶ ମଧ୍ୟରେ ସମସ୍ତଙ୍କୁ ନିଜର କଳାକୃତି ନାଟେଶ୍ୱରୀ ଲାସ୍ୟା ପ୍ରଦର୍ଶନ କରି ମନ୍ତ୍ରମୁଗ୍ଧ କରି ଦେଇଥିଲେ । ଜିଲ୍ଲା ପିଲାମାନଙ୍କୁ ଆଶୀର୍ବାଦ କରିବା ସହ ଟ୍ରଫି ପ୍ରଦାନ କରିଥିଲେ । ଶିକ୍ଷା ବର୍ଷ ୨୦୨୫ - ୨୬ ବର୍ଷ ପାଇଁ ବିଭିନ୍ନ କ୍ଷେତ୍ରରେ ବିଶେଷ ସଫଳତା ଅର୍ଜନ କରିଥିବା ଛାତ୍ର ଛାତ୍ରୀମାନଙ୍କୁ ଅତିଥିମାନେ ସାର୍ଟିଫିକେଟ ଓ ଟ୍ରଫି ଦେଇ ସମ୍ମାନିତ କରିଥିଲେ । ଶ୍ରେଷ୍ଠ ଖେଳାଳୀ ଭାବେ ରାଜ ରେହାନସ ସ୍ୱାଇଁ, ପରିଷ୍କାର ପରିଛନ୍ନତା ପାଇଁ ଅନଭେଶ ରାଉତ, ସମୟାନୁବର୍ତିତ ପାଇଁ ଐଶ୍ୱର୍ଯ୍ୟା ପ୍ରିୟଦର୍ଶିନୀ, ଶୃଙ୍ଖଳା ପାଇଁ ସାଇଅଂଶ କଣ୍ଡ, ସର୍ବାଧିକ ଉପସ୍ଥାନ ପାଇଁ ଅଭିଲିପ୍ସା ଦାସ, ଶିକ୍ଷାକ୍ଷେତ୍ରରେ ସର୍ବୋଚ୍ଚ ଦକ୍ଷତା ପାଇଁ ଆଦ୍ୟାଶା ଦାଶ, ଶ୍ରେଷ୍ଠ ଅଭିନୟ ପାଇଁ ବିବ୍ୟାଂଶୁ ସିଂ, ଶ୍ରେଷ୍ଠ ନୃତ୍ୟ ପାଇଁ ଆଦ୍ୟାଶା ପ୍ରିୟଦର୍ଶନୀ ବେହେରା, ଶ୍ରେଷ୍ଠ ବକ୍ତୃତା ପାଇଁ ଦେବାଶିସ ଦାଶ, ଶ୍ରେଷ୍ଠ ଆଜ୍ଞାକାରୀ ଆଦ୍ୟାଶା ପ୍ରକାଶ ମହାରଣା, ଶ୍ରେଷ୍ଠ କଣ୍ଠଶିଳ୍ପୀ ବିଦିତ ମହାନ୍ତି, ଶ୍ରେଷ୍ଠ ସ୍ୱେଚ୍ଛାସେବୀ ପ୍ରିୟାଂଶୁ ଆର୍ଯ୍ୟନ, ଶ୍ରଦ୍ଧାଞ୍ଜଳି ସ୍ୱାଇଁ, ଶ୍ରିୟାଂଶୁ ମଣ୍ଡଳଙ୍କୁ ଆଶୀର୍ବାଦ ପ୍ରଦାନ କରିଥିଲେ । ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ଅଭିଭାବକ ମାନଙ୍କର ନିରବଚ୍ଛିନ୍ନ ସେବା ଓ ଭଲ ପାଇବାପାଇଁ ଅତିଥିମାନେ ସେମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ । ସଭ୍ୟା ସ୍ନେହମୟୀ ଆଚାର୍ଯ୍ୟ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ । ପରେ ପରେ ପିଲାମାନଙ୍କଦ୍ୱାରା ସଂସ୍କାର ଧର୍ମୀ, ମନୋରଞ୍ଜନ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ଭଗବାନଙ୍କ ମଙ୍ଗଳ ଆଳତୀ ପରେ ଉତ୍ସବକୁ ସାଙ୍ଗ କରାଯାଇଥିଲା ।

# ଗ୍ୟାସ ସିଲିଣ୍ଡରର ଯୋଗାଣ ଏବଂ ଦର ନିୟନ୍ତ୍ରଣ ପାଇଁ ସମନ୍ୱୟ ବୈଠକ


ଯାଜପୁର(ନିପ୍ର): ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଜିଲ୍ଲା ସ୍ତରୀୟ ବିପଲି ପରିଚାଳନା ଗ୍ରୁପ୍ ଏବଂ ସମସ୍ତ ଇନ୍ଧନ ତେଲ ମାର୍କେଟିଂ କମ୍ପାନୀମାନଙ୍କ ମଧ୍ୟରେ ଏକ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଛି । ଜିଲ୍ଲାପାଳ ଅମ୍ବର କୁମାର କରଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଏଲପିଜି ରନ୍ଧନ ଗ୍ୟାସର ଉପଲବ୍ଧତା, ଯୋଗାଣ ଏବଂ ଦରଦାମ୍ ମନିଟରିଂ ସମ୍ବନ୍ଧରେ ଆଲୋଚନା କରାଯାଇଥିଲା । ଯାଜପୁର ସାଂସଦ ଡା.ରବୀନ୍ଦ୍ର ନାରାୟଣ ବେହେରା ବୈଠକରେ ଉପସ୍ଥିତ ଥିଲେ । ଜିଲ୍ଲାବାସୀଙ୍କ ଏଲପିଜି ଏବଂ ପେଟ୍ରୋଲିୟମ ଉତ୍ପାଦର ଚାହିଦା ପୂରଣକୁ ସୁନିଶ୍ଚିତ କରିବା ପାଇଁ ଦର ନିୟନ୍ତ୍ରଣ, କଳାବଜାରୀ ରୋକିବା, ଯୋଗାଣ ଶୃଙ୍ଖଳା ପରିଚାଳନା, ବିଭିନ୍ନ ବିଭାଗ ମଧ୍ୟରେ ସମନ୍ୱୟ ଉପରେ ଜିଲ୍ଲାପାଳ ଗୁରୁତ୍ୱାରୋପ କରିଥିଲେ । ଜିଲ୍ଲାପାଳ ଗ୍ୟାସ ଏଜେନ୍ସିମାନଙ୍କ ସହ ଯାଜପୁର ସହର ଏବଂ ଜିଲ୍ଲାର ବିଭିନ୍ନ ବ୍ଲକରେ ରନ୍ଧନ ଗ୍ୟାସ ସିଲିଣ୍ଡର ଯୋଗାଣର ସ୍ଥିତି ସମୀକ୍ଷା କରିବା ସହ ଦୈନିକ ଚାହିଦା ଓ ଯୋଗାଣ ଉପରେ ଧ୍ୟାନ ଦେଇ କଳାବଜାରୀ ରୋକିବାକୁ ନିର୍ଦ୍ଦେଶ ଦେଇଥିଲେ । କଳାବଜାରୀ କଲେ କଡ଼ା କାର୍ଯ୍ୟାନୁଷ୍ଠାନ ନେବା ପାଇଁ ସେ ତାଗିଦ୍ କରିଥିଲେ । ଏହାସହ ସ୍କୁଲ ହଷ୍ଟେଲ, ହସ୍ପିଟାଲ, ଜେଲ୍ ଭଳି ଅତ୍ୟାବଶ୍ୟକୀୟ ତଥା ଜରୁରୀ ସେବା ଅନୁଷ୍ଠାନଗୁଡ଼ିକୁ ସମୟାନୁସାରେ ଗ୍ୟାସ ସିଲିଣ୍ଡର ଯୋଗାଣ ସୁନିଶ୍ଚିତ କରିବା ପାଇଁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି । ଏହି ବୈଠକରେ ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ଶିବାନନ୍ଦ ସ୍ୱାଇଁ, ଜିଲ୍ଲା ଯୋଗାଣ ଅଧିକାରୀ ଦିଲ୍ଲୀପ ପାଣିଗ୍ରାହୀ, ଅତିରିକ୍ତ ଯୋଗାଣ ଅଧିକାରୀ, ମାର୍କେଟ ଇନ୍ସପେକ୍ଟର, ଅଏଲ ମାର୍କେଟିଂ କମ୍ପାନୀଗୁଡିକର ପ୍ରତିନିଧି ଏବଂ ଯାଜପୁର ଜିଲ୍ଲାର ସମସ୍ତ ଗ୍ୟାସ ବିତରକ ଏଜେନ୍ସି ଯୋଗ ଦେଇଥିଲେ ।

# ସେପ୍ଟେମ୍ବର ୧ରୁ ସ୍ୱାଧୀ ଋତୁମ୍ଭରାଙ୍କ ପୁରୀରେ ଭାଗବତ କଥା

ପୁରୀ(ନିପ୍ର): ଉତରପ୍ରଦେଶ ବୃନ୍ଦାବନ ସ୍ଥିତ ବାତ୍ସଲ୍ୟ ଗ୍ରାମ ପରମ ଶକ୍ତିପୀଠ ତରଫରୁ ବଳିଆ ପଣ୍ଡା ସ୍ଥିତ ସେଭେନ ହିଲ ହୋଟେଲ ପରିସରରେ ଚାଳିତ ବର୍ଷ ୧ ସେପଟ୍ମେ୍ବର ରୁ ୭ ସେପଟ୍ମେ୍ବର ପର୍ଯ୍ୟନ୍ତ ସାପ୍ତାହିକ ଶ୍ରୀମଦ୍ ଭାଗବତ କଥା ଆୟୋଜିତ ହେବାକୁ ଯାଉଛି । କଥା ବ୍ୟାସ ରୂପେ ଭାରତ ବର୍ଷର ଚର୍ଚ୍ଚିତ ଚେହେରା ଉତରପ୍ରଦେଶ ବୃନ୍ଦାବନ ସ୍ଥିତ ବାତ୍ସଲ୍ୟ ଗ୍ରାମ ପରମ ଶକ୍ତିପୀଠ ର ମୁଖ୍ୟ ଦିଦିମା ତଥା ଶ୍ରୀରାମ ମନ୍ଦିର ଆନ୍ଦୋଳନ ର ମୁଖ୍ୟ ନାୟିକା ପଦ୍ମ ଭୂଷଣ ସ୍ୱାଧୀ ଋତୁମ୍ଭରା ଜୀ ନିଜର ଓଜସ୍ୱିନୀ ଶବ୍ଦ ସଂଯୋଜନା ମାଧ୍ୟମରେ ଭାଗବତ କଥା ବାଚନ କରିବେ । ଏହି ପରିପ୍ରେକ୍ଷୀରେ ପୁରୀ ସର୍କିଟ ହାଉସ ଠାରେ ପୁରୀ ଲୋକସଭା ସାଂସଦ ଡଃ ସମ୍ବିତ ପାତ୍ର ଙ୍କ ଅଧକ୍ଷତା ରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଶକ୍ତିପୀଠ ର ସ୍ୱାଧୀ ଶିରୋମଣୀ ଜୀ, ରାଷ୍ଟ୍ରୀୟ ଉପାଧକ୍ଷ ଜୟ ଭଗବାନ ଅଗ୍ରୱାଲ, ଓଡିଶା ର ବରିଷ୍ଠ ବିଜେପି ନେତା ତଥା ସମାଜସେବୀ ଉମେଶ ଖଣ୍ଡେଲୱାଲ, ରାକେଶ ଦାସ, ପ୍ରଶାନ୍ତ ସାହୁ, ବେଲ୍ଲା ଗାନ୍ଧୀ, ଗଣମାଧ୍ୟମ ସଂଯୋଜକ ବରିଷ୍ଠ ସାମ୍ବାଦିକ ବିଷ୍ଣୁଦତ ଦାସ ଉପସ୍ଥିତ ରହି ଆଲୋଚନା ରେ ଅଂଶ ଗ୍ରହଣ କରିଥିଲେ । ଏହି ସପ୍ତ ଦିବସିୟ କାର୍ଯ୍ୟକ୍ରମ ରେ ଦେଶ ବିଦେଶ ରୁ ୧ ହଜାର ଶ୍ରଦ୍ଧାଳୁ ଙ୍କ ସମେତ ସାଧୁ, ସନ୍ଥ, ଜଗତଗୁରୁ, କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଓଡିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଓଡିଶାର ମନ୍ତ୍ରୀ ମଣ୍ଡଳ ସଦସ୍ୟ, ବିଭିନ୍ନ ରାଜ୍ୟର ସାଂସଦ ଶ୍ରଦ୍ଧାଳୁ ରୂପେ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି । ପୁରୀ ଧାମରେ ଏଭଳି କାର୍ଯ୍ୟକ୍ରମ ଆୟୋଜିତ ର ମୁଖ୍ୟ ଉଦେଶ୍ୟ ହେଉଛି ପୁରୀରେ ପଚାଶ ଏକର ଜମିରେ ବୃନ୍ଦାବନର ବାତ୍ସଲ୍ୟ ଗ୍ରାମ ଭଳି କନ୍ୟା ସନ୍ତାନ ବାଳିକା ମାନଙ୍କ ସାମରିକ ଶିକ୍ଷା ମହାବିଦ୍ୟାଳୟ ମାଧ୍ୟମରେ ପ୍ରଶିକ୍ଷିତ କରାଯାଇ ଦେଶର ସେନା ବାହିନୀରେ ନିୟୋଜିତ କରିବାର ଲକ୍ଷ ରଖାଯାଇଛି ବୋଲି ବୈଠକ ରେ ଆଲୋଚନା କରାଯାଇଥିଲା । ବୈଠକ ପରେ ପ୍ରତିନିଧି ମଣ୍ଡଳୀ ପୁରୀ ଏସପି ପ୍ରତୀକ ସିଂ ଙ୍କ ସହିତ ସୁରକ୍ଷା ପାଇଁ ଆଲୋଚନା କରିଥିଲେ ।

# ରେଞ୍ଜରଙ୍କୁ ଗିରଫ ଓ ବହିଷ୍କାର ଦାବିର ଧାରଣା ସ୍ଥଗିତ

ନୀଳଗିରି(ନପ୍ର): ନୀଳଗିରି କୁଲଡ଼ିହା ରେଞ୍ଜରଙ୍କର ଜୈନିକ ବନ କର୍ମଚାରୀଙ୍କୁ ରାସ୍ତା ମଝିରୁ ଉଠାଇ ଆଣି ତାଙ୍କ ସହିତ ଥିବା ଚଉଦ ଜଣ ସହଯୋଗୀଙ୍କୁ ନେଇ ବନକର୍ମଚାରୀ ପାତ୍ରଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ ଯାହା ଫଳରେ ଶ୍ରୀଯୁକ୍ତ ପାତ୍ର ପ୍ରଥମେ ବରହମପୁର ପରେ ଫକୀମୋହନ ମେଡିକାଲ କଲେଜ ହସ୍ପିଟାଲରେ ଚିକିତ୍ସିତ ହୋଇଥିଲେ । ଇଉର ସୁବ୍ରତ ବେହେରା ଓ ତାଙ୍କ ୧୪ ଜଣ ସହଯୋଗୀଙ୍କ ଆକ୍ରମଣରେ ତାଙ୍କ ହାତ ଭାଙ୍ଗି ଯାଇଛି । ଏଇଭଳି ଅମାନବୀୟ ଘଟଣାକୁ ଚାରିଗୋଟି ରାଜନୈତିକ ଦଳ ଇଔଡ, କଂଗ୍ରେସ, ସିପିଆଇ, ଉଚଗ ଦୃଢ଼ ନିନ୍ଦା କରିଛନ୍ତି । ଏହି ଘଟଣାଟି ଏକ ମାସ ଘଟିଯାଇ ଥିଲେ ମଧ ଏଯାବତ ମୁଖ୍ୟ ଆସାମୀ ସୁବ୍ରତ ବେହେରା ଓ ବରହମପୁର ଆଇଆଇସି




କୋହଳ ମନୋଭାବ ରଖି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନକରି ଥିବାରୁ ଆଗାମୀ ୬ ତାରିଖ ଏସପି ବାଲେଶ୍ୱର ଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେବାକୁ ପାତ୍ରଙ୍କ ସହଧର୍ମିଣୀ ନୋଟିସ କରିଥିବାରୁ ନୀଳଗିରିର ସମସ୍ତ ଚାରି ଗୋଟି ବିରୋଧୀ ଦଳ ସେମାନଙ୍କର ସହସ୍ରାଧିକ କର୍ମୀମାନଙ୍କୁ ନେଇ ଧାରଣାରେ ସାମିଲ ହେବା ପାଇଁ ବାଲେଶ୍ୱର ଏସପି ଙ୍କୁ ଲିଖିତ ଭାବେ ଜଣାଇଥିଲେ । ଏହି ଘଟଣାର ପୁଙ୍ଖାନୁପୁଙ୍ଖ ଜାଣିବା ପାଇଁ ବାଲେଶ୍ୱର ଆରକ୍ଷୀ ନୀଳଗିରି ଏସଡିପିଓଙ୍କ ଜରିଆରେ ୦୪/୦୫/୨୦୨୬ ଦିନ ୧୨ ଘଟିକା ସମୟକୁ ଆଲୋଚନା ରଖିଥିଲେ ଓ ତଦନୁଯାୟୀ ଚାରି ଗୋଟି ରାଜନୈତିକ ଦଳର ନୀଳଗିରିର ପ୍ରମୁଖ ନେତୃତ୍ୱ ବିଜେଡିର ପୂର୍ବତନ ବିଧାୟକ ସୁକାନ୍ତ ନାୟକ, ସିପିଆଇ ର ରାଜ୍ୟ କାର୍ଯ୍ୟକାରୀ କମିଟିର ସଭ୍ୟ ନିରଞ୍ଜନ ବାରିକ, କଂଗ୍ରେସର ରାଜ୍ୟ ସାଧାରଣ ସମ୍ପାଦକ ଯଶୋଦା ନନ୍ଦନ ସିଂ ସିପି ଏମ ର ଜିଲ୍ଲା କାର୍ଯ୍ୟକାରୀ କମିଟିର ସଦସ୍ୟ ବିଜୟ ପାତ୍ର, ନୀଳଗିରିର ପୂର୍ବତନ ବିଧାୟକ ଚିତରଞ୍ଜନ ଷଡ଼ଙ୍ଗୀ, ବିଜେଡିର ବାଲେଶ୍ୱର ଜିଲ୍ଲା ସଭାପତି ପୂର୍ବତନ ମନ୍ତ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ, ବାଲେଶ୍ୱରର ପୂର୍ବତନ ବିଧାୟକ ଅନୁପ ଦାସ, ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ଘଟଣା ସମ୍ପର୍କରେ ବାଲେଶ୍ୱର ଏସପି ଅବଗତ ହୋଇ ତଦନ୍ତର ଭାର ଅତିରିକ୍ତ ଏସପି ନିରଞ୍ଜନ ବାବୁଙ୍କୁ ଦାୟିତ୍ୱ ଦେଲାବେଳେ ଏସଡିପିଓ ନୀଳଗିରି ଙ୍କୁ ୨୪ ଘଂଟା ମଧ୍ୟରେ ମୁଖ୍ୟ ଆସାମୀଙ୍କୁ ଗିରଫ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ ଓ ସମସ୍ତ ବିରୋଧୀ ଦଳଙ୍କୁ ଦୃଢ଼ ପଦକ୍ଷେପ ନେବାର ଆଶ୍ୱାସନା ଦେଇଥିବାରୁ ଆଗାମୀ ମଇ ୬ ତାରିଖ ହେବାକୁ ଥିବା ଧାରଣାକୁ ସ୍ଥଗିତ ରଖାଗଲା ।

# ଧାମନଗରର ବିକାଶ ପାଇଁ ମନ୍ତ୍ରୀଙ୍କ ସମୀକ୍ଷା



ଧାମନଗର,(ନି.ପ୍ର.): ଧାମନଗର ବିଧାୟକ ତଥା ଉଚ୍ଚଶିକ୍ଷାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ସୋମବାର ଧାମନଗରରେ ନିଆରା ରୂପରେ ସାଧାରଣ ନାଗରିକ ଭାବେ ସକାଳୁ ସକାଳୁ ଧାମନଗର ଏନଏସି ଅଂଚଳରେ ପ୍ରାତଃ ଭ୍ରମଣ କରିବା ସହ ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପର କାର୍ଯ୍ୟ କୁ ନେଇ ସମୀକ୍ଷା କରିଛନ୍ତି । ବିକାଶମୂଳକ କାର୍ଯ୍ୟର ମାନ ଏବଂ ସମୟସୀମାକୁ ଗୁରୁତ୍ୱ ଦେଇ ମନ୍ତ୍ରୀ ବିଭାଗୀୟ ଅଧିକାରୀଙ୍କୁ କଡ଼ା ନିର୍ଦ୍ଦେଶ ଦେଇଛନ୍ତି ।

ମନ୍ତ୍ରୀ ପ୍ରଥମେ ଧାମନଗରରେ ନିର୍ମାଣାଧୀନ ଗୋଶାଳା ପରିଦର୍ଶନ କରିଥିଲେ । ଗୋ-ସମ୍ପଦର ସୁରକ୍ଷା ଓ ରକ୍ଷଣାବେକ୍ଷଣ ପାଇଁ ହେଉଥିବା ଏହି କାର୍ଯ୍ୟ କିଭଳି ତ୍ୱରାନ୍ୱିତ ହେବ, ସେ ନେଇ ସେ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ । ନବୀକରଣ ହେଉଥିବା ଐତିହାସିକ ଜଗୁ ସାଗର ପୋଖରୀ ନିକଟରେ ପହଂଚି ଆଗକୁ ବର୍ଷା ଋତୁ ଆସୁଥିବାରୁ, ବର୍ଷା ପୂର୍ବରୁ ପୋଖରୀର ସମସ୍ତ ମୁଖ୍ୟ କାର୍ଯ୍ୟ ଶେଷ କରିବାକୁ ସେ ନିର୍ଦ୍ଦେଶ ଦେଇଥିଲେ । ପ୍ରସ୍ତାବିତ ଦୈନିକ ମାର୍କେଟ କୋଠା ନିର୍ମାଣ ଓ ବ୍ଲକ ଛକରେ ଚାଲିଥିବା ମାଛ ମାର୍କେଟର ସ୍ଥାୟୀ ସମାଧାନ ପାଇଁ ସରକାରୀ ଯୋଜନାର ସେ ସମୀକ୍ଷା କରିଥିଲେ । ଆଦର୍ଶ ବିଦ୍ୟାଳୟ ପରିସର ବୁଲି ଦେଖିଥିଲେ । ସେଠାରେ ନିର୍ମିତ ଛାତ୍ରଛାତ୍ରୀ ନିବାସର କାର୍ଯ୍ୟ ଶେଷ ହୋଇଥିବାରୁ, ଏହାକୁ ତୁରନ୍ତ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ ହସ୍ତାନ୍ତର କରି କାର୍ଯ୍ୟକ୍ଷମ କରିବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି ।ସମୀକ୍ଷା ଶେଷରେ ମନ୍ତ୍ରୀ ଶ୍ରୀ ସୂରଜ ଏକ ନିଆରା ଢଙ୍ଗରେ ସ୍ଥାନୀୟ ଲୋକଙ୍କ ସହ ଯୋଡ଼ି ହୋଇଥିଲେ । ଏକ ସାଧାରଣ ଜଳଖିଆ ଦୋକାନରେ ବସି ସେ ସ୍ଥାନୀୟ କର୍ମୀ ଓ ଜନସାଧାରଣଙ୍କ ସହ ଜଳଖିଆ ଖାଇଥିଲେ । ସେଠାରେ ଉପସ୍ଥିତ ଲୋକଙ୍କ ସହ ଆଲୋଚନା କରି ସେମାନଙ୍କର ବିଭିନ୍ନ ସମସ୍ୟା ବୁଝିବା ସହ ତାହାର ସମାଧାନର ପ୍ରତିଶ୍ରୁତି ଦେଇଥିଲେ । ମନ୍ତ୍ରୀଙ୍କ ଏହି ସରଳ ଜୀବନଶୈଳୀ, ଗୁରୁଜନଙ୍କ ପ୍ରତି ସମ୍ମାନ ଏବଂ ସାଧାରଣ ମଣିଷ ଭାବେ ମିଳାମିଶା କରିବାର ପ୍ରକୃତି ସ୍ଥାନୀୟ ଅଂଚଳରେ ଚର୍ଚ୍ଚାର ବିଷୟ ପାଲଟିଛି ।

# ନାହିଁ ନାହିଁ ନାହିଁରେ ଚାଲିଛି ଦାସପୁର ପୋଷ୍ଟ ଅଫିସ

ବ୍ରହ୍ମପୁର(ନି.ପ୍ର.) : ପୋଷ୍ଟ ଅଫିସରୁ ଆସିଛି ଦୁର୍ନୀତି ଅଭିଯୋଗ ହଁ ଆଜ୍ଞା ଆପଣ ମଧ୍ୟ ଶୁଣିଲେ ତାଜୁବ ହୋଇଯିବେ । ଇଏ ହେଉଛି ରଙ୍ଗେଇଲୁଣ୍ଡା ବ୍ଲକ ଅନ୍ତର୍ଗତ ଦାସପୁର ପୋଷ୍ଟ ଅଫିସର ଦୃଶ୍ୟ । ଗାଁ ଲୋକ ଏବଂ ଆଖ ପାଖ ଲୋକଙ୍କ କହିବା ଅନୁସାରେ ପୋଷ୍ଟ ଅଫିସକୁ କେହି ମଧ୍ୟ ଆସୁନାହାନ୍ତି ଯାହା ଦ୍ୱାରା ସାଧାରଣ ଲୋକଙ୍କୁ ବହୁତ ଅସୁବିଧାର ସମ୍ମୁଖିନ ହେବାକୁ ପଡୁଛି । ଏଠାରେ ଗୋଟିଏ ପିଲା ପୋଷ୍ଟ ଅଫିସରେ ଚାକିରି ନ କରି ମଧ୍ୟ ପୋଷ୍ଟ ଅଫିସର ସମସ୍ତ କାର୍ଯ୍ୟ କରୁଥିବା ଦେଖିବାକୁ ମିଳିଛି । ପିଲାଟିର କହିବା ଅନୁଯାୟୀ ସେହି ପୋଷ୍ଟ ଅଫିସର ଜୈନିକ କର୍ମଚାରୀ ମାଡାମ୍ ସରିତା ମହାନ୍ତି କେବେ ମଧ୍ୟ ପୋଷ୍ଟ ଅଫିସକୁ ଆସୁନାହାନ୍ତି । ଏହି ପୋଷ୍ଟ ଅଫିସକୁ ଆସୁଥିବା ସମସ୍ତ ଚିଠି ଓ ଅନ୍ୟାନ୍ୟ କାଗଜ ପତ୍ର ଉକ୍ତ ପିଲାଟି ଘର ଘର ବୁଲି ଦେଉଥିବା ସେ କହିଥିଲେ ଏବଂ ସେ ହିଁ ସବୁ କାମ କରୁଥିବା ନିଜେ ସ୍ୱୀକାର କରିଛନ୍ତି । ଏହି ବାବଦକୁ ସେହି ପିଲାକୁ ମାଡାମ୍ ମହାନ୍ତି ମାସକୁ ୩୦୦୦ ଟଙ୍କା ଦେଉଥିବା ସେ କହିଥିଲେ । ମ୍ୟାଡମ ଯେହେତୁ ସେ ଜଣେ ମହିଳା ତେଣୁ କରି ସେ ଆସିପାରିବେ ନାହିଁ ବୋଲି ପିଲାଟିର କହିବା କଥା, ଏହିପରି ଯଦି ଚାଲେ ତାହାଲେ ଏହା ଠିକ୍ କି ଭୁଲ୍ ଏହାର ଉତର ବର୍ତମାନ କିଏ ଦେବ ?



# ଭୁବନେଶ୍ୱରରେ ଦର୍ଶକଙ୍କୁ ବିମୋହିତ କଲା ବାରିପଦାର ନାଟକ ‘ ଚିଠି ‘

ବାରିପଦା(ନି.ପ୍ର.) ଭୁବନେଶ୍ୱର ସ୍ଥିତ ଭଂଜକଳା ମଣ୍ଡପରେ ସଂଗୀତ ନାଟକ ଏକାଡେମୀ ଓ ଓଡିଶା ନାଟ୍ୟସଙ୍ଘ ଆନୁକୂଲ୍ୟରେ ଆୟୋଜିତ ନାଟ୍ୟଧାରାରେ ବାରିପଦାର ଓମ ନାଟ୍ୟସଂସ୍ଥା ପ୍ରଯୋଜିତ ନାଟକ ‘ ଚିଠି ‘ ମଂଚସ୍ଥ ହୋଇଯାଇଛି ଓ ପ୍ରଦୀପ ଭୋଳଙ୍କ ରଚିତ ତଥା ବିଶିଷ୍ଟ ଅଭିନେତା ନିର୍ଦ୍ଦେଶକ ଧୀର ବସାଙ୍କ ନିର୍ଦ୍ଦେଶିତ ନାଟକଟିରେ ଧୀର ବସା, ଅସିତ ଗିରି, ଉପାସନା ଦାସ, ଜ୍ଞାନ ପଣ୍ଡା, ସୁଜୟ ମହାନ୍ତି, ଓ ଆଦ୍ୟାଶା ଅଭିନୟ କରିଥିବା ବେଳେ ସହ ନିର୍ଦ୍ଦେଶନାରେ ଜ୍ଞାନ ପଣ୍ଡା, ସଂଗୀତରେ ଶକ୍ତି ପ୍ରସାଦ ମିଶ୍ର ଓ ଆଲୋକରେ ଶ୍ରୀକାନ୍ତ ଚୌଧୁରୀ ସହଯୋଗ କରିଥିଲେ ଓ ସ୍ୱାଧୀନତା ସଂଗ୍ରାମୀ ଚନ୍ଦ୍ରମଣୀ ପ୍ରଧାନଙ୍କ ସହ ମହାତ୍ମା ଗାନ୍ଧୀଙ୍କ ନିବିଡ଼ ସମ୍ପର୍କ ଥିଲା ଓ ଗାନ୍ଧିଜୀଙ୍କ ସହ ତାଙ୍କର ଅନେକ ଚିଠି ଦିଆନିଆ ଚାଲୁଥିଲା ଓ ଇତି ମଧ୍ୟରେ ତାଙ୍କ ନାତୁଣୀକୁ ଭଲପାଉଥିବା ଅଧ୍ୟାପକ ଗବେଷଣା କରୁଥିବା ବେଳେ ଜାଣିବାକୁ ପାଇଥିଲେ ମହାତ୍ମା ଗାନ୍ଧୀଙ୍କ ଚିଠି ସାଉଥ ଆଫ୍ରିକାରେ ଗୋଟିକୁ ୪ କୋଟି ଟଙ୍କାରେ ବିକ୍ରି ହେଉଛି ଓ ଅଧ୍ୟାପକ ତଥା ପୁଆବୋହୂ ମିଶି ଚିଠି ଗୁଡିକୁ ହାତେଇବା ପାଇଁ ଚେଷ୍ଟା କରନ୍ତି ଓ ନାତୁଣୀଠାରୁ ଏକଥା ଜାଣି ସେ ଜୀବନ ଯାଉପଛେ ବିକ୍ରି କରିବାକୁ ନଦେବା ପାଇଁ ଚିଠି ସବୁ ଗିଳିଦେଇ ମୃତ୍ୟବରଣ କରନ୍ତି ଓ ଏମିତି ଏକ ଘଟଣାବଳୀ ଉପରେ ଆଧାରିତ ନାଟକରେ ଅଭିନେତା ମାନଙ୍କ ଜୀବନ୍ତ ଅଭିନୟ ଦର୍ଶକଙ୍କୁ ବିମୋହିତ କରିଥିଲା ।

# କଳିଙ୍ଗ ସାହିତ୍ୟ ସମାଜର ମାସିକ କାବ୍ୟଚର୍ଚ୍ଚା ଓ କବିତା ଆବୃତି ଆସର



ବ୍ରହ୍ମପୁର(ନି.ପ୍ର.) : ଦକ୍ଷିଣାଂଚଳର ସର୍ବପୁରାତନ ସାହିତ୍ୟାନୁଷ୍ଠାନ 'କଳିଙ୍ଗ ସାହିତ୍ୟ ସମାଜର ମେ' ମାସ କାବ୍ୟଚର୍ଚ୍ଚା ଓ କବିତା ଆବୃତି ଆସର ଆଜି ସନ୍ଧ୍ୟାରେ ଐତିହାସିକ ଉତ୍କଳ ଆଶ୍ରମ ଜାତୀୟ ଭବନ ପରିସରରେ ଅନୁଷ୍ଠିତ ହୋଇଯାଇଛି କ୍ଷ ପ୍ରାରମ୍ଭରେ ରାଷ୍ଟ୍ରଦେବତା ଶ୍ରୀଜଗନ୍ନାଥଙ୍କ ବିଗ୍ରହ ସମ୍ମୁଖରେ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା । ସାହିତ୍ୟ ସମାଜର ଉପ-ସଭାପତି ଡ. ବନମାଳୀ ପାଣିଗ୍ରାହୀ ଏହି ମାସିକ ଆସରରେ ପୌରୋହିତ୍ୟ କରିବା ସଂଗେ ସଂଗେ ଆସର ଆୟୋଜନର ଆଭିମୁଖ୍ୟ ସଂପର୍କରେ ଆଲୋକପାତ କରିଥିଲେ କ୍ଷ ଉକ୍ତ ଆସରରେ ଖ୍ୟାତିସଂପନ୍ନ କବି ମନୋରଞ୍ଜନ ପାଣିଗ୍ରାହୀ ଓ ସଂଭାବନାଦୀପ୍ତ କବି ଅନୁପ କୁମାର ମିଶ୍ର ସମ୍ମାନିତ ଅତିଥି ରୂପେ ଯୋଗଦେଇ କବିତା ସର୍ଜନାର ଉପକ୍ରମ, କାବ୍ୟିକ ଉତରଣ ଓ ଭାଷିକ ପ୍ରକରଣ ସଂପର୍କରେ ତତ୍ୱନିଷ୍ଠ ବକ୍ତବ୍ୟ ପ୍ରଦାନ କରିଥିଲେ କ୍ଷ ସାହିତ୍ୟ ସମାଜର ସଭାପତି ଡ. ସିଦ୍ଧାର୍ଥ ଶଙ୍କର ପାଢ଼ୀଙ୍କ ମାର୍ଗଦର୍ଶନ ଓ ଡ. ରମେଶ ଚନ୍ଦ୍ର ପ୍ରଧାନଙ୍କ ସହଯୋଗିତାରେ ଆୟୋଜିତ ଏହି ମାସିକ ଆସରର ସଂଚାଳନା କରିଥିଲେ ସଂଗଠନ ସଂପାଦକ ଦିନବନ୍ଧୁ ଶ୍ରୀପଲ୍ଲ କ୍ଷ ଉକ୍ତ ମାସିକ ଆସରରେ ଡ. ପ୍ରଫୁଲ୍ଲ ଚନ୍ଦ୍ର ମହାନ୍ତି (ହାରିତସ୍), ଡ. ସୂଚନା ପାଢ଼ୀ, ଡ. ସୁଜିତ୍ କୁମାର ପଣ୍ଡା, ଡ. କୁଳମଣି ଓଝା, ସୁଚେତା ପାଣିଗ୍ରାହୀ, ପଦ୍ମିନୀ ମିଶ୍ର, ଜ୍ୟୋତ୍ସ୍ନାରାଣୀ ଦେବୀ, ଚନ୍ଦ୍ରଶେଖର ମହାପାତ୍ର, ନଳିନୀକାନ୍ତ ଗୌଡ଼, ବିରୂପାକ୍ଷ ଦାଶ, ହୃଷୀକେଶ ବେହେରା ପ୍ରମୁଖ ସ୍ୱରଚିତ କବିତା ଆବୃତି କରିଥିଲେ କ୍ଷ ଶେଷରେ କାର୍ଯ୍ୟକାରୀ ସମିତିର ବରିଷ୍ଠ ସଦସ୍ୟ ଡ. କୁଳମଣି ଓଝା ଧନ୍ୟବାଦ ଅର୍ପଣ କରିଥିଲେ ।

# ବାରିପଦାରେ ଯୁଗ୍ମ ଜନ ଶୁଣାଣୀ ଅନୁଷ୍ଠିତ



ବାରିପଦା (ନି.ପ୍ର.) ମୟୂରଭଞ୍ଜ ଜ୍ଲିଲ୍ଲା ସଦର ମହକୁମା ବାରିପଦା ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁସାରେ ଜିଲ୍ଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲ୍ଲାପାଳ ନେତ୍ରାନନ୍ଦ ମଲ୍ଲିକ ଏବଂ ଈଶ୍ୱର ଚନ୍ଦ୍ର ନାଏକ ଅଧକ୍ଷତାରେ ଜିଲ୍ଲା କାର୍ଯ୍ୟାଳୟ ସ୍ଥିତ ସମ୍ମିଳନୀ କକ୍ଷରେ ଏକ ଯୁଗ୍ମ ଜନଶୁଣାଣୀ ଶିବିର ଅନୁଷ୍ଠିତ ହୋଇଯାଇଛି ।ଉକ୍ତ ଜନଶୁଣାଣୀ ଶିବିରରେ ଅତିରିକ୍ତ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଦୀପକ ଗୋଛାୟତ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଧର୍ମାନନ୍ଦ ବେହେରା, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର କିଶୋର କୁମାର ଆଚାର୍ଯ୍ୟ ପ୍ରମୁଖ ଉପସ୍ଥିତ ରହି ଜନସାଧାରଣଙ୍କର ଆପତି ଅଭିଯୋଗର ଶୁଣାଣି କରିଥିଲେ ।ଆଜିର ଶୁଣାଣିରେ ବାରିପଦା ଉପଖଣ୍ଡର ସର୍ବମୋଟ ୧୬୯ ଗୋଟି ଅଭିଯୋଗର ଶୁଣାଣି କରାଯାଇଛି.ଏଥିରେ ୧୪୭ଗୋଟି ବ୍ୟକ୍ତିଗତ ସମସ୍ୟା ଆଧାରିତ ଥିବାବେଳେ ୨୨ ଗୋଟି ସାମୂହିକ ସମସ୍ୟା ସମ୍ବଳିତ ଅଭିଯୋଗ ହୋଇଛି. ତନ୍ମଧ୍ୟରୁ ଗୋଟିଏ ଅଭିଯୋଗର ସମାଧାନ ତତକ୍ଷଣାତ କରାଯାଇଛି. ଆଜିର ଜନ ଅଭିଯୋଗ ଶୁଣାଣିରେ ଗ୍ରହଣ ହୋଇଥିବା ବିଭିନ୍ନ ବିଭାଗ ସମ୍ପର୍କିତ ଅନ୍ୟାନ୍ୟ ଅଭିଯୋଗ ଗୁଡିକ ଉପରେ ଅନୁଧାନ ପୂର୍ବକ ବିଚାର କରି ସେଗୁଡ଼ିକର ତ୍ୱରିତ ସମାଧାନ ନିମନ୍ତେ ସମ୍ପୃକ୍ତ ବିଭାଗୀୟ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ଉକ୍ତ ଜନ ଅଭିଯୋଗ ଶୁଣାଣି ଶିବିରରେ ବିଭିନ୍ନ ବିଭାଗର ଜିଲ୍ଲା ସ୍ତରୀୟ ଅଧିକାରୀଙ୍କ ସମେତ ବାରିପଦା ଉପଖଣ୍ଡର ଉପଖଣ୍ଡ ଓ ବ୍ଲକ ସ୍ତରୀୟ ବିଭିନ୍ନ ବିଭାଗୀୟ ଅଧିକାରୀ ମାନେ ଉପସ୍ଥିତ ରହି ଅଭିଯୋଗ ଶୁଣାଣି କାର୍ଯ୍ୟରେ ସହଯୋଗ କରିଥିଲେ. ଉପରୋକ୍ତ ସମସ୍ତ କାର୍ଯ୍ୟକ୍ରମ ପରିଚାଳନାରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର କର୍ମଚାରୀ ମାନେ ସକ୍ରିୟ ଭାବେ ଅଂଶଗ୍ରହଣ କରିଥିଲେ ।

# ବଲାଙ୍ଗିର ଜିଲ୍ଲା ବରିଷ୍ଠ ନାଗରିକ ମଂଚର କାର୍ଯ୍ୟକାରିଣୀ ବୈଠକ

ବଲାଙ୍ଗିର,(ହି.ସ.)- ବଲାଙ୍ଗିର ଜିଲ୍ଲା ବରିଷ୍ଠ ନାଗରିକ ମଂଚର କାର୍ଯ୍ୟକାରିଣୀ ବୈଠକ ସ୍ଥାନୀୟ ଜେଏସ୍ଏମ୍ କଲେଜ ପରିସରରେ ମଂଚର ସଭାପତି ପ୍ରଭାକର ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟ ଉପଦେଷ୍ଟା ନାରାୟଣ ପାଢୀଙ୍କ ସ୍ୱାଗତ ଭାଷଣ ପରେ ସଭାପତି ସଭା କାର୍ଯ୍ୟ ପରିଚାଳନା କରିଥିଲେ । ସଂପାଦକ କପିଳେଶ୍ୱର ଖମାରୀ ସଂପାଦକୀୟ ଅଭିଭାଷଣ ଦେବା ସହ ପୂର୍ବ ବୈଠକର ଆଲୋଚନା ସଂପର୍କରେ ସୂଚାଇଥିଲେ ଏବଂ ଇତିମଧ୍ୟରେ କରାଯାଇଥିବା କାର୍ଯ୍ୟକ୍ରମ ଓ ଆଗାମୀ କାର୍ଯ୍ୟପନ୍ଥା ସଂପର୍କରେ ସମ୍ୟକ ବିବରଣୀ ପ୍ରଦାନ କରିଥିଲେ । ଆଗାମୀ ୨୬.୦୬.୨୦୨୬ ତାରିଖ ଦିନ ହେବାକୁ ଥିବା ବଲାଙ୍ଗିର ଜିଲ୍ଲା ବରିଷ୍ଠ ନାଗରିକ ମଂଚର ପ୍ରତିଷ୍ଠା ଦିବସ ଉପରେ ଆଲୋଚନା ହୋଇଥିଲା । ଏତଦ୍ ବ୍ୟତିତ ଅନ୍ୟାନ୍ୟ ଆଲୋଚନା ସହ ସେମିନାର, ପଂଚକର୍ମ, ସଭ୍ୟ ସଂଗ୍ରହ, ଓଡିଶା ତଥା ଓଡିଶା ବାହାରକୁ ଭ୍ରମଣ କରିବା, ସ୍ମରଣୀକା ଉନ୍ମୋଚନ ତଥା ଏହି ମଂଚର ନବିକରଣ କରିବା ସଂପର୍କରେ ବିଷଦ ଭାବରେ ଆଲୋଚନା କରାଯାଇଥିଲା । ଉକ୍ତ ଆଲୋଚନାମାନଙ୍କରେ ଉପଦେଷ୍ଟା ପଦ୍ମଚରଣ ଆଚାର୍ଯ୍ୟ, ଦୁର୍ଗା ପ୍ରସାଦ ହେତା, ସଭ୍ୟ ଶିବ ନାରାୟଣ ରଥ, ପୂର୍ଣ୍ଣଚନ୍ଦ୍ର ମେହେର, ପ୍ରମୋଦ କୁମାର ଗୁରୁ, ନବୀନ କୁମାର ନନ୍ଦ ଅଂଶଗ୍ରହଣ କରି ନିଜ ନିଜର ମତ ରଖିଥିଲେ । କୋଷାଧ୍ୟକ୍ଷ ଚୁଡେନ୍ଦ୍ର କୁମାର ବେହେରା ଆୟ ବ୍ୟୟ, ଅର୍ଥ ସଂଗ୍ରହ ତଥା ଅଡିଟ ସଂପର୍କରେ ତଥ୍ୟ ଉପସ୍ଥାପନା କରିଥିଲେ । ସଂଗଠନ ସଂପାଦକ ବିନୟ କୁମାର ମିଶ୍ରଙ୍କ ନେତୃତ୍ୱରେ କୃଷ୍ଣଚନ୍ଦ୍ର ନାଥ, ସୁରେନ୍ଦ୍ର ନେଗୀ, ଦୟାସାଗର ପଟେଲ ପ୍ରମୁଖ ଏହି ବୈଠକର ଆୟୋଜିତ ସମସ୍ତ କାର୍ଯ୍ୟକ୍ରମକୁ ସଫଳ କରାଇଥିଲେ । ଏହି ମଂଚର ଉପସଭାପତି ଇଂ. ହରେକୃଷ୍ଣ ମେହେର ଏବଂ ଅଶୋକ କୁମାର ଚାନ୍ଦ ମଧ୍ୟ ମଂଚାସିନ ଥିଲେ । ପରିଶେଷରେ ସହ ସଂପାଦକ ସୁନିଲ ଚନ୍ଦ୍ର ବିଶ୍ୱାଳ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କଲା ପରେ ସଭାପତି ସଭା କାର୍ଯ୍ୟ ସାଂଗ କରିଥିଲେ ।

# ଜିଲ୍ଲାସ୍ତରୀୟ ମିଳିତ ଅଭିଯୋଗ ଶୁଣାଣି ଶିବିର

ଜୟପୁର, (ହି.ସ.)- ଜୟପୁର ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସମ୍ମିଳନୀ କକ୍ଷଠାରେ ଆଜି କୋରାପୁଟ ଜିଲ୍ଲାସ୍ତରୀୟ ମିଳିତ ଅଭିଯୋଗ ଶୁଣାଣି ଶିବିର ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏହି ଶୁଣାଣିରେ ମୋଟ ୬୭ ଗୋଟି ଅଭିଯୋଗ ଗ୍ରହଣ କରାଯାଇଥିଲା, ତନ୍ମଧ୍ୟରୁ ୧୧ଟି ଗୋଷ୍ଠୀଗତ ଓ ୫୬ ଗୋଟି ବ୍ୟକ୍ତିଗତ ସମସ୍ୟା ସମ୍ମିଳିତ ଥିଲା । ଆର୍ଥିକ ସହାୟତା, ଘର ପଟ୍ଟା, ଜମି ବିବାଦ, ପାନୀୟ ଜଳ, ସ୍ୱାସ୍ଥ୍ୟ ସମସ୍ୟା, ରାସ୍ତା ଓ ଯାତାୟାତ, ବିଦ୍ୟୁତ ସରବରାହ ଏବଂ ଅନ୍ୟାନ୍ୟ ବିଭିନ୍ନ ସମସ୍ୟା ଉପରେ ଅଭିଯୋଗ ଆସିଥିଲା ।

୧୩ ବର୍ଷ ଧରି ବକେୟା ଆରଏସିପି ଅର୍ଥ ପାଇନାହାନ୍ତି । ମଞ୍ଜୁର ହୋଇଥିଲେ ସୁଦ୍ଧା ଆଜି ଯାଏଁ ପ୍ରଦାନ କରାଯାଇ ନାହିଁ । ଆରଏସିପି ବକେୟା ପ୍ରାପ୍ତ ଥିବା ହିତାଧିକାରୀଙ୍କ ମଧ୍ୟରୁ ୨୧ ଜଣ ଶିକ୍ଷକଙ୍କ ମୃତ୍ୟୁ ବରଣ କରିଥିବା ବେଳେ ଦୁଇ ଶହେରୁ ଊର୍ଦ୍ଧ୍ୱ ଅବସର ହେଲେଣି, କେତେକ ରୋଗାକ୍ରାନ୍ତ ହେଲେଣି ତଥାପି କୌଣସି ପଦକ୍ଷେପ ନେଲାନାହିଁ ପ୍ରଶାସନ । କୋରାପୁଟ ଜିଲ୍ଲା ଜୟପୁର ବ୍ଲକର ଶିକ୍ଷକମାନେ ଗଭୀର ଅସନ୍ତୋଷ ପ୍ରକାଶ କରିଛନ୍ତି । ତା. ୦୧.୦୧.୨୦୧୩ ରୁ ମଞ୍ଜୁର ହୋଇଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ବକେୟା ଅର୍ଥ ରାଶି ପାଇ ନପାରି ସେମାନେ ଚରମ ହତାଶାରେ ଅଛନ୍ତି । ଶିକ୍ଷକମାନେ ଜଣାଇଛନ୍ତି ଯେ ୨୦୨୩ ମସିହାରୁ ବାରମ୍ବାର ଗୋଷ୍ଠୀ ଶିକ୍ଷା ଅଧିକାରୀ, ଜୟପୁରଙ୍କୁ ଆବେଦନ କରି ଆସୁଥିଲେ ମଧ୍ୟ ଏପର୍ଯ୍ୟନ୍ତ କୌଣସି ସୁଫଳ ମିଳିନାହିଁ । ଏହି ଦୀର୍ଘ ୧୩ ବର୍ଷର ବିଳମ୍ବ ଯୋଗୁଁ ହିତାଧିକାରୀଙ୍କ ମଧ୍ୟରୁ ୨୧ ଜଣ ଶିକ୍ଷକ ଇହଲୀଳା ସମ୍ବରଣ କରିସାରିଛନ୍ତି । ସମଗ୍ର ଓଡ଼ିଶାରେ ପାଇସାରିଛନ୍ତି, କେବଳ ଜୟପୁର ବ୍ଲକ ବଂଚିତ ଶିକ୍ଷକମାନଙ୍କ ଅଭିଯୋଗ ଅନୁଯାୟୀ, ସମଗ୍ର ଓଡ଼ିଶାର ସମସ୍ତ ଜିଲ୍ଲା ଓ ସମସ୍ତ ବ୍ଲକର ଶିକ୍ଷକମାନେ ଆରଏସିପି ବକେୟା ପାଇସାରିଥିବା ବେଳେ କେବଳ ଜୟପୁର ବ୍ଲକର ୩୫୦ରୁ ଅଧିକ ଶିକ୍ଷକ ଏହି ସୁବିଧାରୁ ସମ୍ପୂର୍ଣ୍ଣ ବଂଚିତ ରହିଛନ୍ତି । ଏହା ଏକ ଗମ୍ଭୀର ବିଷମତା ବୋଲି ସେମାନେ କହିଛନ୍ତି । ଏନେଇ ଜିଲ୍ଲାପାଳ ପଦକ୍ଷେପ ନେବେ ବୋଲି ପ୍ରତିଶୃତି ଦେଇଛନ୍ତି ।

ସେହିପରି ଜୟପୁର ବ୍ଲକ କଙ୍ଗା ଗ୍ରାମର ୬ ଜଣ ଚାଷିଙ୍କୁ କେନାଲରୁ ଜଳ ଯୋଗାଇ ଦେବାକୁ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି । ଓଡିଶା ରାଜ୍ୟ ଏକ୍ରୋ ଇଣ୍ଡଷ୍ଟ୍ରିଜ କରପରେସନ ଜରିଆରେ ଏକ ସୌରଚାଳିତ ଲିଫ୍ଟ ଇରିଗେସନ ପଏଂଟ କରିବା ପାଇଁ ଅନୁମତି ପାଇଅଛି । ଏଣୁ ମୁଖ୍ୟ କେନାଲ କଙ୍ଗା ଠାରୁ ପାଣି ଉଠାଇବା ପାଇଁ ଅନୁମତି ଦେଲେ ୬ ଜଣ ଚାଷି ଉପକୃତ ହେବେ ବୋଲି ଦାବିପତ୍ରରେ ଉଲ୍ଲେଖ କରାଯାଇଛି । ସେହିପରି କୋଟପାଡ଼ ତହସିଲ ଅନ୍ତର୍ଗତ ବତାସନା ଗ୍ରାମପଂଚାୟତର ସରକାରୀ ଜମି ଜବରଦଖଲକାରୀଙ୍କୁ ହଟେଇ ଜମିହୀନଙ୍କ ମଧ୍ୟରେ ବଂଟନ କରିବା ସହ କେତେକ ମୁଖ୍ୟ ଦାବିର ସମାଧାନ ନିମନ୍ତେ ଦାବି କରାଯାଇଛି । ଭାରତୀୟ କମ୍ୟୁନିଷ୍ଟ ପାର୍ଟିର କୋଟପାଡ଼ ଜୋନ୍ ଓ ଜିଲ୍ଲା ପରିଷଦ ପକ୍ଷରୁ ଦାବି କରାଯାଇଛି ଯେ, ବତାସନା ପଂଚାୟତ ଅଂଚଳରେ ଦୀର୍ଘ ବର୍ଷ ତଳେ ବୁଡ଼ି ଅଂଚଳର ପରିବାର ବର୍ଗଙ୍କୁ ଥଇଥାନ କରିବା ପାଇଁ ବାସଗୃହ ଓ ଚାଷ ଜମି ସରକାରଙ୍କ ତରଫରୁ ଯୋଗାଇ ଦିଆଯାଇଥିଲା । ଥଇଥାନ ଯୋଜନାରେ ଅନ୍ତର୍ଭୁକ୍ତ ଓ ଲାଭାର୍ଥୀମାନେ ସରକାର ଯୋଗାଇଥିବା ଜମିକୁ ଭୋଗ ଦଖଲ କରିବା ସହ ବତାସନା ପଂଚାୟତର ବିସ୍ତୀର୍ଣ୍ଣ ସରକାରୀ ଜମିକୁ ମଧ୍ୟ ଜବରଦଖଲ କରି ଚାଲିଛନ୍ତି । ବତାସନା ପଂଚାୟତରେ ଅନେକ ଗରୀବ ଆଦିବାସୀ, ହରିଜନ ଓ ପଛୁଆ ବର୍ଗର ଲୋକ ବସବାସ କରି ଆସୁଛନ୍ତି ଯେଉଁମାନେ କି ସେଠାକାର ମୂଳ ଅଧିବାସୀ । ଅଥଚ ଅନେକ ପରିବାରଙ୍କ ପାଖରେ ଜମି ନାହିଁ କି ଘର ପଟ୍ଟା ମଧ୍ୟ ନାହିଁ ।

ଆମ୍ଭେ ବତାସନା ମୌଜାର ଅଧିବାସୀମାନେ ଅନେକ ବାର କୋଟପାଡ଼ ତହସିଲଦାରଙ୍କୁ ଏ ବିଷୟରେ ଜଣାଇଛୁ । ଅଂଚଳର ସର୍ଭେ କରି ସରକାରୀ ଜମି ଜବରଦଖଲକାରୀଙ୍କୁ ଉଚ୍ଛେଦ କରିବା ଓ ଜମି ହୀନଙ୍କୁ ବଂଟନ କରିବା ପାଇଁ । କିନ୍ତୁ ଆଜି ପର୍ଯ୍ୟନ୍ତ କୌଣସି ଫଳପ୍ରଦ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଗଲା ନାହିଁ । ବାରମ୍ବାର ପ୍ରଶାସନିକ ଅଧିକାରୀଙ୍କୁ ଜଣାଇଲେ ମଧ୍ୟ କିଛି ସୁଫଳ ମିଳୁନାହିଁ । ପୁନର୍ବାର ଆମ୍ଭେ ଆପଣଙ୍କ ପାଖରେ ବିନମ୍ର ନିବେଦନ କରୁଛୁ ଯେ, ସମୁଦାୟ ବିଷୟକୁ ବିଚାରକୁ ନେଇ ବତାସନା ମୌଜାରେ ସରକାରୀ ସର୍ଭେ କରାଯାଉ । ବେଆଇନ ଭାବେ ଜବରଦଖଲ କରିଥିବା ଜମିକୁ ଉଦ୍ଧାର କରି ସେଠାକାର ମୂଳ ଅଧିବାସୀ ଜମିହୀନ ମାନଙ୍କୁ ଦିଆଯାଉ ।

ଏଥିସହ ଆମର ଦାବି ହେଉଛି ଯେ, ବତାସନା ପଂଚାୟତର କସମଗୁଡା ଗ୍ରାମକୁ ସ୍ୱତନ୍ତ୍ର ଭାବେ ରେଭେନ୍ୟୁ ଗ୍ରାମର ମାନ୍ୟତା ଦେବା ସହ ନୂତନ ଆର୍ ଆଇ ସର୍କଲ ପ୍ରତିଷ୍ଠା କରାଯାଉ । ସରଗିଗୁଡା ଛକ ଠାରୁ ବତାସନା ଗ୍ରାମପଂଚାୟତକୁ ପକ୍କା ରାସ୍ତା ନିର୍ମାଣ କରିବାର ବ୍ୟବସ୍ଥା କରାଯାଉ । ଚାଷୀମାନଙ୍କ ଠାରୁ ଧାନ ସଂଗ୍ରହ ପାଇଁ ପର୍ଯ୍ୟାପ୍ତ ବ୍ୟବସ୍ଥା କରିବା ସହ କଟନୀ ଛଟନୀ ବନ୍ଦ କରିବାକୁ ଦୃଢ଼ ପଦକ୍ଷେପ ନିଆଯାଉ । ଉପରୋକ୍ତ ଦାବି ଗୁଡିକର ଆଶୁ ସମାଧାନ ନିମନ୍ତେ ଆମ୍ଭେ ବତାସନା ଗ୍ରାମ ନିବାସୀ ଆପଣଙ୍କ ପାଖରେ ବିନମ୍ର ନିବେଦନ କରୁଛୁ । ଜିଲ୍ଲାପାଳ ଶ୍ରୀ ମହାଜନ ସମସ୍ତ ଅଭିଯୋଗକୁ ଗୁରୁତ୍ୱର ସହିତ ଶୁଣି ସମ୍ବନ୍ଧିତ ବିଭାଗକୁ ଶୀଘ୍ର ପଦକ୍ଷେପ ନେବାପାଇଁ ନିର୍ଦ୍ଦେଶ ଦେଇଥିଲେ ।

ଏହି ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମରେ କୋରାପୁଟ ଏସପି ରୋହିତ ବର୍ମା, କାର୍ଯ୍ୟନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ, କୋରାପୁଟ ବେଣୁଧର ସବର, ଉପଜିଲ୍ଲାପାଳ ଜୟପୁର ଯଦୁମଣି ନାଏକ, ଏସଡିପିଓ ଅର୍ଚିତା ମିତଲ ଓ ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ କୋରାପୁଟ ଡ. ରବୀନ୍ଦ୍ର ନାଥ ପ୍ରମୁଖ ଉପସ୍ଥିତ ଥିଲେ । ଏହା ସହିତ ସମନ୍ୱିତ ଆଦିବାସୀ ଉନ୍ନୟନ ପ୍ରକଳ୍ପ ଅଧିକାରୀ ଶ୍ରୀମତୀ ତୃପ୍ତି ବୋରେଇ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶକ୍ତି ମହାପାତ୍ର, ତହସିଲଦାର ସବ୍ୟସାଚୀ ଜେନା, ଜିଲ୍ଲା ଶିକ୍ଷାଧିକାରୀ କୋରାପୁଟ ପ୍ରଶାନ୍ତ କୁମାର ମହାନ୍ତି, ଗୋଷ୍ଠୀ ଶିକ୍ଷାଧିକାରୀ ଜୟପୁର ଚନ୍ଦନ ନାୟକ, ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ସଂଗୀତା ରାଣୀ ପାଣି, ରାସ୍ତା ଓ ଗୃହ ନିର୍ମାଣ ବିଭାଗ ନିର୍ବାହୀ ଅଧିକାରୀ ଜୟପୁର ପ୍ରିୟରଞ୍ଜନ ବେହେରା, ଏସଡିପି ଆରଓ ଯଶୋଦା ଗାଦବା ସହ ଜିଲ୍ଲା ସ୍ତରୀୟ ଅଧିକାରୀମାନେ ଉପସ୍ଥିତ ରହିଥିଲେ ।

# କୁଡୁମାଲୀ କଲଚୁରାଲ ଏସୋସିଏସନ ତରଫରୁ ମେଟ୍ରିକ ଟପ୍ପର ଛାତ୍ରଙ୍କୁ ସମ୍ବର୍ଦ୍ଧନା



ବାରିପଦା (ନି.ପ୍ର.) ଚଳିତ ବର୍ଷ ଦଶମ ଶ୍ରେଣୀ ବୋର୍ଡ ପରୀକ୍ଷାରେ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ବାରିପଦାର ଛାତ୍ର ପାର୍ଥସାରଥି ମହାନ୍ତ ୫୮୮ ନମ୍ବର ରଖି ଓଡିଶାରେ ଟପ୍ପର ହେବାର ସୌଭାଗ୍ୟ ପାଇ ଥିବାରୁ କୁଡୁମାଲୀ କଲଚୁରାଲ ଏସୋସିଏସନ ତରଫରୁ ତାଙ୍କ ବାରିପଦା ସ୍ଥିତ ମଧୁବନ ବାସଭବନ ଠାରେ ସମ୍ବର୍ଦ୍ଧନା ପ୍ରଦାନକରାଯାଇଛି. ଏସୋସିଏସନର ସଭାପତି ଡ. ଭକ୍ତହରି ମହାନ୍ତଙ୍କ ପୌରୋହିତ୍ୟରେ ।ସାଧାରଣ ସମ୍ପାଦକ ଚିତରଞ୍ଜନ ମହାନ୍ତଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ତାଙ୍କୁ ମାନପତ୍ର ସହ ପାଂଚ ହଜାର ଟଙ୍କା ଆର୍ଥିକ ପୁରସ୍କାର ପ୍ରଦାନ କରାଯାଇଛି. ତାଙ୍କ ବାପାଜଣେ ପାଇପ ମିସ୍ତ୍ରୀ ଓ ମାଆ ଜଣେ ଆଶାକର୍ମୀ ହୋଇ ମଧ୍ୟ ସାରା ଓଡିଶାରେ ଟପ୍ପର ହୋଇ ଜଣେ ମେଧାବୀ ଛାତ୍ରଭାବେ ପରିଚୟ ସୃଷ୍ଟି କରିପାରିଛନ୍ତି. ଜଣେ ମେଧାବୀ ଛାତ୍ର ଭାବେ ସେ ଏନ.ଆର.ଟି.ଏସ.-୨୦୨୫ ରେ ଜିଲ୍ଲାରେ ପ୍ରଥମ, ପଠାଣୀ ସାମନ୍ତ ଗଣିତ ମେଧାବୃତି ପ୍ରତିଯୋଗିତାରେ ଜିଲ୍ଲାରେ ପ୍ରଥମ, ପ୍ରାଦେଶିକ ମେଧା ପରୀକ୍ଷା ୨୦୨୫ ରେ ଓଡିଶାରେ ପ୍ରଥମ, ଭାରତୀକୃଷ୍ଣ ଗଣିତ ପରୀକ୍ଷା ୨୦୨୫ରେ ଓଡିଶାରେ ପ୍ରଥମ ହେବା ସହିତ ଅନେକ ଜିଲ୍ଲା ଓ ରାଜ୍ୟସ୍ତରୀୟ ପୁରୁସ୍କାର ପାଇଛନ୍ତି. ଏହି କାର୍ଯ୍ୟକ୍ରମରେ ଶିକ୍ଷାବିତ ଗଣେଶ୍ୱର ମହାନ୍ତ, ଇଂ ଯୁଧିଷ୍ଠିର ମହାନ୍ତ, ବାରିପଦା ଓକିଲ ସଂଘର ବରିଷ୍ଠ ଆଇନଜିବୀ ପଦ୍ମଲୋଚନ ମହାନ୍ତ, ସମାଜସେବୀ ବୁଧୁରାମ ସିଂ, ମାମୁଁ ଯୋଗେଶ୍ୱର ମହାନ୍ତ, ବାପା ଗଣେଶ୍ୱର ମହାନ୍ତ, ମାତା ସାବିତ୍ରୀ ମହାନ୍ତ, ଅଜା ଉପେନ୍ଦ୍ର ମହାନ୍ତ, ଆଇ ଗୀତା ମହାନ୍ତ, ଜେଜେମା ବାରି ମହାନ୍ତ, ବଡ ମାମୁଁ ରାମେଶ୍ୱର ମହାନ୍ତ ଉପସ୍ଥିତ ଥାଇ ତାଙ୍କୁ ଉତ୍ସାହିତ କରିଥିଲେ. ଭବିଷ୍ୟତରେ ଜଣେ ପ୍ରଶାସନିକ ଅଧିକାରୀ ହେବେ ବୋଲି ଅଭିଳାଷ ଅସାବ୍ୟକ୍ତ କରିଛନ୍ତି ।

# ଭୁବନରେ ବାଦୀପାଲା ମହୋତ୍ସବ

ଭୁବନ, (ହି.ସ.)- ଭୁବନ ବିଜ୍ଞାପିତ ଅଂଚଳ ପରିଷଦ ଅନ୍ତର୍ଗତ ଗାୟତ୍ରୀ ପାଲା ମଣ୍ଡପ ଠାରେ ଗତ ୧ ତାରିଖ ଶୁକ୍ରବାର ଠାରୁ ୩୮ ତମ ବାଦୀପାଲା ମହୋତ୍ସବ ଅନୁଷ୍ଠିତ ହେଉଅଛି । ସଭାପତି ହୃଷୀକେଶ ସାହୁ, ସମ୍ପାଦକ ନରେନ୍ଦ୍ର କୁମାର ସାହୁଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ବାଦୀପାଲାରେ ଗାୟକ ଜ୍ଞାନ ବାରିଧି ଭାସ୍କର ଚନ୍ଦ୍ର ସାହୁ ଏବଂ ଗାୟକ ବାଣୀ ବିନୋଦ ପ୍ରସନ୍ନ କୁମାର ପଟ୍ଟନାୟକ ପାଲା ପରିବେଷଣ କରି ଦର୍ଶକଙ୍କ ମନୋରଞ୍ଜନ କରୁଛନ୍ତି । ସନ୍ଧ୍ୟା ପରଠାରୁ ବିଳମ୍ବିତ ରାତ୍ରି ପର୍ଯ୍ୟନ୍ତ ବାଦୀପାଲା ଦେଖିବାକୁ ପ୍ରବଳ ଜନ ସମାଗମ ହେଉଛି ।

ଲଳିତ କୁମାର ମିଶ୍ର, ବ୍ରହ୍ମାନନ୍ଦ ସାହୁ, ଯୁବରାଜ ସାଥୁଆ ମହାପାତ୍ର, ସୁରେଶ କୁମାର ସାହୁ, ରତିକାନ୍ତ ସାହୁ, ଅଜୟ କୁମାର ସେଠୀ ପ୍ରମୁଖ ସକ୍ରିୟ ଅଂଶଗ୍ରହଣ ଓ ସହଯୋଗ କରୁଛନ୍ତି । ଆସନ୍ତା ୫ ତାରିଖ ମଙ୍ଗଳବାର ବାଦୀପାଲାର ଉଦଯାପନୀ ଉତ୍ସବ ଅନୁଷ୍ଠିତ ହେବ ବୋଲି ଆୟୋଜକଙ୍କ ସୂତ୍ରରୁ ଜଣାପଡ଼ିଛି ।

# କୌଶଳ, ପରିଶ୍ରମ, ଶିକ୍ଷା ଓ ଶିଷ୍ଟାଚାର ବାଣୀର ଗୁଣକୁ ଉଜାଗର କରୁଥିବା ସଂସ୍କୃତ ସୁଭାଷିତ ସେୟାର କଲେ ପ୍ରଧାନମନ୍ତ୍ରୀ



ନୂଆଦିଲ୍ଲୀ : ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି ଯେ କୌଶଳ, ପରିଶ୍ରମ ଓ କରୁଣା ଆମ ଜୀବନରେ ଅଦ୍ଭୁତ ଶକ୍ତି । ଏହାର ମାଧ୍ୟମରେ ଆମେ କେବଳ ସମସ୍ତ ଚ୍ୟାଲେଞ୍ଜକୁ ଜୟ କରିପାରିବୁ ନୁହେଁ, ବରଂ ଏହା ଆମ ଲକ୍ଷ୍ୟ ପ୍ରାପ୍ତିରେ ମଧ୍ୟ ସହାୟକ ହୁଏ । ପ୍ରଧାନମନ୍ତ୍ରୀ ଆଜି ଏକ୍ସରେ ଏକ ସଂସ୍କୃତ ସୁଭାଷିତ ସେୟାର କରିଛନ୍ତି— "କୋ ହି ଭାରଃ ସମର୍ଥାନାଂ କିଂ ଦୂରଂ ବ୍ୟବସାୟିନାମ୍ । କୋ ବିଦେଶଃ ସୁବିଦ୍ୟାନାଂ କଃ ପରଃ ପ୍ରିୟବାଦିନାମ୍" ଏହାର ମାଧ୍ୟମରେ ସେ ବୁଝାଇଛନ୍ତି ଯେ କୌଶଳ, ପରିଶ୍ରମ ଓ କରୁଣା ଆମ ଜୀବନର ଅଦ୍ଭୁତ ଶକ୍ତି । ଏହା ଦ୍ୱାରା ଆମେ କେବଳ ପ୍ରତ୍ୟେକ ଚ୍ୟାଲେଞ୍ଜକୁ ଅତିକ୍ରମ କରିପାରିବୁ ନୁହେଁ, ବରଂ ଆମ ଲକ୍ଷ୍ୟ ସାଧନରେ ମଧ୍ୟ ସାହାଯ୍ୟ ପାଇପାରିବୁ । ଏହି ସୁଭାଷିତର ଅର୍ଥ ହେଉଛି— ସମର୍ଥ ବ୍ୟକ୍ତିଙ୍କ ପାଇଁ କୌଣସି ଭାର ଭାରୀ ନୁହେଁ, ପରିଶ୍ରମୀଙ୍କ ପାଇଁ କୌଣସି ସ୍ଥାନ ଦୂର ନୁହେଁ, ବିଦ୍ୱାନଙ୍କ ପାଇଁ କୌଣସି ଦେଶ ବିଦେଶ ନୁହେଁ ଏବଂ ମିଠା କଥା କହୁଥିବା ଲୋକଙ୍କ ପାଇଁ କେହି ପର ନୁହେଁ ।

# ଯାଜପୁର ଦୁର୍ଘଟଣାରେ ମୃତକଙ୍କ ପରିବାରକୁ ସହାୟତା ରାଶି ଘୋଷଣା କଲେ ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର : ଯାଜପୁରଠାରେ ଘଟିଥିବା ଦୁଃଖଦ ସଡ଼କ ଦୁର୍ଘଟଣାରେ କାନ୍ଦ ପୂର୍ତି (ପିତା – ଜୀବନ ପୂର୍ତି), ନମିତା ନାୟକ (ସ୍ୱାମୀ – ୰ସର୍ବେଶ୍ୱର ନାୟକ), ଗୀତା ପୂର୍ତି (ସ୍ୱାମୀ – କାନ୍ଦ ପୂର୍ତି), ବଲ୍ଲା ମୁଣ୍ଡା (ସ୍ୱାମୀ-ରତ୍ନାକର ମୁଣ୍ଡା) ଏବଂ ମାଳତୀ ମୁଣ୍ଡା (ପିତା -ରତ୍ନାକର ମୁଣ୍ଡା) ଙ୍କର ପ୍ରାଣହାନି ସମ୍ପର୍କରେ ଜାଣି ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ଗଭୀର ଶୋକ ପ୍ରକାଶ କରିବା ସହ ମୃତକଙ୍କ ପରିବାର ବର୍ଗଙ୍କ ପ୍ରତି ସମବେଦନା ଜଣାଇଛନ୍ତି । ଏଥିସହ ପ୍ରତ୍ୟେକ ମୃତକଙ୍କ ପରିବାରର ନିକଟତମ ଆତ୍ମୀୟଙ୍କ ପାଇଁ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୪ ଲକ୍ଷ ଟଙ୍କା ଲେଖାଏଁ ସହାୟତା ଘୋଷଣା କରିଛନ୍ତି । ଏହି ଦୁର୍ଘଟଣାରେ ଆହତମାନଙ୍କ ଉତ୍ତମ ଚିକିତ୍ସା ପାଇଁ ସମସ୍ତ ବ୍ୟବସ୍ଥା ସୁନିଶ୍ଚିତ କରାଯାଉଥିବାବେଳେ ମୁଖ୍ୟମନ୍ତ୍ରୀ ସମସ୍ତଙ୍କ ଆଶୁ ଆରୋଗ୍ୟ କାମନା କରିଛନ୍ତି । ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଏକ୍ସ ମାଧ୍ୟମରେ ଏହି ସୂଚନା ଦିଆଯାଇଛି ।








# ପଶ୍ଚିମବଙ୍ଗରେ ପ୍ରଥମ ଥର ପାଇଁ ପଦ୍ମ ଫୁଟାଇ ଏକ ନୂତନ ଇତିହାସ ସୃଷ୍ଟି କରିଛି : ଧର୍ମେନ୍ଦ୍ର ପ୍ରଧାନ



ପଶ୍ଚିମବଙ୍ଗ/ଭୁବନେଶ୍ୱର : ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନରେ ଭାରତୀୟ ଜନତା ପାର୍ଟିର ବିଜୟ ହେଉଛି ବଙ୍ଗର ଜନସାଧାରଣଙ୍କ ବିଜୟ । ମମତା ବାନାର୍ଜୀଙ୍କ ନେତୃତ୍ୱାଧୀନ ତୃଣମୂଳ କଂଗ୍ରେସ ସରକାରଙ୍କ ଅନ୍ୟାୟ, ଅତ୍ୟାଚାର ଏବଂ ଅହଂକାର ବିରୋଧରେ ବଙ୍ଗବାସୀ ସ୍ପଷ୍ଟ ଜନାଦେଶ ଦେଇଛନ୍ତି ବୋଲି ପ୍ରତିକ୍ରିୟା ରଖି କେନ୍ଦ୍ରମନ୍ତ୍ରୀ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି । ପଶ୍ଚିମବଙ୍ଗରେ ପ୍ରଥମ ଥର ପାଇଁ ପଦ୍ମ ଫୁଟାଇ ଏକ ନୂତନ ଇତିହାସ ସୃଷ୍ଟି କରିଥିବାରୁ ସେ ରାଜ୍ୟର ସାଧାରଣ ଜନତା ଓ କାର୍ଯ୍ୟକର୍ତ୍ତାଙ୍କୁ କୃତଜ୍ଞତା ଜଣାଇବା ସହ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ଗୃହ ମନ୍ତ୍ରୀ ଅମିତ ଶାହ ଏବଂ ରାଷ୍ଟ୍ରୀୟ ସଭାପତି ନୀତିନ ନବୀନଙ୍କୁ ଧନ୍ୟବାଦ ଜଣାଇଛନ୍ତି । ଶ୍ରୀ ପ୍ରଧାନ କହିଛନ୍ତି ପଶ୍ଚିମବଙ୍ଗରେ ମହିଳାମାନଙ୍କ ଉପରେ କ୍ରମାଗତ ଅତ୍ୟାଚାର ଏବଂ ଶାସକ ଦଳର ନେତାମାନଙ୍କ ଦ୍ୱାରା ଦିଆଯାଉଥିବା ସଂବେଦନହୀନ ମନ୍ତବ୍ୟକୁ ବଙ୍ଗର ନାରୀଶକ୍ତି ପ୍ରତ୍ୟାଖ୍ୟାନ କରିଛନ୍ତି । ମହିଳାଙ୍କ ସମ୍ମାନ ରକ୍ଷା କରିବାରେ ମମତା ସରକାର ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି । ମମତା ବାନାର୍ଜୀଙ୍କ ସରକାର ସର୍ବଦା ଜନଜାତି ବର୍ଗର ସ୍ୱାର୍ଥକୁ ଅଣଦେଖା କରିଆସିଛି । ସେହିପରି ରାଜ୍ୟର ଚାଷୀକୂଳଙ୍କୁ କେନ୍ଦ୍ରୀୟ ଯୋଜନାର ସୁଫଳରୁ ବଂଚିତ କରି ସେମାନଙ୍କ ସହ ବିଶ୍ୱାସଘାତକତା କରାଯାଇଛି । ବଙ୍ଗର ଯୁବବର୍ଗ ଆଜି ବେକାରୀ ସମସ୍ୟାରେ ଜର୍ଜରିତ । ନିଯୁକ୍ତି ସୁଯୋଗ ସୃଷ୍ଟି କରିବା ପରିବର୍ତ୍ତେ ଟିଏମସି ସରକାର ଯୁବପିଢ଼ିଙ୍କୁ ଭ୍ରମିତ କରିଆସୁଛି । ପଶ୍ଚିମବଙ୍ଗର ଜନସାଧାରଣ ମମତା ବାନାର୍ଜୀଙ୍କୁ ବିଦାୟ କରିବା ସହ ଭାରତୀୟ ଜନତା ପାର୍ଟିର ସୁଶାସନ ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱ ଉପରେ ଅତୁଟ ବିଶ୍ୱାସ ପ୍ରକଟ କରିଛନ୍ତି । ଏହି ବିଜୟ ଡକ୍ଟର ଶ୍ୟାମା ପ୍ରସାଦ ମୁଖାର୍ଜୀଙ୍କ 'ସୋନାର ବାଂଲା'ର ସ୍ୱପ୍ନ ସାକାର କରିବାରେ ଏକ ଦୃଢ଼ ମୂଳଦୁଆ ହେବ ବୋଲି ଶ୍ରୀ ପ୍ରଧାନ କହିଛନ୍ତି । ଆସାମ ବିଧାନସଭା ନିର୍ବାଚନରେ କ୍ରମାଗତ ତୃତୀୟ ଥର ପାଇଁ ବିଜେପିକୁ ପ୍ରଚଣ୍ଡ ବହୁମତ ଦେଇଥିବାରୁ ଶ୍ରୀ ପ୍ରଧାନ ସେଠାକାର ଜନସାଧାରଣଙ୍କୁ ଧନ୍ୟବାଦ ଜଣାଇଛନ୍ତି । ସେ କହିଛନ୍ତି ଯେ, ଆସାମବାସୀ କଂଗ୍ରେସର ବିଭାଜନକାରୀ ରାଜନୀତି ଓ ତୁଷ୍ଟିକରଣକୁ ପ୍ରତ୍ୟାଖ୍ୟାନ କରି ପ୍ରଧାନମନ୍ତ୍ରୀ ମୋଦୀଙ୍କ ମାର୍ଗଦର୍ଶନ ଏବଂ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱ ଶର୍ମାଙ୍କ ନେତୃତ୍ୱାଧୀନ 'ଡବଲ ଇଞ୍ଜିନ' ସରକାରଙ୍କ ବିକାଶମୂଳକ କାର୍ଯ୍ୟକୁ ସମର୍ଥନ କରିଛନ୍ତି । ଅପରପକ୍ଷରେ ତାମିଲନାଡୁରେ ବିଜେପି ପ୍ରତି ବିଶ୍ୱାସ ଓ ସମର୍ଥନ ପ୍ରକଟ କରିଥିବାରୁ ଶ୍ରୀ ପ୍ରଧାନ ଧନ୍ୟବାଦ ଜଣାଇବା ସହ ଟିଭିକେର ପ୍ରଦର୍ଶନ ପାଇଁ ଅଭିନନ୍ଦନ ଜଣାଇଛନ୍ତି । ସେହିପରି ପୁଡୁଚେରୀରେ ଏନଡିଏର ବିଜୟ ପାଇଁ ମୁଖ୍ୟମନ୍ତ୍ରୀ ଏନ. ରଙ୍ଗାସାମୀଙ୍କୁ ଶୁଭେଚ୍ଛା ଜଣାଇବା ସହ ଏହା ପ୍ରଧାନମନ୍ତ୍ରୀଙ୍କ ବିକାଶର ଦୂରଦୃଷ୍ଟି ଉପରେ ଜନସାଧାରଣଙ୍କ ଆସ୍ଥା ବୋଲି ସେ କହିଛନ୍ତି ।

# ଅସହାୟ ହିତାଧିକାରୀଙ୍କ ପାଇଁ ଘରେ ଘରେ ଭତା ପହଂଚାଇବାକୁ ନିର୍ଦ୍ଦେଶ ଦେଲେ ସରକାର

ଭୁବନେଶ୍ୱର : ମଧୁ ବାବୁ ପେନ୍ସନ୍ ଯୋଜନା (MBPY) ଅଧୀନରେ ଭତା ପାଉଥିବା ବୃଦ୍ଧ, ଅସହାୟ ଓ ଭିନ୍ନକ୍ଷମମାନଙ୍କୁ ଆଉ ଖରାରେ ବାହାରକୁ ଆସିବାକୁ ପଡ଼ିବ ନାହିଁ । ଏଣିକି ସେମାନଙ୍କୁ ସେମାନଙ୍କ ଘର ଦୁଆରମୁହଁରେ ଭତା ଯୋଗାଇ ଦିଆଯିବ । ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗର ପ୍ରମୁଖ ସଚିବ ସୁରେଶ କୁମାର ବଶିଷ୍ଠ ଏନେଇ ସମସ୍ତ ଜିଲ୍ଲାପାଳଙ୍କୁ ଜରୁରୀକାଳୀନ ଚିଠି ଲେଖିଛନ୍ତି । ଏହି ଚିଠିରେ କୁହାଯାଇଛି ଯେ, ରାଜ୍ୟର ବିଭିନ୍ନ ଅଂଚଳରେ ତାପମାତ୍ରା ୪୦ ରୁ ୪୫ ଡିଗ୍ରୀ ସେଲସିଅସ୍ ମଧ୍ୟରେ ପହଂଚିଥିବା ବେଳେ ଉପକୂଳ ଅଂଚଳରେ ଅତ୍ୟଧିକ ଆର୍ଦ୍ରତା ସହ ଗୁଳୁଗୁଳି ପରିସ୍ଥିତି ଗଭୀର ରୂପ ନେଇଛି । ଏହି ପରିସ୍ଥିତିରେ ପ୍ରତିମାସ ୧୫ ତାରିଖରେ ହେଉଥିବା ଭତା ବଂଟନ ସମୟରେ ଲୋକମାନଙ୍କ ଉପରେ ଗୁରୁତର ପ୍ରଭାବ ପଡ଼ିପାରେ । ସରକାରଙ୍କ ଆଶଙ୍କା ଯେ, ଭତା କେନ୍ଦ୍ରକୁ ଆସିବା ସମୟରେ ହିତାଧିକାରୀମାନେ ଅଂଶୁଘାତ, ଡିହାଇଡ୍ରେସନ୍ କିମ୍ବା ହିଟ୍ ଏକ୍ସହଷ୍ଟିଅନର ଶିକାର ହୋଇପାରନ୍ତି । ଏହିପରି ପରିସ୍ଥିତିରେ ସମସ୍ତ ଜିଲ୍ଲା ପ୍ରଶାସନକୁ ବଂଟନ କେନ୍ଦ୍ରରେ ପିଇବା ପାଣି, ORS ପ୍ୟାକେଟ ଓ ପ୍ରାଥମିକ ଚିକିତ୍ସା ସୁବିଧା ଯୋଗାଇବାକୁ କୁହାଯାଇଛି । ଏଥିସହ ବୃଦ୍ଧ, ଭିନ୍ନକ୍ଷମ, ଅସୁସ୍ଥ ଓ ଅସହାୟ ହିତାଧିକାରୀଙ୍କ ପାଇଁ ଘରେ ଘରେ ଭତା ପହଂଚାଇବାକୁ ବିଶେଷ ଭାବେ ନିର୍ଦ୍ଦେଶ ଦିଆଯାଇଛି ।



# ପାୱାର ସିଷ୍ଟମ ସିମୁଲେସନ ଲାବୋରେଟୋରୀର ଉଦ୍‌ଘାଟନ କଲେ ଉପ ମୁଖ୍ୟମନ୍ତ୍ରୀ ସିଂହଦେଓ




ଭୁବନେଶ୍ୱର : 'ଓଡ଼ିଶା ପାୱାର ଟ୍ରାନ୍ସମିସନ କର୍ପୋରେସନ ଲିମିଟେଡ'ପକ୍ଷରୁ ଆଜି ଚନ୍ଦକାସ୍ଥିତ ପାୱାର ଟ୍ରେନିଂ ସେଂଟର ଠାରେ ଏକ ଅତ୍ୟାଧୁନିକ ପାୱାର ସିଷ୍ଟମ ସିମୁଲେସନ ଲାବୋରେଟୋରୀ ଉଦଘାଟନ ହୋଇଛି । ଓଡ଼ିଶା ସରକାରଙ୍କ ମାନ୍ୟବର ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତିକରଣ ଏବଂ ଶକ୍ତି ମନ୍ତ୍ରୀ ଶ୍ରୀ କନକ ବର୍ଦ୍ଧନ ସିଂହଦେଓ, ଓପିଟିସିଏଲର ଅଧକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ଶ୍ରୀ ଭାସ୍କର ଜ୍ୟୋତି ଶର୍ମାଙ୍କ ଉପସ୍ଥିତିରେ ଏହି ସୁବିଧାର ଶୁଭାରମ୍ଭ କରିଛନ୍ତି । ଏହି ନୂତନ ଲାବୋରେଟୋରୀଟି ଓପିଟିସିଏଲର ବୈଷୟିକ ଦକ୍ଷତା, ଗ୍ରୀଡ୍ ପରିଚାଳନା ଏବଂ କାର୍ଯ୍ୟ ବିଶ୍ୱସନୀୟତାକୁ ସୁଦୃଢ଼ କରିବା ପାଇଁ ପରିକଳ୍ପନା କରାଯାଇଛି । ଅତ୍ୟାଧୁନିକ ସିମୁଲେସନ ଉପକରଣ ଦ୍ୱାରା ସଜ୍ଜିତ ଏହି ଲ୍ୟାବ୍ ଇଞ୍ଜିନିୟରମାନଙ୍କୁ ଜଟିଳ ଗ୍ରୀଡ୍ ପରିସ୍ଥିତିର ମଡେଲିଂ କରିବା, ଲୋଡ୍ ଫ୍ଲୋ (load flow) ବିଶ୍ଲେଷଣ କରିବା ଏବଂ ବାସ୍ତବ ସମୟରେ ବିଦ୍ୟୁତ ସଙ୍କଟ ବା ତ୍ରୁଟିପୂର୍ଣ୍ଣ ଅବସ୍ଥାର ଅନୁକରଣ କରିବାରେ ସାହାଯ୍ୟ କରିବ । ଏହାଦ୍ୱାରା ଓଡ଼ିଶାର ବର୍ଦ୍ଧିତ ଶକ୍ତି ଚାହିଦା ପୂରଣ କରିବା ଏବଂ ଅକ୍ଷୟ ଶକ୍ତିର ସଂଯୋଗୀକରଣ ପାଇଁ ଏକ ସୁଦୃଢ଼ ଓ ଭବିଷ୍ୟତ-ଉପଯୋଗୀ ଟ୍ରାନ୍ସମିସନ ନେଟୱାର୍କ ନିଶ୍ଚିତ ହୋଇପାରିବ । ଏହି ଅବସରରେ ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ କହିଛନ୍ତି ଯେ, ଏକ ଶକ୍ତିଶାଳୀ ପରିବହନ ନେଟୱାର୍କ ହିଁ ବିକଶିତ ଓଡ଼ିଶାର ମେରୁଦଣ୍ଡ । ଏହି ପାୱାର ସିଷ୍ଟମ ସିମୁଲେସନ ଲାବୋରେଟୋରୀ ଆମ ଇଞ୍ଜିନିୟରମାନଙ୍କୁ ଆଗାମୀ ଆହ୍ୱାନଗୁଡ଼ିକର ପୂର୍ବାନୁମାନ କରିବା ଶିଳ୍ପ, କୃଷି ତଥା ଘରୋଇ ଗ୍ରାହକମାନଙ୍କୁ ୨୪ଘ୭ ଗୁଣାତ୍ମକ ବିଦ୍ୟୁତ ଯୋଗାଣ ନିଶ୍ଚିତ କରିବାରେ ସହାୟତା କରିବ । ଏହି ପଦକ୍ଷେପ 'ବିକଶିତ ଓଡ଼ିଶା'ର ସ୍ୱପ୍ନ ସାକାର କରିବା ଦିଗରେ ଆମ ସରକାରଙ୍କ ଆଧୁନିକ ଓ ପ୍ରଯୁକ୍ତିଭିତ୍ତିକ ପ୍ରତିବଦ୍ଧତାକୁ ଦର୍ଶାଉଛି । ଓପିଟିସିଏଲର ଚେୟାରମ୍ୟାନ ତଥା ମ୍ୟାନେଜିଂ ଡାଇରେକ୍ଟର ଶ୍ରୀ ଭାସ୍କର ଜ୍ୟୋତି ଶର୍ମା କହିଛନ୍ତି ଯେ, ଏହି ଲ୍ୟାବ୍ ଦକ୍ଷତା ବୃଦ୍ଧି, ଗବେଷଣା ଏବଂ ନୂତନତ୍ୱ ପାଇଁ ଏକ ଉତ୍କର୍ଷ କେନ୍ଦ୍ର ଭାବେ କାର୍ଯ୍ୟ କରିବ । ଏହା ଫଚଞଉଖ ଏବଂ ଝଖଉଉ ଇଞ୍ଜିନିୟରମାନଙ୍କୁ ପ୍ରାୟୋଗିକ ତାଲିମ ପ୍ରଦାନ କରିବା ସହ ତଥ୍ୟ-ଭିତ୍ତିକ ନିଷ୍ପତି ନେବାରେ ସହାୟକ ହେବ । ଏହି ଉଦଘାଟନୀ ଉତ୍ସବରେ ଶ୍ରୀ ବି.ବି. ମେହେଟ୍ଟା (ନିର୍ଦ୍ଦେଶକ, SLDC), ଶ୍ରୀ ପ୍ରଶାନ୍ତ କୁମାର ପଟ୍ଟନାୟକ (ନିର୍ଦ୍ଦେଶକ, ଅପରେସନ), ଶ୍ରୀ ପ୍ରଦୀପ କୁମାର ଦାଶ (ନିର୍ଦ୍ଦେଶକ, ପ୍ରକଳ୍ପ), ଶ୍ରୀ ଶ୍ରୀକାନ୍ତ କୁମାର ସାହୁ (ନିର୍ଦ୍ଦେଶକ, ଅର୍ଥ) ଏବଂ ସିଜିଏମ (ମାନବ ସମ୍ବଳ ବିକାଶ) ଶ୍ରୀମତୀ ଅନିତା ମହାପାତ୍ରଙ୍କ ସମେତ ଓପିଟିସିଏଲର ବରିଷ୍ଠ ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ । ଶ୍ରୀମତୀ ମହାପାତ୍ର କାର୍ଯ୍ୟକ୍ରମ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ ।

# 'ସୁଭଦ୍ରା' ହିତାଧିକାରୀଙ୍କୁ ୬୧ କୋଟିରୁ ଅଧିକ ଟଙ୍କା ପ୍ରଦାନ କଲେ ଉପ ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର : ଉପ-ମୁଖ୍ୟମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡ଼ା ସୋମବାର ଦିନ ଭୁବନେଶ୍ୱରସ୍ଥିତ ମହିଳା ଓ ଶିଶୁ ବିକାଶ ବିଭାଗର ସମ୍ମିଳନୀ କକ୍ଷରୁ ଆଭାସୀ ମାଧ୍ୟମରେ 'ସୁଭଦ୍ରା' ଯୋଜନା ଅନ୍ତର୍ଗତ ପ୍ରଥମ, ଦ୍ୱିତୀୟ ଏବଂ ତୃତୀୟ କିସ୍ତିରୁ ବାଦ୍ ପଡ଼ିଯାଇଥିବା ୭୯ ହଜାରରୁ ଊର୍ଦ୍ଧ୍ୱ ହିତାଧିକାରୀଙ୍କୁ ୬୧ କୋଟିରୁ ଅଧିକ ଟଙ୍କା ପ୍ରଦାନ କରିଛନ୍ତି, ଯାହା DBT ମାଧ୍ୟମରେ ସିଧାସଳଖ ସେମାନଙ୍କ ବ୍ୟାଙ୍କ ଆକାଉଂଟକୁ ପଠାଯାଇଛି । ଏହା ସ୍ୱଚ୍ଛତା ଏବଂ ସଠିକ୍ ସମୟରେ ସହାୟତା ପ୍ରଦାନକୁ ନିଶ୍ଚିତ କରିଛି । ନିଷ୍କ୍ରିୟ ଘଚଉଓ ଲିଙ୍କେଜ୍, e-KYC ବାୟୋମେଟ୍ରିକ ତ୍ରୁଟି ଏବଂ ବାକି ଥିବା ଅଭିଯୋଗ ସମାଧାନ କାରଣରୁ ପ୍ରଥମ, ଦ୍ୱିତୀୟ କିମ୍ବା ତୃତୀୟ କିସ୍ତି ପାଇପାରି ନଥିବା ମହିଳାମାନେ ଏହି ତାଲିକାରେ ଅନ୍ତର୍ଭୁକ୍ତ ଅଛନ୍ତି । ସରକାରୀ ତଥ୍ୟ ଅନୁଯାୟୀ, ଏହି ଯୋଜନା ଅନ୍ତର୍ଗତ ୨୧,୯୦୧ ଜଣ ହିତାଧିକାରୀ ପ୍ରଥମ କିସ୍ତି, ୨୨,୩୪୭ ଜଣ ଦ୍ୱିତୀୟ କିସ୍ତି ଏବଂ ୭୯,୬୦୧ ଜଣ ତୃତୀୟ କିସ୍ତି ପାଇଛନ୍ତି । ବିଭିନ୍ନ ପ୍ରଶାସନିକ ସ୍ତରରେ ବିଚାରାଧୀନ ମାମଲାଗୁଡ଼ିକର ଯାଂଚ ଏବଂ ସମାଧାନ ପରେ ଏହି ଅର୍ଥ ପ୍ରଦାନ କରାଯାଇଛି । ଉପ-ମୁଖ୍ୟମନ୍ତ୍ରୀ ପ୍ରକାଶ କରିଛନ୍ତି ଯେ, କୌଣସି ଯୋଗ୍ୟ ହିତାଧିକାରୀ ଯେପରି ବାଦ୍ ନ ପଡ଼ନ୍ତି ତାହା ନିଶ୍ଚିତ କରିବାକୁ ସରକାର ପ୍ରତିବଦ୍ଧ । ବ୍ୟବସ୍ଥିତ ଯାଂଚ ଏବଂ ଅଭିଯୋଗ ନିରାକରଣ ମାଧ୍ୟମରେ ସମସ୍ତ ପ୍ରକୃତ ମାମଲାଗୁଡ଼ିକର ସମାଧାନ କରାଯାଉଛି । ସେ ପୁନର୍ବାର କହିଛନ୍ତି ଯେ 'ସୁଭଦ୍ରା' ଯୋଜନା ରାଜ୍ୟରେ ମହିଳାମାନଙ୍କ ଆର୍ଥିକ ସଶକ୍ତିକରଣ ଦିଗରେ ଏକ ପ୍ରମୁଖ ପଦକ୍ଷେପ । ଏହି କାର୍ଯ୍ୟକ୍ରମରେ ମହିଳା ଓ ଶିଶୁ ବିକାଶ ବିଭାଗର କମିଶନର-ତଥା-ଶାସନ ସଚିବ ଡ଼ଃ ମୃଣାଳିନୀ ଦର୍ଶ୍ୱାଲ, କାର୍ଯ୍ୟକାରୀ ନିର୍ଦ୍ଦେଶିକା ଶ୍ରୀମତୀ ସ୍ୱୟଂ ପ୍ରଭା ମହାନ୍ତି, ଏବଂ ଅତିରିକ୍ତ ଶାସନ ସଚିବ, ଶ୍ରୀ କୃତିବାସ ରାଉତଙ୍କ ସମେତ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀ ଓ ୩୦ଟି ଜିଲ୍ଲାର ପ୍ରଶାସନିକ ଅଧିକାରୀମାନେ ଆଭାସୀ ମାଧ୍ୟମରେ ଯୋଗ ଦେଇଥିଲେ ।

# ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ନବୀକୃତ ସମ୍ମିଳନୀ କକ୍ଷର ଶୁଭାରମ୍ଭ କଲେ ରାଜସ୍ୱ ମନ୍ତ୍ରୀ



ଭୁବନେଶ୍ୱର : ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ଲୋକସେବା ଭବନଠାରେ ମାନ୍ୟବର ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ମନ୍ତ୍ରୀ ଶ୍ରୀ ସୁରେଶ ପୂଜାରୀଙ୍କ ଦ୍ୱାରା ନବୀକୃତ ସମ୍ମିଳନୀ କକ୍ଷର ନୂତନ ଭାବେ ଶୁଭାରମ୍ଭ ହୋଇଯାଇଛି । ଏହି ଅବସରରେ ସକାଳୁ ଶୁଭ ବେଳାରେ ପାରମ୍ପରିକ ପୂଜା ଅନୁଷ୍ଠିତ ହେବା ସହ ମହାପ୍ରଭୁଙ୍କ ଆଶୀର୍ବାଦସ୍ୱରୁପ ଶ୍ରୀକ୍ଷେତ୍ରରୁ ମହାପ୍ରଭୁଙ୍କ କରପଲ୍ଲବ ଫୁଲ ଆସିଥିଲା । ସମ୍ମିଳନୀ କକ୍ଷକୁ ଶୁଭାରମ୍ଭ କରି ମାନ୍ୟବର ମନ୍ତ୍ରୀ ଖୁସି ବ୍ୟକ୍ତ କରିବା ସହ ଏହା ରାଜସ୍ୱ ବିଭାଗର ନବକଳେବରର ପ୍ରତୀକ ବୋଲି ମତପ୍ରକାଶ କରିଥିଲେ । ଏହି ଅବସରରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଡ. ଅରବିନ୍ଦ ପାଢ଼ୀ ଏହି ନବୀକୃତ ସମ୍ମିଳନୀ କକ୍ଷ ରାଜସ୍ୱ ବିଭାଗର ନୂତନ ସଂସ୍କାରମୂଳକ ପଦକ୍ଷେପମାନଙ୍କୁ ପ୍ରତିଫଳିତ କରୁଥିବା ବେଳେ ବିଭାଗର ସାମର୍ଥ୍ୟ ଏବଂ କାର୍ଯ୍ୟକାରିତା ବୃଦ୍ଧି କରିବା ଦିଗରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିବ ବୋଲି ମତବ୍ୟକ୍ତ କରିଥିଲେ । ନବୀକୃତ ସମ୍ମିଳନୀ କକ୍ଷରେ ପ୍ରଥମ ବୈଠକରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ବିଭିନ୍ନ ସଫଳତା, ପାରଦର୍ଶୀ କାର୍ଯ୍ୟକ୍ରମ ଏବଂ ଆଗାମୀ ଦିନମାନଙ୍କରେ ବିଭାଗର କାର୍ଯ୍ୟଧାରା ସମ୍ପର୍କରେ ଏକ ଉପସ୍ଥାପନା ପ୍ରଦର୍ଶିତ ହୋଇଥିଲା । ମାନ୍ୟବର ମନ୍ତ୍ରୀଙ୍କ ପରାମର୍ଶ ସହ ବିଭାଗର ବିଭିନ୍ନ ପ୍ରସଙ୍ଗରେ ସୁବିସ୍ତୃତ ଆଲୋଚନା ହୋଇଥିଲା । ଏହି ଅବସରରେ ନବୀକରଣ କାର୍ଯ୍ୟକୁ ସମ୍ପନ୍ନ କରିଥିବା ନିର୍ମାଣ ବିଭାଗର ଅଧିକାରୀଙ୍କୁ ଧନ୍ୟବାଦ ଅର୍ପଣ କରାଯାଇଥିଲା । ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ସମସ୍ତ ବରିଷ୍ଠ ଅଧିକାରୀବୃନ୍ଦ ଉପସ୍ଥିତ ରହିଥିଲେ ।

# ମେ' ଓ ଜୁନ୍ ମାସରେ ଓଡ଼ିଶାକୁ ଡରାଇବ ଗ୍ରୀଷ୍ମ ପ୍ରବାହ : ଆହୁରି ବଢ଼ିବ ତାତି



ଭୁବନେଶ୍ୱର : ଏପ୍ରିଲର ଅସମ୍ଭାଳ ତାତି ପରେ ଓଡ଼ିଶାବାସୀଙ୍କୁ ଆଗକୁ ମଧ୍ୟ ନିସ୍ତାର ମିଳିବାର ନାହିଁ । ମେ' ଏବଂ ଜୁନ୍ ମାସ ପାଇଁ ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ ଏକ ତାଜା ସତର୍କ ସୂଚନା ବା ଆଡଭାଇଜରି ଜାରି କରାଯାଇଛି । ପୂର୍ବାନୁମାନ ଅନୁଯାୟୀ, ଆଗାମୀ ଦୁଇ ମାସ ଓଡ଼ିଶା ସମେତ ପୂର୍ବ ଉପକୂଳର ବିଭିନ୍ନ ଅଂଚଳରେ ସ୍ୱାଭାବିକ ଠାରୁ ଅଧିକ ଗରମ ଅନୁଭୂତ ହେବ । ଏହି ବର୍ଦ୍ଧିତ ତାପମାତ୍ରା ରାଜ୍ୟବାସୀଙ୍କ ପାଇଁ ଚିନ୍ତାର କାରଣ ପାଲଟିଛି । ଆଇଏମ୍‌ଡିର ରିପୋର୍ଟ ଅନୁସାରେ, ଓଡ଼ିଶା ବ୍ୟତୀତ ଦେଶର ଅନ୍ୟ କେତେକ ପ୍ରାନ୍ତରେ ମଧ୍ୟ ପ୍ରବଳ ଗରମ ହେବାର ଆଶଙ୍କା ରହିଛି । ବିଶେଷ କରି ହିମାଳୟର ପାଦଦେଶ ଅଂଚଳ, ଉପକୂଳବର୍ତ୍ତୀ ଆନ୍ଧ୍ରପ୍ରଦେଶ, ତାମିଲନାଡୁ, ଗୁଜରାଟ ଏବଂ ମହାରାଷ୍ଟ୍ରରେ ସ୍ଥିତି ସଙ୍ଗୀନ ରହିବ । ଏହି ସବୁ ଅଂଚଳରେ ସ୍ୱାଭାବିକ ଠାରୁ ପ୍ରାୟ ୨ ରୁ ୪ ଦିନ ଅଧିକ ଲୁ' ବା ହିଟ୍ ୱେଭ୍ ପ୍ରବାହିତ ହେବାର ସମ୍ଭାବନା ରହିଛି ବୋଲି ପାଣିପାଗ ବିଭାଗ ସ୍ପଷ୍ଟ କରିଛି । ଆଇଏମ୍‌ଡି ମହାନିର୍ଦ୍ଦେଶକ ମୃତ୍ୟୁଞ୍ଜୟ ମହାପାତ୍ରଙ୍କ ସୂଚନା ଅନୁଯାୟୀ, ସାଧାରଣତଃ ମେ' ଏବଂ ଜୁନ୍ ମାସରେ ହାରାହାରି ୩ ରୁ ୭ ଦିନ ପର୍ଯ୍ୟନ୍ତ ହିଟ୍ ୱେଭ୍ ଅନୁଭୂତ ହୋଇଥାଏ । କିନ୍ତୁ ଚଳିତ ବର୍ଷ ସ୍ଥିତି ସାମାନ୍ୟ ଭିନ୍ନ ରହିବ ।

# ମୁମ୍ବାଇକୁ ୨୨୯ ରନ୍‌ର ବିଜୟ ଲକ୍ଷ୍ୟ ଦେଲା ଲକ୍ଷ୍ନୌ



ମୁମ୍ବାଇ : ଇଣ୍ଡିଆନ୍ ପ୍ରିମିୟର ଲିଗ୍ (ଆଇପିଏଲ୍) ୨୦୨୬ର ୪୭ତମ ମୁକାବିଲା ମୁମ୍ବାଇ ଇଣ୍ଡିଆନ୍ସ ଏବଂ ଲକ୍ଷ୍ନୌ ସୁପର ଜାଏଂଟସ୍ ମଧ୍ୟରେ ଖେଳାଯାଇଛି । ୱାଙ୍ଖେଡେ ଷ୍ଟାଡିୟମରେ ସୋମବାର ଦିନ ଏହି ମୁକାବିଲା ହୋଇଛି । ଟସ୍ ଜିଣି ମୁମ୍ବାଇ ପ୍ରଥମେ ବୋଲିଂ ନିଷ୍ପତି ନେଇଥିଲା । ଲକ୍ଷ୍ନୌ ଟିମ୍ ନିର୍ଦ୍ଧାରିତ ୨୦ ଓଭରରେ ୫ଟି ୱିକେଟ୍ ହରାଇ ୨୨୮ ରନ୍ କରିଛି । ଏହି ମ୍ୟାଚ୍ ଜିତିବା ପାଇଁ ମୁମ୍ବାଇକୁ ୨୨୯ ରନ୍‌ର ଲକ୍ଷ୍ୟ ମିଳିଛି । ଲକ୍ଷ୍ନୌର ଇନିଂସରେ ନିକୋଲାସ ପୁରନ ବିସ୍ଫୋରକ ବ୍ୟାଟିଂ କରିଥିଲେ । ସେ ୬୩ ରନ୍ ସଂଗ୍ରହ କରିବାକୁ ୨୧ଟି ବଲ୍‌ର ସମ୍ମୁଖୀନ ହୋଇଥିଲେ । ଗୋଟିଏ ଚୌକା ଏବଂ ୮ଟି ଛକା ମାରିଥିଲେ । ପ୍ରାରମ୍ଭିକ ବ୍ୟାଟର ମିଚେଲ ମାର୍ଶ ୨୫ଟି ବଲ୍ ଖେଳି ୪୪ ରନ୍ ସଂଗ୍ରହ କରିଥିଲେ । ସେ ୪ଟି ଚୌକା ଏବଂ ୩ଟି ଛକା ମାରିଥିଲେ । ହିମ୍ମତ ସିଂହ ଅପରାଜିତ ୪୦ ରନ୍ କରିଥିଲେ । ସେ ୩୧ଟି ବଲ୍ ଖେଳି ୨ଟି ଚୌକା ଏବଂ ୨ଟି ଛକା ମାରିଥିଲେ । ଐଡେନ ମାର୍କରାମ ୨୫ଟି ବଲ୍ ଖେଳି ୩୧ ରନ୍ ସଂଗ୍ରହ କରିଥିଲେ । ସେ ଗୋଟିଏ ଚୌକା ଏବଂ ଗୋଟିଏ ଛକା ମାରିଥିଲେ ।







Printed & Published by **Kishore Das**, Owner & Editor **Nirmalya Mohanty** & Printed at **Nirmalya Offset Press**, Neliabag, Balasore & Published at Balasore, Gopalgaon, Balasore, Odisha, Pin-756001, Telefax-262694, Phone-(R)269427, 266035,
Managing Editor- **Laxminarayan Mohanty**, ପରିଚାଳନା ସମ୍ପାଦକ- ଲକ୍ଷ୍ମୀନାରାୟଣ ମହାନ୍ତି
BBSR (Office) Telefax- 0674-2395135, Editor- **Nirmalya Mohanty**, ସମ୍ପାଦକ- **ନିର୍ମାଲ୍ୟ ମହାନ୍ତି**